READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524



ବର୍ଷ-୧୦ | ସଂଖ୍ୟା-୧୨ | ୩୦ ମାର୍ଚ୍ଚ - ୫ ଏପ୍ରିଲ, ୨୦୨୬ | ଭୁବନେଶ୍ୱର | Monday Weekly | VOL-10 | ISSUE-12 | 30th MARCH - 5th APRIL, 2026 | BHUBANESWAR | ₹ 5/- (8 Pages)

### ବିରୋଧୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ କଡ଼ା ଜବାବ

## ପୂର୍ବ ସରକାରଙ୍କ 'ଅପରାଧ ପ୍ରେମ' ଶେଷ

**ଭୁବନେଶ୍ୱର :** ଅପରାଧୀଙ୍କ ପ୍ରତି ପୂର୍ବ ସରକାର ସମୟରେ ଥିବା କୋହଳ ମନୋଭାବ, ପ୍ରେମ ଓ ରାଜନୈତିକ ସୁରକ୍ଷାର ଅନ୍ତ ଘଟିସାରିଛି। ପୂର୍ବରୁ ପୋଲିସର ହାତକୁ ପିଠି ପଛରେ ବାନ୍ଧି ଦେଇ ଅପରାଧୀଙ୍କ ବିରୋଧରେ ଲଢ଼େଇ କରିବାକୁ କୁହାଯାଉଥିଲା। କିନ୍ତୁ ମୁଁ ତାଙ୍କୁ ଏହି ବନ୍ଧନରୁ ମୁକ୍ତ କରିଦେଇଛି। ପୋଲିସ ବିନା ରାଜନୈତିକ ଚାପରେ ଆଇନର ମର୍ଯ୍ୟାଦା ଭିତରେ ରହି କାର୍ଯ୍ୟ କରୁଛି। ବିଧାନସଭାରେ ଗୃହ ବିଭାଗର ଖର୍ଚ୍ଚଦାବି ଆଲୋଚନାର ଉତ୍ତର ରଖିଲା ବେଳେ ବିରୋଧୀ ଦଳକୁ ଏମିତି ଟାର୍ଗେଟ୍ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ପୋଲିସକୁ ପ୍ରଶଂସା କରି କହିଛନ୍ତି, ଗତ ୨୧ ମାସରେ ଓଡ଼ିଶା ପୁଲିସ ପ୍ରଶଂସନୀୟ କାର୍ଯ୍ୟ କରି ଶାନ୍ତିପ୍ରିୟ ରାଜ୍ୟର ପରିଚୟକୁ ବଜାୟ ରଖିଛି। ବିଧାନସଭାରେ ବିରୋଧୀମାନେ 'ଦୁର୍ବଳ ମୁଖ୍ୟମନ୍ତ୍ରୀ' ବୋଲି ଆକ୍ଷେପ କରିଥିଲେ। ଏହାର ଜବାବ ରଖିଛନ୍ତି ଶ୍ରୀ ମାଝୀ। ସେ



କହିଛନ୍ତି, ୨୦୧୯ରୁ ୨୦୨୪ ମଧ୍ୟରେ ଲୋକ ଦେଖୁଥିଲେ କିଏ ସବଳ ଓ କିଏ ଦୁର୍ବଳ ହେଉଛି। ମୁଖ୍ୟମନ୍ତ୍ରୀ ଦୁର୍ବଳ ହେଉଥିଲେ। ଜଣେ ସବଳ ସ୍ୱାସ୍ଥ୍ୟ ମନ୍ତ୍ରୀ ଉଠୁଥିଲେ। କିନ୍ତୁ ତାଙ୍କୁ ହତ୍ୟା କରାଗଲା। ସେହି ହତ୍ୟାକାଣ୍ଡର ପର୍ଦ୍ଦାଫାସ ହେଲା ନାହିଁ। ୧୬ ତାରିଖ (ରାଜ୍ୟସଭା ନିର୍ବାଚନ)ର ଘଟଣାକୁ ନେଇ ବିରୋଧୀ ବିବ୍ରତ ଅଛନ୍ତି। ସେଦିନ ବିଧାୟକମାନେ ନୀଳ ରଙ୍ଗର ଲୁଙ୍ଗି ପିନ୍ଧିକି ବି କିଛି ଲାଭ ହେଲା ନାହିଁ। ତେବେ ଖୋର୍ଦ୍ଧା ଲୁଙ୍ଗିର ଯାହା ପ୍ରଚାର ହେଲା। ଆଉ କିଛି ହେଲା ନାହିଁ। ରାଜ୍ୟସଭା ନିର୍ବାଚନ ଓ ପୂର୍ବରୁ ନୂଆପଡ଼ା ଉପନିର୍ବାଚନର ଫଳାଫଳ ସମସ୍ତେ ଦେଖିଥିଲେ। ଏଥିରୁ କିଏ ଦୁର୍ବଳ, କିଏ ସବଳ ତାହାର ସଂଜ୍ଞା ରାଜ୍ୟବାସୀ ନିରୂପଣ କରିବେ। ମୁଖ୍ୟମନ୍ତ୍ରୀ କହିଥିଲେ, ବିରୋଧୀ ଦଳ ପକ୍ଷରୁ ମହିଳା ହିଂସାକୁ ନେଇ ଅନେକ ତମ୍ବିତୋଫାନ କରାଯାଉଛି, ଯେପରି ଆମ ସମୟରେ ମହିଳା ହିଂସା ଆରମ୍ଭ ହୋଇଥିଲା। ମୁଁ ସ୍ପଷ୍ଟ କରୁଛି ଯେ ମହିଳାଙ୍କ ବିରୋଧରେ ଗୋଟିଏ ବି ହିଂସା କି ନିର୍ଯାତନା ମୋ ପାଇଁ ଗ୍ରହଣୀୟ ନୁହେଁ। ଆମ ସରକାର ଦୃଢ଼ ହସ୍ତରରେ ମହିଳାଙ୍କ ବିରୋଧରେ ହିଂସାକୁ ରୋକିବା ପାଇଁ କାର୍ଯ୍ୟ କରୁଛନ୍ତି। ୨୪ ବର୍ଷର ତଥାକଥିତ ସୁଶାସନ ସମୟରେ ମହିଳା ହିଂସା ବିରୋଧରେ ଦଣ୍ଡହାର ଲଜ୍ଜାଜନକ ଥିଲା। ୨୦୨୨ ମସିହାରେ ମହିଳା ହିଂସା ବିରୋଧରେ ଦଣ୍ଡବିଧାନ ହାର ଥିଲା ମାତ୍ର ୯.୨%। ୨୦୨୩ରେ ତାହା କମି ୬.୭%କୁ ଖସିଆସିଲା। କିନ୍ତୁ ୨୦୨୫ ମସିହାର ପ୍ରଥମ ଛଅ ମାସରେ ମହିଳା ହିଂସା ଅପରାଧୀଙ୍କ ବିରୋଧରେ ଦଣ୍ଡବିଧାନ ହାର ୪୧ ପ୍ରତିଶତ ହୋଇଛି। ଜୁନ ମାସରେ ଏହା ୬୨%କୁ ବୃଦ୍ଧି ପାଇଛି। ଏହି ଦଣ୍ଡବିଧାନ ହାର ବୋଧହୁଏ ସାରା ଦେଶରେ ଅଧିକ। ମହିଳାମାନଙ୍କୁ ମୁଁ ଦୃଢ଼ ପ୍ରତିଶ୍ରୁତି ଦେଉଛି ଯେ ସେମାନଙ୍କ ବିରୋଧରେ ହିଂସା ଓ ନିର୍ଯାତନା ଘଟାଉଥିବା ଅପରାଧୀଙ୍କ ସ୍ଥାନ ସଭ୍ୟ ସମାଜରେ ନୁହେଁ, ଜେଲ୍‌ରେ। ସାଇବର ଅପରାଧର ଭୟାବହତାକୁ ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ କହିଲେ, ସାଇବର ଅପରାଧ ଏକ ବଡ଼ ଆହ୍ୱାନ ଭାବେ ଛିଡ଼ା ହୋଇଛି। ଟେକ୍ନୋଲୋଜି ଆମକୁ ଅନେକ ସୁବିଧା ଦେଇଛି ସତ। କିନ୍ତୁ ଏହାକୁ ବ୍ୟବହାର କରି ଅପରାଧୀମାନେ ଅପରାଧ ଘଟାଇ ଚାଲିଛନ୍ତି। ଅର୍ଥନୈତିକ ଠକେଇ ଓ ଯୌନ ନିର୍ଯାତନା ଏବେ ଚିନ୍ତାର କାରଣ ପାଲଟିଛି।

➤ ପୃ-୬

### ନୂଆ ଅବକାରୀ ନୀତି ଘୋଷଣା

## ନିଶାମୁକ୍ତି ପାଇଁ ସ୍ୱତନ୍ତ୍ର ସେସ୍

**ଭୁବନେଶ୍ୱର :** ଦୀର୍ଘ ପ୍ରାୟ ୨୦ମାସ ପରେ ରାଜ୍ୟର ବିଜେପି ସରକାର ନିଜସ୍ୱ ଯୁଗାନ୍ତକାରୀ ଅବକାରୀ ନୀତି ପ୍ରଣୟନ କରିଛନ୍ତି। ଆସନ୍ତା ୩ବର୍ଷ ପାଇଁ ଏହି ନୂଆ ଅବକାରୀ ନୀତି ଘୋଷଣା କରିଛନ୍ତି, ଯାହାକି ଏପ୍ରିଲ ୧ରୁ କାର୍ଯ୍ୟକ୍ଷମ ହେବ। ଏହି ନୂଆ ନୀତିରେ ମଦ୍ୟପାନକୁ ଏକ କ୍ଷତିକାରକ ଅଭ୍ୟାସ ଭାବେ ସରକାର ସ୍ୱୀକାର କରି ପ୍ରଥମଥର ପାଇଁ ଅବକାରୀ ଶୁଳ୍କ ଉପରେ ୦.୫% 'ଡି ଆଡିକ୍ସନ ସେସ୍ ବା ନିଶା ନିବାରଣ କର' ଲାଗୁ କରାଯିବାକୁ ନିଷ୍ପତ୍ତି ହୋଇଛି। ପୂର୍ବରୁ ପ୍ରଚଳିତ ବାର୍ଷିକ ଅବକାରୀ ନୀତି ବଦଳରେ ଏହି ତ୍ରୈବାର୍ଷିକ ନୀତି ମାଧ୍ୟମରେ ସରକାର ମଦ କାରବାରକୁ ଅଧିକ ନିୟନ୍ତ୍ରିତ କରିବା ସହ ରାଜ୍ୟରେ ମଡେଲ ନିଶା ନିବାରଣ କେନ୍ଦ୍ର ସ୍ଥାପନ ଓ ପରିଚାଳନା ଉପରେ ମଧ୍ୟ ଗୁରୁତ୍ୱ ଦେଇଛନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପୁରୀ ବଡ଼ଦାଣ୍ଡରେ ମଦ ଦୋକାନ ରହିବା ଉପରେ ମଧ୍ୟ କଟକଣା ଜାରି ହୋଇଛି। ରାଜ୍ୟ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ବିଧାନସଭାରେ ଏହି ନୂଆ ଅବକାରୀ ନୀତି ସମ୍ପର୍କରେ ସୂଚନା ଦେଇଛନ୍ତି। ରାଜ୍ୟର




ବିଜେପି ସରକାର କ୍ଷମତାକୁ ଆସିବା ପରେ ନିଜସ୍ୱ ଅବକାରୀ ନୀତି ପ୍ରଣୟନ କରିପାରିନଥିଲା। ପୂର୍ବରୁ ବିଜେଡି ସରକାରର ଅବକାରୀ ନୀତିରେ ସାମାନ୍ୟ ପରିବର୍ତ୍ତନ କରି ଏହାକୁ କାମଚଳା ଭାବେ ଜାରି ରଖିଥିଲେ। କିନ୍ତୁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ବିଧାନସଭାରେ ବିଜେପି ସରକାରର ନିଜସ୍ୱ ତଥା ପ୍ରଥମ ଅବକାରୀ ନୀତି ଘୋଷଣା କରିଛନ୍ତି। ଯାହାକି ଆସନ୍ତା ଏପ୍ରିଲ ୧ରୁ ରାଜ୍ୟରେ କାର୍ଯ୍ୟକ୍ଷମ ହେବ ଓ ୨୦୨୯ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ। ଧାର୍ମିକ ଭାବନାକୁ ସମ୍ମାନ ଜଣାଇ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ଓ ବଡ଼ଦାଣ୍ଡର ଉଭୟ ପାର୍ଶ୍ୱରେ କୌଣସି ଅବକାରୀ ଦୋକାନ ଚାଲିବ ନାହିଁ। ସମଗ୍ର ରାଜ୍ୟରେ ଘରକୁ ମଦ ପହଂଚାଇବା ବା 'ହୋମ୍ ଡେଲିଭରି' ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରାଯାଇଛି। ନୂଆ ଅବକାରୀ ନୀତିରେ

➤ ପୃ-୬

### ବିଧାୟକ-ମନ୍ତ୍ରୀଙ୍କ ଦରମା ବୃଦ୍ଧି; ଜନଅସନ୍ତୋଷ ପରେ ସରକାରଙ୍କ ୟୁଟର୍ଣ୍ଣ

## ପ୍ରତ୍ୟାହାର ହେବ ବିଲ୍

**ଭୁବନେଶ୍ୱର :** ଜନସାଧାରଣଙ୍କ ତୀବ୍ର ବିରୋଧ ଓ ସମାଲୋଚନା ପରେ ରାଜ୍ୟ ସରକାର ୟୁଟର୍ଣ୍ଣ ନେଇଛନ୍ତି।ଗତ ଡିସେମ୍ବର ମାସରେ ବିଧାନସଭାରେ ଗୃହୀତ ବିଧାୟକ, ମନ୍ତ୍ରୀ, ବାଚସ୍ପତି ଓ ଉପବାଚସ୍ପତିଙ୍କ ଦରମା ଓ ପେନସନ୍ ବୃଦ୍ଧି ସମ୍ପର୍କିତ ୪ଟି ଗୁରୁତ୍ୱପୂର୍ଣ୍ଣ ସଂଶୋଧନ ବିଲକୁ ପ୍ରତ୍ୟାହାର ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ଏହି ବିଲଗୁଡ଼ିକ ପ୍ରତ୍ୟାହାର ପାଇଁ ଦେଇଥିବା ନୋଟିସ୍ ସମ୍ପର୍କରେ ବିଧାନସଭା ସଚିବ ସତ୍ୟବ୍ରତ ସାହୁ ସମସ୍ତ ବିଧାୟକମାନଙ୍କୁ ସୂଚନା ଦେଇଛନ୍ତି। ଓଡ଼ିଶା ବିଧାନସଭା ସଚିବ ସତ୍ୟବ୍ରତ ସାହୁ ସମସ୍ତ ବିଧାୟକମାନଙ୍କୁ ଚିଠି ଲେଖି ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ଦେଇଥିବା ନୋଟିସ୍ ସମ୍ପର୍କରେ ଅବଗତ କରାଇଛନ୍ତି। ମନ୍ତ୍ରୀ ଶ୍ରୀ ମହାଲିଙ୍ଗ ପୂର୍ବରୁ ବିଧାନସଭାରେ ଗୃହୀତ ହୋଇଥିବା ବିଧାୟକ-ମନ୍ତ୍ରୀ-ବାଚସ୍ପତି-ଉପବାଚସ୍ପତିଙ୍କ ଦରମା ଓ ବିଧାୟକଙ୍କ ପେନସନ୍ ବୃଦ୍ଧି ସଂକ୍ରାନ୍ତୀୟ ୪ଟି ବିଲ୍ ପ୍ରତ୍ୟାହାର କରିବା ନିମନ୍ତେ ଗୃହରେ ଏକ ପ୍ରସ୍ତାବ ଆଗତ କରିବାକୁ ଏହି ନୋଟିସ୍ ପଠାଇଥିବା ନେଇ ଶ୍ରୀ ସାହୁ ସୂଚନା ଦେଇଛନ୍ତି। ସରକାର ଚଳିତ ବଜେଟ୍ ଅଧିବେଶନରେ ଏହି ବିଲଗୁଡ଼ିକ ପ୍ରତ୍ୟାହାର ପାଇଁ ମୋସନ୍ ଆକାରରେ ପ୍ରସ୍ତାବ ଆଣି ତାକୁ ପାରିତ କରିବାର ସମ୍ଭାବନା ରହିଛି। ୨୦୨୫ ଡିସେମ୍ବରରେ ଶୀତକାଳୀନ ଅଧିବେଶନ ସମୟରେ ରାଜ୍ୟର ବିଜେପି ସରକାର ବିଧାୟକଙ୍କ ଦରମା, ଭତ୍ତା ଓ ପେନସନ ସମେତ ମନ୍ତ୍ରୀ-ବାଚସ୍ପତିଙ୍କ ଦରମା ସଂକ୍ରାନ୍ତୀୟ ୪ଟି ବିଲ୍ ଗୃହରେ ପାରିତ କରାଇ ନେଇଥିଲେ। ଏହି ବିଲକୁ ସେବେ



ବିଜେପି, ବିଜେଡି ଓ କଂଗ୍ରେସ ବିଧାୟକମାନେ ସର୍ବସମ୍ମତିକ୍ରମେ ସମର୍ଥନ କରିଥିଲେ। କେବଳ ସିପିଆଇଏମ୍ ବିଧାୟକ ଏହି ବିଲକୁ ସେବେ ବିରୋଧ କରିଥିଲେ। ଏହି ବିଲରେ ବିଧାୟକମାନଙ୍କ ଦରମା ୧ଲକ୍ଷରୁ ସାଢ଼େ ୩ଲକ୍ଷ ଟଙ୍କାକୁ ବୃଦ୍ଧି ସହ ପୂର୍ବତନ ବିଧାୟକମାନଙ୍କୁ ପେନସନ ଓ ଅନ୍ୟାନ୍ୟ ଭତ୍ତା ମିଶାଇ ସର୍ବନିମ୍ନ ମୋଟ୍ ପ୍ରାୟ ୧ଲକ୍ଷ ଟଙ୍କା ମାସିକ ଦେବାର ପ୍ରାବଧାନ ହୋଇଥିଲା। ଏହି ବର୍ଦ୍ଧିତ ଦରମା ଓ ପେନସନ ପିଛିଲା ଭାବେ ୨୦୨୪ ଜୁନରୁ ଲାଗୁ ହେବ ବୋଲି ମଧ୍ୟ ବିଲରେ ବ୍ୟବସ୍ଥା ରହିଥିଲା। ତେବେ ୨୦୨୫ ଡିସେମ୍ବର ୧୦ତାରିଖରେ ଏହି ବିଲ୍ ପାରିତ ହେବାପରେ ରାଜ୍ୟବ୍ୟାପୀ ତୀବ୍ର ଜନଆକ୍ରୋଶ ଦେଖିବାକୁ ମିଳିଥିଲା। ସୋସିଆଲ ମିଡିଆରେ ପ୍ରବଳ ସମାଲୋଚନା ହୋଇଥିଲା। ବିଜେଡି ସୁପ୍ରିମୋ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ନିଜେ ବର୍ଦ୍ଧିତ ଦରମା ନେବେ ନାହିଁ ବୋଲି ଡିସେମ୍ବର ୧୩ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖି ଜଣାଇବା ପରେ ରାଜ୍ୟ ରାଜନୀତିକୁ ଉଷ୍ମ ହୋଇଥିଲା। ଏହାର ସପ୍ତାହେ ନପୁରୁଣୁ ବିଜେପି ବିଧାୟକମାନେ ମଧ୍ୟ ବର୍ଦ୍ଧିତ ଦରମା ବିଲ୍ ପ୍ରତ୍ୟାହାର ପାଇଁ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଲିଖିତ ଭାବେ ଅନୁରୋଧ କରିଥିଲେ।

➤ ପୃ-୬

### ଟଙ୍କା ନେଲେ, ଜମି ଦେଲେନି

## ଥାନାରେ ମାମଲା

**ଭୁବନେଶ୍ୱର :** ବୀଣା ଭର୍ସିଁକାଙ୍କ ଠାରୁ ନିଜର ଜମି ବିକ୍ରି କରିବାର ଚୁକ୍ତି କରି ବ୍ୟାଙ୍କ ଜରିଆରେ ୮୫ଲକ୍ଷ ଏବଂ ନଗଦ ଆକାରରେ ୧୦ଲକ୍ଷ ଟଙ୍କା ନେଇଥିଲେ ଆରାଧନା ଦାସ। ମାତ୍ର ଶ୍ରୀମତୀ ଦାସ ଜମି ରେଜିଷ୍ଟ୍ରି କଲେନି କିମ୍ବା ଚୁକ୍ତି ଅନୁସାରେ ବୀଣାଙ୍କୁ ତାଙ୍କର ଟଙ୍କା ଫେରେଇଲେ ନାହିଁ। ସମୟ ଗଡି ଚାଲିବାରୁ ଅଭିଯୋଗକାରୀ ମହିଳା ନିଜ ସ୍ୱାମୀଙ୍କ ଜରିଆରେ କଟକ ସିଡିଏ ଥାନାର ଦ୍ୱାରସ୍ଥ ହେଲେ। ଲିଖିତ ଅଭିଯୋଗ ପରେ ପୋଲିସ ଏହାର ପ୍ରାଥମିକ ତଦନ୍ତ କରି ରିପୋର୍ଟ ପ୍ରସ୍ତୁତ କରିଥିଲେ ବି କାର୍ଯ୍ୟାନୁଷ୍ଠାନ ଶୂନ୍। କାରଣ ଟଙ୍କା ନେଇଥିବା ମହିଳା ସରକାରଙ୍କର ଜଣେ ପଦସ୍ଥ ଅଫିସର। ଅଭିଯୋଗକାରୀ କମଳ କୁମାର ଭର୍ସିଁକା ଶ୍ରୀମତୀ ଦାସଙ୍କ ନାମରେ ଏହି ଅଭିଯୋଗ କରିଛନ୍ତି। ଅଭିଯୋଗରେ ଦର୍ଶାଯାଇଛି ଯେ, କମଳଙ୍କ ପତ୍ନୀ ବୀଣା ଭର୍ସିଁକା ଶ୍ରୀମତୀ ଦାସଙ୍କ ଠାରୁ ଜମି କିଣିବା ପାଇଁ ମୋଟ ୯୫ଲକ୍ଷ ଟଙ୍କା ଦେଇଥିଲେ ବି ଶ୍ରୀମତୀ ଦାସ ଜମି ରେଜିଷ୍ଟ୍ରି ନକରିବାରୁ ଟଙ୍କା ଫେରସ୍ତ ପାଇଁ କମଳ ବାରମ୍ବାର ଟଙ୍କା ଫେରସ୍ତ ପାଇଁ ଯାଇ ହତାସ ହୋଇ ଫେରିଥିଲେ। ଯେଉଁଥିପାଇଁ ବାଧ ହୋଇ ସେ ଆଇନର ଆଶ୍ରୟ ନେଇଛନ୍ତି। କିନ୍ତୁ ପୋଲିସ ତଦନ୍ତ ସାରିଥିଲେ ବି ଏପର୍ଯ୍ୟନ୍ତ କମଳଙ୍କୁ ନ୍ୟାୟ ମିଳିପାରିନାହିଁ।

### ବେଆଇନ ଖଣି କାରବାର

## ୨ ବର୍ଷରେ ୨୫ଶହ କେସ୍

**ଭୁବନେଶ୍ୱର :** ରାଜ୍ୟ ସରକାରଙ୍କ କଡ଼ା କାର୍ଯ୍ୟାନୁଷ୍ଠାନ ସତ୍ତ୍ୱେ ବେଆଇନ ଖଣି କାରବାର ଜାରି ରହିଛି। ବିଗତ ୨ଟି ଆର୍ଥିକ



ବର୍ଷ ମଧ୍ୟରେ ଅବୈଧ ଖଣି ଖନନ ଓ ଖଣିଜ ପଦାର୍ଥର ଚୋରାଚାଲାଣର ପ୍ରାୟ ୨୫ଶହ ମାମଲା ରୁଜୁ ହୋଇଛି। ପ୍ରାୟ ୧୦୦କୋଟି ଟଙ୍କାର ଜୋରିମାନା ମଧ୍ୟ ଆଦାୟ ହୋଇଥିବା ଜଣାପଡ଼ିଛି। ବିଧାନସଭାରେ ରାଜ୍ୟ ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା ଦେଇଥିବା ଲିଖିତ ଉତ୍ତରରୁ ଜଣାପଡ଼ିଛି ଯେ, ଚଳିତ ୨୦୨୫-୨୬ ଆର୍ଥିକ ବର୍ଷରେ ଫେବୃଆରୀ ମାସ ଶେଷ ସୁଦ୍ଧା ବେଆଇନ

➤ ପୃ-୬

### ମାଣ୍ଡିଆ ଚାଷ ଓ କିଣାରେ ଦୁର୍ନୀତି

## ଲୋକଲୋଚନକୁ ଆଣିଲେ ସୁଭଦ୍ରା ଯୋଜନା ହିତାଧିକାରୀ

**ରାୟଗଡ଼, (ଅମୂଲ୍ୟ ନିଶଙ୍କ):** ମାଣ୍ଡିଆ ଚାଷର ନାଁ ଗନ୍ଧ ନାହିଁ। କିନ୍ତୁ ନଥିପତ୍ରରେ ଶହଶହ ଚାଷୀ ଓ ହିତାଧିକାରୀଙ୍କ ନାମ ଉଲ୍ଲେଖ କରି ସହାୟତା ଅର୍ଥ ହରିଲୁଟ ଚାଲିଥିଲା। ବର୍ଷ ବର୍ଷ ଧରି ଏଭଳି ବେଆଇନ କାରବାର ଚାଲିଥିଲେ ସୁଦ୍ଧା ମିଲେଟ୍ ମିସନ୍ କର୍ତ୍ତୃପକ୍ଷ ଏହାର ଟେର୍ ପାଉନଥିଲେ। ତେବେ ସୁଭଦ୍ରା ଯୋଜନା ତୃତୀୟ କିସ୍ତିରୁ ୫୦ ଭୂମିହୀନ ମହିଳା ବାଦ୍ ପଡ଼ିବା ପରେ ଯାଞ୍ଚ ସମୟରେ ଦୁର୍ନୀତିର ପର୍ଦ୍ଦାଫାସ୍ ହୋଇଛି। ସୁଭଦ୍ରାରୁ ବଞ୍ଚିତ ମହିଳା ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେବା ସହ ଡାଙ୍ଗସୋରଡ଼ା ଫାଣ୍ଡିରେ ଏହି ଜାଲିଆତିରେ ସଂପୃକ୍ତ ସ୍ୱେଚ୍ଛାସେବୀ ଅନୁଷ୍ଠାନ



ନାମରେ ଏତଲା ଦେଇଛନ୍ତି। ଶ୍ରୀ ଅନ୍ନ ଯୋଜନାରେ ଚନ୍ଦ୍ରପୁର ବ୍ଲକ୍‌ରେ ଡାଙ୍ଗସୋରଡ଼ା ଫାର୍ମର ପ୍ରଡ୍ୟୁସର୍ କମ୍ପାନି ଗଠନ ହୋଇଛି। ଯାହାର ପରିଚାଳନା ଦାୟିତ୍ୱରେ ରହିଛି ଗୋଟିଏ ସ୍ୱେଚ୍ଛାସେବୀ ଅନୁଷ୍ଠାନ। କମ୍ପାନିର ନିର୍ଦ୍ଦେଶକ ଓ କିଛି କର୍ମଚାରୀ ମହିଳାଙ୍କ ବିନା ଅନୁମତିରେ ମାଣ୍ଡିଆ ପାଇଁ ଉଦ୍ଦିଷ୍ଟ କୃଷକ ଓଡ଼ିଶା ଏବଂ ଏମ୍‌ପିଏଏସ୍ ପୋର୍ଟାଲ୍‌ରେ ୫ ଏକରରୁ ଅଧିକ ଜମି ଥିବା ଦର୍ଶାଇଛନ୍ତି। ଏପରିକି ଆଧାରକାର୍ଡ ସଂଯୋଗ କରି ଭ୍ରମାତ୍ମକ ଭାବରେ ଜମି ମାଲିକ ଭାବେ ଦର୍ଶାଇଛନ୍ତି। ୫ ଏକରରୁ ଅଧିକ ଜମି ଥିଲେ ସୁଭଦ୍ରା

➤ ପୃ-୬

### ବକ୍ରବାଣୀ



ଇଜିରାଇଲ୍ ଓ ଟ୍ରମ୍ପ୍ ମିଶି
ଭାବିଲେ ଇରାନେ ଦେବେ ସେ ପେଷି
ଟ୍ରମ୍ପ୍ ଭୟରେ ବିଶ୍ୱର ଗୁରୁ
ଦୂରେଇ ରହିଲା ଇରାନ ଠାରୁ
ତେଲ ଜାହଜକୁ ଇରାନ ରୋକି
ଦେଖାଇ ଦେଲା ତା'ନାଲିଆ ଆଖି
ଭାରତରେ ଗ୍ୟାସ୍ ନିଅଣ୍ଟ ହେଲା
ଭାରତ ଗରିବ ଚୂଲୀ ଲିଭିଲା
କିଛି ଦିନ ପାଇଁ କାଠ ଗୋବର
ଜାଳି ଯୋଗାଡ଼ିବ ତୁମ ଆହାର।

—— ଟୁଟୁ

### ବିଧାନସଭାରେ ଗୃହ ବିଭାଗର ଶ୍ୱେତପତ୍ର

## ରାଜ୍ୟରେ ୭.୩% ଅପରାଧ ବଢ଼ିଛି

**ଭୁବନେଶ୍ୱର :** ରାଜ୍ୟରେ ୨୦୨୫ ମସିହାରେ ଅପରାଧ ହାର ଉପରମୁହାଁ ରହିଛି। ୨୦୨୪ ମସିହା ତୁଳନାରେ ରାଜ୍ୟରେ ଧର୍ତ୍ତବ୍ୟ ଅପରାଧ ପଞ୍ଜିକରଣ ହାର ୭.୩୬ ପ୍ରତିଶତ ଅଧିକ ବୃଦ୍ଧି ପାଇ ୨,୨୯,୮୮୧ରେ ପହଂଚିଛି। ତେବେ ରାଜ୍ୟରେ ଦୁଷ୍କର୍ମ ମାମଲା ହାରାହାରି ୧.୯୬ ପ୍ରତିଶତ ହ୍ରାସ ପାଇଥିଲେ ମଧ୍ୟ ଦୈନିକ ହାରାହାରି ୮ଜଣ ମହିଳା ଓ ଶିଶୁ ଦୁଷ୍କର୍ମର ଶିକାର ହେଉଥିବାର ମାମଲା ପଞ୍ଜିକରଣ ହେବା ଏବେବି ଚିନ୍ତାଜନକ ସ୍ଥିତି ହୋଇ ରହିଛି। ରାଜ୍ୟରେ ପ୍ରତି ୭ଘଣ୍ଟାରେ ଜଣେ ବ୍ୟକ୍ତି ହତ୍ୟାର ଶିକାର ମଧ୍ୟ ହେଉଛନ୍ତି। ଅବଶ୍ୟ ୨୦୨୫ରେ ୨.୨୯ଲକ୍ଷ ମାମଲା ରୁଜୁ କରିଥିବା ଓଡ଼ିଶା ପୁଲିସ ଏହି ଅବଧି ମଧ୍ୟରେ ମୋଟ ୧ଲକ୍ଷ ୫୫ହଜାର ୨୨୩ଟି ମାମଲା (୬୭.୫୨%)ରେ ଚାର୍ଜସିଟ୍ ଦାଖଲ କରିବାରେ ସକ୍ଷମ ହୋଇଛି। ରାଜ୍ୟରେ ୨୦୨୫ ମସିହାରେ ହତ୍ୟା, ଚୋରି, ସାଇବର ଅପରାଧ, ସଡ଼କ ଦୁର୍ଘଟଣା ମାମଲା ଆଦି ବୃଦ୍ଧି ପାଇଥିବାବେଳେ ଦୁଷ୍କର୍ମ, ପ୍ରତାରଣା, ଡକାୟତି ଭଳି ଅପରାଧ ପରିମାଣ ହ୍ରାସ ପାଇଛି। ଓଡ଼ିଶା ଗୃହ ବିଭାଗ ପକ୍ଷରୁ ଜାରି ଶ୍ୱେତପତ୍ର-୨୦୨୫ରୁ ଏହି ତଥ୍ୟ ମିଳିଛି। ଶ୍ୱେତପତ୍ର ଅନୁସାରେ, ୨୦୨୫ ମସିହାରେ ରାଜ୍ୟରେ ମୋଟ ୧୩୦୪ଟି ହତ୍ୟା ମାମଲା ରୁଜୁ ହୋଇଛି। ଅର୍ଥାତ୍ ପ୍ରତି ୬.୭ ଘଣ୍ଟାରେ ଜଣେ ବ୍ୟକ୍ତି ଓ ଦୈନିକ ହାରାହାରି ୩.୫୭ ଜଣ(୪ଜଣ) ହତ୍ୟାର ଶିକାର ହେଉଛନ୍ତି। ୨୦୨୪ରେ ୧୨୫୮ଟି ହତ୍ୟା ମାମଲା ପଞ୍ଜିକୃତ ହୋଇଥିବାବେଳେ ୨୦୨୫ରେ ଏହା ୩.୬୫% ବୃଦ୍ଧି ପାଇ ୧୩୦୪ରେ ପହଞ୍ଚିଛି।



ସେହିପରି ମହିଳା ଓ ଶିଶୁକନ୍ୟାଙ୍କ ସହ ଦୁଷ୍କର୍ମ ମାମଲା ରାଜ୍ୟରେ ଅପେକ୍ଷାକୃତ ହ୍ରାସ ପାଇଥିଲେ ମଧ୍ୟ ଚିନ୍ତାଜନକ ସ୍ଥିତି ଲାଗି ରହିଛି। ୨୦୨୫ରେ ମୋଟ ଦୁଷ୍କର୍ମ ମାମଲା ୨୯୯୪ ରହିଛି। ଅର୍ଥାତ୍ ଓଡ଼ିଶାରେ ପ୍ରତି ୩ଘଣ୍ଟାରେ ଜଣେ ମହିଳା ଅବା ଶିଶୁକନ୍ୟା ଦୁଷ୍କର୍ମର ଶିକାର ହେଉଛନ୍ତି। ଦିନକୁ ହାରାହାରି ୮.୨୦ଜଣ। ତେବେ ୨୦୨୪ ମସିହାରେ ମୋଟ ୩୦୫୪ଟି ଦୁଷ୍କର୍ମ ମାମଲା ପଞ୍ଜିକୃତ ହୋଇଥିବାବେଳେ ୨୦୨୫ରେ ଏହା ୧.୯୬ ପ୍ରତିଶତ ହ୍ରାସ ପାଇଛି। ସେହିପରି ପୁଲିସ ପ୍ରାୟ ୬୪.୪୬% ଦୁଷ୍କର୍ମ ମାମଲାରେ ଚାର୍ଜସିଟ୍ ଦାଖଲ କରିଥିବାବେଳେ ହତ୍ୟା ମାମଲାରେ ଏହି ହାର ପ୍ରାୟ ୪୬% ରହିଛି। ସେହିପରି ୨୦୨୫ ମସିହାରେ ୪୩୬୧ଟି ଯୌତୁକ ମାମଲା ଓ ୧୪୫ଟି ଯୌତୁକଜନିତ ହତ୍ୟା ମାମଲା ଓ ୧୬୪ଟି ମହିଳା ଚାଲାଣ ମାମଲା ରୁଜୁ ହୋଇଛି। ୨୦୨୪ ମସିହାରେ ମୋଟ ୨ଲକ୍ଷ ୧୪ହଜାର ୧୧୩ଟି ଧର୍ତ୍ତବ୍ୟ ଅପରାଧ ମାମଲା ପଞ୍ଜିକୃତ ହୋଇଥିବାବେଳେ ୨୦୨୫ରେ ଏହା ୭.୩୬ ପ୍ରତିଶତ ଅଧିକ ରହିଛି। ତେବେ ହତ୍ୟା ମାମଲା ୩.୬୫ ପ୍ରତିଶତ ବୃଦ୍ଧି ପାଇ ୧୩୦୪ଟି, ଚୋରି ମାମଲା ୧୭୮୦୫ରୁ ୧୯.୦୨% ବଢ଼ି ୨୧୧୯୨ଟି, ସାଇବର ଅପରାଧ ମାମଲା ୨୫୦୧ଟି ରୁ ୧୨.୦୭% ବୃଦ୍ଧି ପାଇ ୨୮୦୩ଟି ପଞ୍ଜିକୃତ ହୋଇଛି। ସେହିପରି ସଡ଼କ ଦୁର୍ଘଟଣା ମାମଲା ୨୦୨୪ ମସିହା ତୁଳନାରେ ୩.୨୯ ପ୍ରତିଶତ ବୃଦ୍ଧି ପାଇ ୧୨୭୮୨ଟି ପଞ୍ଜିକୃତ ହୋଇଛି। ଅନ୍ୟପକ୍ଷରେ ୨୦୨୪ ମସିହାରେ ୩୫୬ଟି ଡକାୟତି ମାମଲା ଥିବାବେଳେ ୨୦୨୫ରେ ଏହା ୩୫୩କୁ ହ୍ରାସ(୦.୮୪%) ପାଇଛି। ସିନ୍ଧିଚୋରୀ ମାମଲା ୨୦୨୫ ମସିହାରେ ୧.୯୬ପ୍ରତିଶତ ହ୍ରାସ ପାଇ ୬୨୮୨ ରହିଛି। ପ୍ରତାରଣା ମାମଲା ୪.୦୨ ପ୍ରତିଶତ ହ୍ରାସ ପାଇ ୨୦୨୫ ମସିହାରେ ୬୦୫୩ଟିରେ ରହିଛି। ଶ୍ୱେତପତ୍ରରୁ ମିଳିଥିବା ତଥ୍ୟ ଅନୁସାରେ ସାଇବର ଅପରାଧ ଓ ଠକେଇ ମାମଲାର ତଦନ୍ତରେ ସଫଳତା

➤ ପୃ-୬

## କେମିତି କଟିବ ଏ ସପ୍ତାହ

**ମେଷ** ନିଜର ଖାଦ୍ୟ ଉପରେ ନିୟନ୍ତ୍ରଣ ରଖନ୍ତୁ। ଥଣ୍ଡା ଖାଦ୍ୟରୁ ଦୂରେଇ ରହନ୍ତୁ। ଅନ୍ୟ କଥାରେ ବ୍ୟବସାୟରେ ଅର୍ଥ ନିବେଶ କରନ୍ତୁ ନାହିଁ। ପରିବାରରେ ଶାନ୍ତି ବଜାୟ ରହିବ। ପ୍ରତିକାର : ମଙ୍ଗଳବାର ଦିନ ଗଣେଶଙ୍କ ନିକଟରେ ଯଜ୍ଞ କରନ୍ତୁ।

**ବୃଷ** ଅଯଥା ଚିନ୍ତା ଯୋଗୁ ଶରୀରର କ୍ଷତି ହୋଇପାରେ। ଦରମା ବା ଆମଦାନୀରେ ବୃଦ୍ଧି ହେବ। ଖର୍ଚ୍ଚରେ ଲଗାମ ଲଗାନ୍ତୁ। ପାରିବାରିକ କାର୍ଯ୍ୟରେ ତରବରିଆ ନିଷ୍ପତ୍ତି ନିଅନ୍ତୁ ନାହିଁ। ପ୍ରତିକାର : ମା'ମଙ୍ଗଳାଙ୍କ ପୂଜା ଅର୍ଚ୍ଚନା କରନ୍ତୁ।

**ମିଥୁନ** ଦୁଃଖ ଆସିଲେ ମଧ୍ୟ ନିଜର ଧୈର୍ଯ୍ୟ ରଖନ୍ତୁ। ଗୁରୁଜନଙ୍କ ପରାମର୍ଶ ନିଅନ୍ତୁ। କିଛି ନୂଆ ବ୍ୟବସାୟ ପାଇଁ ସମୟ ଅନୁକୂଳ। ପରିବାରରେ ବୁଝାମଣା ଅଭାବ ରହିବ। ପ୍ରତିକାର : ଗୁରୁବାର ମା' ଲକ୍ଷ୍ମୀଙ୍କୁ ପୂଜା କରନ୍ତୁ।

**କର୍କଟ** ବାହାନ ଚଳାଇବା ବେଳେ ସାବଧାନ ରହନ୍ତୁ। ପରିବାରରେ ଅଧିକ ସମୟ କଟାଇବେ। ଭାଗୀଦାରୀ ବ୍ୟବସାୟରୁ ଦୂରେଇ ରହନ୍ତୁ। ପ୍ରତିକାର : ୨୦ଥର ଓଁ ଚନ୍ଦ୍ରାୟନମଃ ଜପ କରନ୍ତୁ।

**ସିଂହ** ପାଦ ଓ ଆଣ୍ଠୁରେ କଷ୍ଟ ପାଇପାରନ୍ତି। ଆର୍ଥିକ ସ୍ଥିତି ଦୃଢ଼ ହେବ। ବାପାଙ୍କ ଆଶୀର୍ବାଦ ମିଳିବ। କାର୍ଯ୍ୟକ୍ଷେତ୍ରରେ ନୂଆ ଉପଲବ୍ଧି ପାଇବେ। ପ୍ରତିକାର : ପ୍ରତିଦିନ ୧୭ ଥର ଫ୍ରାଂ ଫ୍ରିଂ ଫ୍ରିଂ ଓଁ ଶଂ ଶନିଶ୍ଚରାୟ ନମଃ କରନ୍ତୁ।

**କନ୍ୟା** ଭଡା ଘରେ ରହୁଥିବା ଲୋକଙ୍କୁ ଘର ମାଲିକ ହଇରାଣ କରିପାରନ୍ତି। ଆଗକୁ ଅର୍ଥାଭାବର ମୁକାବିଲା କରିବା ପାଇଁ ସଞ୍ଚୟ କରନ୍ତୁ। ପୂର୍ବ ନିଷ୍ପତ୍ତି ଉପରେ ପୁନଃ ବିଚାର କରନ୍ତୁ। ପ୍ରତିକାର : ପ୍ରତିଦିନ ୨୨ଥର ଓଁ ରୁଦ୍ରବେ ନମଃ ଜପ କରନ୍ତୁ।

**ତୁଳା** ଖାଦ୍ୟପେୟରେ ଧ୍ୟାନ ଦିଅନ୍ତୁ। ଅଚାନକ ଧନପ୍ରାପ୍ତି ହୋଇପାରେ। ଘରର କୌଣସି ସଦସ୍ୟଙ୍କୁ ଆର୍ଥିକ ସାହାଯ୍ୟ କରିପାରନ୍ତି। ପ୍ରତିକାର : ମଙ୍ଗଳବାର କେତୁଙ୍କ ଆରାଧନା କରନ୍ତୁ।

**ବିଛା** ମାଂସ ଓ ମଦ୍ୟଠାରୁ ଦୂରେଇ ରହନ୍ତୁ। ଆଶା ହରାଇଥିବା ଦିଗରୁ ଅର୍ଥ ମିଳିବ। ନୂଆ ଯାନବାହନ କିଣିପାରନ୍ତି। କାର୍ଯ୍ୟକ୍ଷେତ୍ରରେ ବଚସା ହୋଇପାରେ। ପ୍ରତିକାର : ପ୍ରତିଦିନ ୨୭ଥର ଓଁ ଭୌମାୟ ନମଃ ଜପ କରନ୍ତୁ।

**ଧନୁ** ଗଳା ଓ ମୁଖ ସମ୍ବନ୍ଧୀୟ ପୁରୁଣା ରୋଗରୁ ମୁକ୍ତି ମିଳିବ। ନୂଆ ନୂଆ ବ୍ୟବସାୟ କରିପାରନ୍ତି। ବେଶଭୂଷାରେ ପରିବର୍ତ୍ତନ ଯୋଗୁ ଅସୁବିଧାରେ ପଡିପାରନ୍ତି। ପ୍ରତିକାର : ୨୧ଥର ଓଁ ଗୁରୁବେ ନମଃ ଜପ କରନ୍ତୁ।

**ମକର** ଆଇନ କାନୁନ ମାମଲା ପାଇଁ ଶାରୀରିକ ଓ ମାନସିକ କଷ୍ଟ ପାଇପାରନ୍ତି। ଆୟ ସାମାନ୍ୟ ରହିବ। କୌଣସି ବ୍ୟବସାୟରେ ସୁବ ଅର୍ଥ ଏକାଠି ବିନିଯୋକ କରନ୍ତୁନାହିଁ। ପ୍ରତିକାର : ସୂର୍ଯ୍ୟଙ୍କ ଆଗରେ ଆଦିତ୍ୟ ପାଠ କରନ୍ତୁ।

**କୁମ୍ଭ** ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଯୋଗ ବା ଧ୍ୟାନ କରନ୍ତୁ। ପରିବାରରେ ସମୟ ଦିଅନ୍ତୁ। କାର୍ଯ୍ୟକ୍ଷେତ୍ରରେ ପ୍ରତିଯୋଗୀତାତ୍ମକ ବାତାବରଣ ରହିବ। ଦମ୍ପତିମାନେ ଖୁସିରେ ରହିବେ। ପ୍ରତିକାର : ୨୧ଥର ଓଁ ନମଃ ଶିବାୟ ଜପ କରନ୍ତୁ।

**ମୀନ** ପୂର୍ବର ଧନ ବ୍ୟବସାୟ ସମ୍ବନ୍ଧୀୟ କଷ୍ଟରୁ ସମାଧାନ ପାଇବେ। ଭ୍ରମଣରେ ଯାଇପାରନ୍ତି। ଶତ୍ରୁମାନେ ସକ୍ରିୟ ରହିଲେ ମଧ୍ୟ ହାନୀ କରିପାରିବେ ନାହିଁ। ଛାତ୍ରମାନେ ପାଠରେ ଧ୍ୟାନ ଦେବେ। ପ୍ରତିକାର : ଭଗବାନ ଶିବଙ୍କ ଜଳାଭିଷେକ କରନ୍ତୁ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

# ବନ୍ଦେ ମାତରମ୍ ବିରୋଧରେ ଆବେଦନକୁ ଖାରଜ କଲେ ସୁପ୍ରିମ୍‌କୋର୍ଟ

**ନୂଆଦିଲ୍ଲୀ :** ଜାତୀୟ ଗୀତ ବନ୍ଦେ ମାତରମ୍ ବଜାଇବା ଓ ଗାଇବା ଉପରେ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ଦାଖଲ ହୋଇଥିବା ଆବେଦନକୁ ସୁପ୍ରିମକୋର୍ଟ ବୁଧବାର ପ୍ରତ୍ୟାଖ୍ୟାନ କରିଛନ୍ତି। କୋର୍ଟ କହିଛନ୍ତି ଯେ ଜାନୁଆରି ୨୮ ତାରିଖ ଦିନ ଜାରି ହୋଇଥିବା ସର୍କୁଲାର ସମ୍ପୂର୍ଣ୍ଣ ଭାବେ 'ଉପଦେଶମୂଳକ' ଏବଂ ଏହାର ଅନୁପାଳନ ନ କରିବା ପାଇଁ କୌଣସି ଆଇନଗତ ବାଧ୍ୟବାଧକତା କିମ୍ବା ଦଣ୍ଡବିଧାନ ନାହିଁ। ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟ କାନ୍ତ, ଜଷ୍ଟିସ୍ ଜୟମାଲ୍ୟ ବାଗଚୀ ଓ ଜଷ୍ଟିସ୍ ବିପୁଲ ଏମ୍ ପାଞ୍ଚୋଲିଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଆବେଦନକୁ ଅପରିପକ୍ୱ ବୋଲି କହି ଏଥିରେ କୌଣସି ବାଧ୍ୟବାଧକତା କିମ୍ବା ଭେଦଭାବ ନାହିଁ ବୋଲି ଦର୍ଶାଇଛନ୍ତି। ମହମ୍ମଦ ସୟିଦ ନୁରୀ ନାମକ ଜଣେ ବ୍ୟକ୍ତିଙ୍କ ଦ୍ୱାରା ଦାଖଲ ହୋଇଥିବା ଆବେଦନକୁ ଖାରଜ କରି କୋର୍ଟ କହିଛନ୍ତି: ଏହି ଆବେଦନ ଅନାବଶ୍ୟକ ହୋଇଥିବାରୁ ଆମେ ଏହାକୁ ଗ୍ରହଣ କରିବାକୁ ଇଚ୍ଛୁକ ନୁହଁ। ଆବେଦନକାରୀଙ୍କ ଓକିଲ ସଂଜୟ ହେଗଡେ ଯୁକ୍ତି କରିଛନ୍ତି ଯେ, ସର୍କୁଲାରରେ ବ୍ୟବହୃତ 'ସମ୍ମାନ' ଓ 'ଉପଯୁକ୍ତ ଶିଷ୍ଟାଚାର' ଭଳି ଶବ୍ଦ ଅଛି। ଯେଉଁମାନେ ପାଳନ ନ କରିବାକୁ ପସନ୍ଦ କରିବେ ଏହା ସେମାନଙ୍କ ଉପରେ ଏକ ବଡ଼ ବୋଝ ପକାଇପାରେ। ସେ ଉଲ୍ଲେଖ କରିଥିଲେ ଯେ, ଦେଶପ୍ରେମକୁ ବାଧ୍ୟତାମୂଳକ କରାଯାଇପାରିବ ନାହିଁ। ଏଥିରେ ଖଣ୍ଡପୀଠ ସନ୍ତୁଷ୍ଟ ହୋଇ ନ ଥିଲେ। କୋର୍ଟ କହିଛନ୍ତି, ଅଭିବ୍ୟକ୍ତିର ସ୍ୱାଧୀନତା ଗୀତ ଗାଇବା ପାଇଁ ଯେତିକି, ଗୀତ ନ ଗାଇବା ପାଇଁ ସେତିକି। ଏହା ଏକ ଅମୂଳକ ଆଶଙ୍କା। ଯେତେବେଳେ ପରିଣାମ କିମ୍ବା କଟକଣା ଆସେ,



ଆମ ପାଖକୁ ଆସନ୍ତୁ। ବର୍ତ୍ତମାନ ଭେଦଭାବ ବିଷୟରେ ଆପଣଙ୍କର କିଛି ଅସ୍ପଷ୍ଟ ଆଶଙ୍କା ଅଛି। ବିଜୋ ଇମାନୁଏଲ୍ ମାମଲା (୧୯୮୬) ପରି ପୂର୍ବ ରାୟକୁ ଦର୍ଶାଇ କୋର୍ଟ ଉଲ୍ଲେଖ କରିଛନ୍ତି ଯେ ଜାତୀୟ ସଂଗୀତ ଗାଇବାକୁ ମନା କରିଥିବା ଛାତ୍ରମାନଙ୍କ ପାଇଁ ପରିଣାମ ଆସିଥିଲା, କୋର୍ଟ ଉଲ୍ଲେଖ କରିଛନ୍ତି ଯେ ଏଠାରେ ଏପରି କୌଣସି ଦଣ୍ଡନୀୟ ଢାଞ୍ଚା ନାହିଁ। ବିଜୋ ଇମାନୁଏଲ୍ ମାମଲାରେ କୋର୍ଟ କହିଛନ୍ତି ଯେ, ଛାତ୍ରମାନଙ୍କୁ ସେମାନଙ୍କର 'ଧାର୍ମିକ ବିଶ୍ୱାସ' ଆଧାରରେ ବହିଷ୍କାର କରିବା ଭାରତୀୟ ସମ୍ବିଧାନର ଉଲ୍ଲଂଘନ। ଜାତୀୟ ସଂଗୀତ ନ ଗାଇବା ପାଇଁ ତିନି ଜଣ ପିଲାଙ୍କୁ ଏକ ବିଦ୍ୟାଳୟରୁ ବହିଷ୍କାର କରାଯାଇଥିଲା। ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ସମ୍ବିଧାନର ଧାରା ୫୧ଏ ଅନୁଯାୟୀ ମୌଳିକ କର୍ତ୍ତବ୍ୟ ଦର୍ଶାଇ ଏହି ସର୍କୁଲାରକୁ ସମର୍ଥନ କରିଛନ୍ତି ଏବଂ ନାଗରିକମାନଙ୍କୁ ଜାତୀୟ ପ୍ରତୀକକୁ ସମ୍ମାନ ଦେବା ପାଇଁ ଆନୁଷ୍ଠାନିକ ଭାବରେ ପରାମର୍ଶ ଦିଆଯିବା ଆବଶ୍ୟକ କି ନାହିଁ ବୋଲି ପ୍ରଶ୍ନ କରିଛନ୍ତି। ସେ ମନ୍ତବ୍ୟ ଦେଇଛନ୍ତି ଯେ ଦେଶପ୍ରେମ ବାଧ୍ୟତାମୂଳକ ନୁହେଁ ବୋଲି ଯୁକ୍ତି କରୁଥିବା ଜଣେ ଆବେଦନକାରୀ 'ଏହି କୋର୍ଟର ଅନୁଗ୍ରହ ପାଇବାକୁ ଯୋଗ୍ୟ ନୁହେଁ'। ବଙ୍କିମ ଚନ୍ଦ୍ର ଚାଟାର୍ଜୀଙ୍କ ବନ୍ଦେ ମାତରମ୍ର ୧୫୦ ବର୍ଷ ପୂର୍ତ୍ତି ଅବସରରେ ଗୃହ ମନ୍ତ୍ରାଳୟ ଜାନୁଆରି ୨୮ରେ ଏକ ସର୍କୁଲାର ଜାରି କରିଥିଲା। ସରକାରୀ ଓ ସାର୍ବଜନୀନ କାର୍ଯ୍ୟକ୍ରମରେ ଜାତୀୟ ସଙ୍ଗୀତ ଗାନ ପାଇଁ ଏହା ଏକ ବିସ୍ତୃତ ପ୍ରୋଟୋକଲ ଧାର୍ଯ୍ୟ କରିଥିଲା, ଯେଉଁଥିରେ ଉଭୟ ଏକାଠି ଗାନ କରାଯିବା ସମୟରେ ଜାତୀୟ ସଙ୍ଗୀତ ପୂର୍ବରୁ ଏହାକୁ ଗାନ କରାଯିବା ଉଚିତ ବୋଲି ସର୍ତ୍ତ ମଧ୍ୟ ରହିଥିଲା। ଜାତୀୟ ଗୀତର ସମୂହ ଗାୟନକୁ ଅନ୍ତର୍ଭୁକ୍ତ କରିବାକୁ ବିଦ୍ୟାଳୟଗୁଡ଼ିକୁ ଉତ୍ସାହିତ କରାଯାଇଛି। ସୁପ୍ରିମ୍‌କୋର୍ଟ କହିଛନ୍ତି ଯେ, ଏହି ବିଜ୍ଞପ୍ତିରେ ଅଂଶଗ୍ରହଣକୁ ବାଧ୍ୟତାମୂଳକ କରାଯାଇ ନାହିଁ କିମ୍ବା ଅନୁପାଳନ ନ କରିବା ପାଇଁ କୌଣସି ଜରିମାନା ଧାର୍ଯ୍ୟ କରାଯାଇ ନାହିଁ।

# ଶିକ୍ଷା ବ୍ୟବସ୍ଥା ସ୍ୱଦେଶୀ ଅଭିମୁଖୀ ହେବା ଦରକାର : ଧର୍ମେନ୍ଦ୍ର

**ମହୀଶୂର,(ପିଆଇବି):** ଆମ ଶିକ୍ଷା ବ୍ୟବସ୍ଥା ଅଧିକ ସ୍ୱଦେଶୀ ଅଭିମୁଖୀ ହେବା ଆବଶ୍ୟକ। ଶିକ୍ଷାର ପ୍ରକୃତ ଉଦ୍ଦେଶ୍ୟ ହେଉଛି ଜଣେ ସାମଗ୍ରିକ ମାନବର ନିର୍ମାଣ କରିବା, ଯିଏ ନିଜର ସାଂସ୍କୃତିକ ମୂଲ୍ୟବୋଧ ସହ ଯୋଡ଼ି ହୋଇ ରହିବ ଏବଂ ରାଷ୍ଟ୍ର ପ୍ରତି ନିଜର ଉତ୍ତରଦାୟିତ୍ୱ ନିର୍ବାହ କରିବ ବୋଲି ଆଜି କର୍ଣ୍ଣାଟକର ମହୀଶୂର ଗସ୍ତ କରି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏହି ଗସ୍ତକାଳରେ ମନ୍ତ୍ରୀ ଶ୍ରୀ ପ୍ରଧାନ କର୍ଣ୍ଣାଟକ ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ପରିସରରେ 'ପ୍ରଜ୍ଞା ପ୍ରବାହ' ଏବଂ 'ଏସପିଏମଆର ଫାଉଣ୍ଡେସନ' ଦ୍ୱାରା ଆୟୋଜିତ 'ଏକାତ୍ମ ମାନବ ଦର୍ଶନ' ଶୀର୍ଷକ ଆନ୍ତର୍ଜାତୀୟ ସମ୍ମିଳନୀରେ ଯୋଗ ଦେଇଛନ୍ତି। ଏହି ଅବସରରେ ସେ ଭାରତୀୟ ଜ୍ଞାନ ପରମ୍ପରା ଏବଂ ଶ୍ରଦ୍ଧେୟ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ବିଚାରଧାରା ଉପରେ ଆଲୋକପାତ କରିଥିଲେ। ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ, ପଣ୍ଡିତ ଦୀନଦୟାଲ



ଉପାଧ୍ୟାୟଙ୍କ 'ଏକାତ୍ମ ମାନବବାଦ' କେବଳ ଏକ ବିଚାର ନୁହେଁ, ବରଂ ଏହା ଆମ ରାଷ୍ଟ୍ର ଜୀବନର ଏକ ସ୍ଥାୟୀ ଦର୍ଶନ। ଏହି ଗସ୍ତକାଳରେ ଶ୍ରୀ ପ୍ରଧାନ ବିଭିନ୍ନ ବିଶ୍ୱବିଦ୍ୟାଳୟର କୁଳପତିମାନଙ୍କ ସହ ମନ୍ତ୍ରୀ ଆଲୋଚନା କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଜାତୀୟ ଶିକ୍ଷା ନୀତିର ପ୍ରଭାବଶାଳୀ ରୂପାୟନ ମାଧ୍ୟମରେ ଭାରତର ଉଚ୍ଚଶିକ୍ଷା କ୍ଷେତ୍ରକୁ ବିଶ୍ୱସ୍ତରୀୟ କରିବା ସହ ବିଦେଶରେ ଭାରତୀୟ କ୍ୟାମ୍ପସ ପ୍ରତିଷ୍ଠା ଉପରେ ସେ ଗୁରୁତ୍ୱ ଦେଇଥିଲେ। କେନ୍ଦ୍ରୀୟ ଭାରତୀୟ ଭାଷା ସଂସ୍ଥାନ (ସିଆଇଆଇଏଲ) ପରିଦର୍ଶନ କରି ସେଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ପ୍ରଦର୍ଶନୀକୁ ଉଦ୍‌ଘାଟନ କରିବା ସହ ୨୨ଟି ଅନୁସୂଚିତ ଭାଷା ବ୍ୟତୀତ ଭାରତର ସମସ୍ତ ଆଞ୍ଚଳିକ ଭାଷା ଓ ଜ୍ଞାନ କୌଶଳକୁ ଶିକ୍ଷା ବ୍ୟବସ୍ଥାରେ ସାମିଲ କରିବା ପାଇଁ ସେ ଗୁରୁତ୍ୱାରୋପ କରିଥିଲେ। ସେହିପରି ସିଆଇଆଇଏଲର ପ୍ରତିନିଧି ଦଳଙ୍କ ସହ ଆଲୋଚନା ସମୟରେ ମନ୍ତ୍ରୀ ଶ୍ରୀ ପ୍ରଧାନ ଭାଷାଭିତ୍ତିକ ଢାଞ୍ଚା ଓ ଜ୍ଞାନ ପ୍ରଣାଳୀର 'ଡିକୋଲୋନାଇଜେସନ୍' ବା ଗୋଲାମି ମାନସିକତାରୁ ମୁକ୍ତ କରିବା ଉପରେ ଜୋର ଦେଇଥିଲେ। ନ୍ୟାସନାଲ ବୁକ୍ ଟ୍ରଷ୍ଟ (ଏନବିଟି) ଭଳି ସଂସ୍ଥା ମାଧ୍ୟମରେ ସ୍ଥାନୀୟ ଭାଷାରେ ବିଷୟବସ୍ତୁ ପ୍ରସାର କରିବାକୁ ସେ ପରାମର୍ଶ ଦେଇଛନ୍ତି। ଶିକ୍ଷା ମନ୍ତ୍ରୀ ତାଙ୍କ ଗସ୍ତ କାଳରେ ଜଗଦଗୁରୁ ଶ୍ରୀ ଶିବରାତ୍ରୀ ଦେଶିକେନ୍ଦ୍ର ମହାସ୍ୱାମୀଜୀଙ୍କୁ ସାକ୍ଷାତ କରି ଆଶୀର୍ବାଦ ଗ୍ରହଣ କରିଥିଲେ। ଗ୍ରାମୀଣ ବିକାଶ ଏବଂ ମୂଲ୍ୟବୋଧଭିତ୍ତିକ ଶିକ୍ଷା ପ୍ରସାର କ୍ଷେତ୍ରରେ ମହାସ୍ୱାମୀଜୀଙ୍କ ଅବଦାନକୁ ସେ ରାଷ୍ଟ୍ର ନିର୍ମାଣର ଏକ ପ୍ରେରଣାଦାୟୀ ଦିଗ ବୋଲି ବର୍ଣ୍ଣନା କରିଛନ୍ତି।

# ରେଳବାଇରେ ଆପତ୍ତିଜନକ ବିଜ୍ଞାପନ ପ୍ରଦର୍ଶନ ନିଷିଦ୍ଧ : ଅଶ୍ୱିନୀ ବୈଷ୍ଣବ

**ନୂଆଦିଲ୍ଲୀ, (ପିଆଇବି):** ମଦ୍ୟପାନ, ତମାଖୁ ଏବଂ ଧୂମପାନ ଭଳି ବିଜ୍ଞାପନର ହୋଇପାରିବନି ପ୍ରଦର୍ଶନ। ଭାରତୀୟ ରେଳବାଇ ଷ୍ଟେସନ ପରିସର ବ୍ୟତୀତ ଟ୍ରେନ୍ (କୋଚ୍ ଭିତରେ ଏବଂ ବାହାରେ) ବିଜ୍ଞାପନରେ ଏକ ନୈତିକ ଆଭିମୁଖ୍ୟ ଗ୍ରହଣ କରିଛି। କୌଣସି ବିଷୟବସ୍ତୁ ପ୍ରଦର୍ଶିତ ହୋଇନାହିଁ; ରେଳ ଦୁର୍ଘଟଣା ବିରୁଦ୍ଧରେ ନୀତି ପ୍ରଦାନ କରୁଥିବା ଘରୋଇ ବୀମା କମ୍ପାନୀଗୁଡ଼ିକରୁ କୌଣସି ବିଜ୍ଞାପନ ନିଆଯାଇନାହିଁ। ସମସ୍ତ ବିଜ୍ଞାପନ ଇ-ନିଲାମ ଜରିଆରେ ଏଜେନ୍ସିଗୁଡ଼ିକୁ ପ୍ରଦାନ କରାଯାଇଥାଏ; ଅନଲାଇନ ପୋର୍ଟାଲ ନିରପେକ୍ଷ ଚୟନ ସୁନିଶ୍ଚିତ କରିଥାଏ। ବିଜ୍ଞାପନ ସଂସ୍ଥାଗୁଡ଼ିକ କେନ୍ଦ୍ର ଏବଂ ରାଜ୍ୟ ଆଇନର ଅନୁପାଳନ କରିବା ଉଚିତ ଏବଂ ସୁନିଶ୍ଚିତ କରିବା ଉଚିତ ଯେ ଆପତ୍ତିଜନକ ବିଜ୍ଞାପନଗୁଡ଼ିକ ନିଷିଦ୍ଧ; ଉଲ୍ଲଙ୍ଘନ ପାଇଁ ତୁରନ୍ତ ସଂଶୋଧନମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।ଭାରତୀୟ ରେଳବାଇ ବିଜ୍ଞାପନ ଏବଂ ବ୍ରାଣ୍ଡିଂ ମାଧ୍ୟମରେ ଅଣ-ଭଡ଼ା ରାଜସ୍ୱ ଅର୍ଜନ କରିବା ପାଇଁ ବ୍ୟାପକ (ଏନଏଫଆର) ନୀତି ପ୍ରସ୍ତୁତ କରିଛି। ଆଉଟ-ଅଫ୍-ହୋମ୍ ବିଜ୍ଞାପନ ନୀତି ଅଧୀନରେ, ଷ୍ଟେସନଗୁଡ଼ିକର ପ୍ରସାରିତ ଅଞ୍ଚଳରେ ବିଜ୍ଞାପନ ପାଇଁ ସୁଯୋଗ ଅଛି। ରେଳ ଡିସପ୍ଲେ ନେଟୱାର୍କ (ଆର. ଡି. ଏନ୍.) ନୀତି ଷ୍ଟେସନ ଏବଂ ପରିସର ଅଞ୍ଚଳରେ ସ୍କ୍ରିନ୍ ଏବଂ ଡିସପ୍ଲେ ସିଷ୍ଟମ୍ ମାଧ୍ୟମରେ ଡିଜିଟାଲ୍ ବିଜ୍ଞାପନକୁ ପ୍ରଦର୍ଶନ କରେ। ଏହାବ୍ୟତୀତ, ପ୍ରଚଳିତ ନିର୍ଦ୍ଦେଶାବଳୀ ଅନୁଯାୟୀ ବ୍ରାଣ୍ଡିଂ ଏବଂ ବିଜ୍ଞାପନ ପାଇଁ ଟ୍ରେନ୍ ଏବଂ କୋଚ୍ (ଉଭୟ ଭିତର ଏବଂ ବାହାରେ) ଭଳି ଭ୍ରାମ୍ୟମାଣ ସମ୍ପତ୍ତିର ଲାଭ ଉଠାଯାଇଛି। ବିଜ୍ଞାପନରୁ ଅର୍ଜିତ ରାଜସ୍ୱ ବିବିଧ ରାଜସ୍ୱର ଏକ ଅଂଶ। ବିଭାଗୱାରୀ ରାଜସ୍ୱ ବିବରଣୀ ଭାରତୀୟ ରେଳବାଇର ବାର୍ଷିକ ପରିସଂଖ୍ୟାନ ବିବରଣୀରେ ଉପଲବ୍ଧ। ଭାରତୀୟ ରେଳବାଇର ଇ-କ୍ରୟ ବ୍ୟବସ୍ଥା (ଆଇ. ଆର. ଇ. ପି. ଏସ୍.) ଅନଲାଇନ ପୋର୍ଟାଲରେ ଇ-ନିଲାମ ଜରିଆରେ ସମସ୍ତ ବିଜ୍ଞାପନ ଚୁକ୍ତିନାମା ପ୍ରଦାନ କରାଯାଇଥାଏ। ବିଜ୍ଞାପନଦାତାଙ୍କ ପାଇଁ ଯୋଗ୍ୟତା ମାନଦଣ୍ଡକୁ ରେଖାଙ୍କିତ କରୁଥିବା ବାଣିଜ୍ୟିକ ଆୟ ଏବଂ ଅଣ-ଭଡ଼ା ରାଜସ୍ୱ ନୀତି ଏବଂ ଅନୁବନ୍ଧ ସମ୍ବନ୍ଧୀୟ ସ୍ୱତନ୍ତ୍ର ସର୍ତ୍ତାବଳୀ ଅନୁଯାୟୀ ନିବେଶକଙ୍କୁ ଚୟନ କରାଯାଇଥାଏ।

# ପ୍ରତି ଲକ୍ଷେ ଜନ୍ମରେ ୨୪,୭୦୦ ମାତୃମୃତ୍ୟୁ



**ନୂଆଦିଲ୍ଲୀ :** ଦକ୍ଷିଣ ଏସିଆ ଓ ଅନ୍ୟ ଉପସାହାରୀୟ ଆଫ୍ରିକୀୟ ରାଷ୍ଟ୍ରଗୁଡ଼ିକରେ ମାତୃ ମୃତ୍ୟୁହାର ଅତ୍ୟନ୍ତ ଚିନ୍ତାଜନକ ରହିଛି। ୨୦୨୩ରେ ଭାରତ ସମେତ ଏହି ଅଞ୍ଚଳରେ ପ୍ରତି ୧ ଲକ୍ଷ ଶିଶୁ ଜନ୍ମରେ ୨୪,୭୦୦ ମାତୃମୃତ୍ୟୁ ଘଟିଥିବା ଏକ ନୂଆ ବୈଶ୍ୱିକ ବିଶ୍ଳେଷଣରୁ ଜଣାପଡ଼ିଛି। ଦି ଲାନ୍‌ସେଟ୍ ଅବ୍‌ଷ୍ଟେଟ୍ରିକ୍ସ, ଗାଇନେକୋଲୋଜି ଆଣ୍ଡ ଓମେନ୍ସ ହେଲ୍ଥ ଜର୍ନାଲରେ ପ୍ରକାଶିତ ଅନୁଧ୍ୟାନ ରିପୋର୍ଟ ଅନୁସାରେ ଏହି ସମୟରେ ପାକିସ୍ତାନରେ ପ୍ରତି ୧ ଲକ୍ଷ ଶିଶୁ ଜନ୍ମରେ ୧୦,୩୦୦ ମା'ଙ୍କ ମୃତ୍ୟୁ ଘଟିଥିଲା। ଆଫ୍ରିକୀୟ ଦେଶ ଇଥିଓପିଆ ଓ ନାଇଜେରିଆରେ ଏହି ହାର ଯଥାକ୍ରମେ ୧୧,୯୦୦ ଓ ୩୨,୯୦୦ ରହିଥିଲା।

## ଲୋକଙ୍କୁ ସତର୍କ କଲେ ସରକାର

# ପାଇପ୍ ଗ୍ୟାସ୍ ବ୍ୟବହାର କର, ନଚେତ ଏଲପିଜି ଯୋଗାଣ ବନ୍ଦ ହେବ

**ନୂଆଦିଲ୍ଲୀ :** ମଧ୍ୟପ୍ରାଚ୍ୟର ଯୁଦ୍ଧ ସଙ୍କଟ ମଧ୍ୟରେ ଦେଶବାସୀଙ୍କୁ ବଡ଼ ନିର୍ଦ୍ଦେଶ ଦେଇଛନ୍ତି ସରକାର। ଯୁଦ୍ଧ ଯୋଗୁ ଦେଶରେ ଏଲପିଜି ଯୋଗାଣ ବାଧାପ୍ରାପ୍ତ ହୋଇଛି। ଏହାକୁ ଦୃଷ୍ଟିରେ ରଖି ଲୋକଙ୍କୁ ସତର୍କ ସୂଚନା ଜାରି କରାଯାଇଛି। ପୂର୍ବରୁ ଘରୋଇ ଉପଭୋକ୍ତାଙ୍କୁ ଏଲପିଜି ସିଲିଣ୍ଡର ଯୋଗାଇ ଦେବାକୁ ପ୍ରାଥମିକତା ଦିଆଯାଉଥିବା ସରକାର କହିଥିଲେ। ହେଲେ ଏବେ ଲୋକଙ୍କୁ ପାଇପ ଯୋଗେ ମିଳୁଥିବା ଗ୍ୟାସ ବିକଳ୍ପକୁ ବାଛିବାକୁ ସରକାର କହିଛନ୍ତି। ଯଦି ଲୋକମାନେ ଉପଲବ୍ଧ ଥିବା ସତ୍ତ୍ୱେ ପାଇପଡ୍ ପ୍ରାକୃତିକ ଗ୍ୟାସ ବା ପିଏନଜିକୁ ବିକଳ୍ପ ଭାବେ ନ ବାଛିବେ, ତା'ହେଲେ ଏହା ସେମାନଙ୍କୁ ମହଙ୍ଗା ପଡ଼ିବ। ସବୁଧା ଥିବା ସତ୍ତ୍ୱେ ପିଏନଜିକୁ ବିକଳ୍ପ ଭାବେ ବାଛୁ ନଥିବା ଲୋକଙ୍କ ଏଲପିଜି ସଂଯୋଗକୁ ବିଚ୍ଛିନ୍ନ କରି ଦିଆଯିବ ବୋଲି ସରକାର ସତର୍କ କରାଇଛନ୍ତି। ତୁରନ୍ତ ଲୋକମାନେ ପିଏନଜି ମୁହାଁ ହୁଅନ୍ତୁ ଓ ସେମାନଙ୍କ ପାଖରେ ସମୟ ବହୁତ କମ ବୋଲି କହିବାକୁ ମଧ୍ୟ ସରକାର ପଛାଇ ନାହାନ୍ତି। ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ନିଜ ନୂଆ ନିର୍ଦ୍ଦେଶନାମାରେ କହିଛି ଯେ ବିଜ୍ଞପ୍ତି ଜାରି ହେବାର ୩ ମାସ ମଧ୍ୟରେ ଲୋକମାନେ ପିଏନଜିକୁ ଆପଣାନ୍ତୁ। ସୁବିଧା ଥାଇ ମଧ୍ୟ ଲୋକମାନେ ଯଦି ପିଏନଜି ବିକଳ୍ପକୁ ନ ବାଛିବେ, ତା'ହେଲେ ୩ ମାସ ପରେ ସେମାନଙ୍କୁ ମିଳୁଥିବା ଏଲପିଜି ଯୋଗାଣକୁ ମଧ୍ୟ ବିଚ୍ଛିନ୍ନ କରିଦିଆଯିବ। ପଶ୍ଚିମ ଏସିଆରେ ଯୁଦ୍ଧ ପରିସ୍ଥିତି ଯୋଗୁ ଦେଶରେ ଏଲପିଜି ସଙ୍କଟ ଦେଖା ଯାଇଛି। ଲୋକମାନେ ଠିକ ଭାବେ ଗ୍ୟାସ ପାଇ ପାରୁ ନାହାନ୍ତି। ଏହାକୁ ଦୃଷ୍ଟିରେ ରଖି ଉପଲବ୍ଧ ଥିବା ଅଞ୍ଚଳରେ ଲୋକମାନେ ପିଏନଜି ବ୍ୟବହାର କରନ୍ତୁ ବୋଲି ସରକାର ଚାହୁଁଛନ୍ତି। ଉଭୟ ଘରୋଇ ଓ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକୁ



ସରକାର ଏପରି ନିର୍ଦ୍ଦେଶ ଦେଇଛନ୍ତି। ପିଏନଜିର ଉତ୍ପାଦନ ଅଧିକ ହେଉଥିବା ବେଳେ ଏହା ସିଧାସଳଖ ଲୋକଙ୍କ ରୋଷେଇ ଘରେ ପହଞ୍ଚି ପାରିବ। ଏଥିପାଇଁ କୌଣସି ସିଲିଣ୍ଡରର ମଧ୍ୟ ଆବଶ୍ୟକ ନାହିଁ। ଏବେ ସିଲିଣ୍ଡର ଯୋଗାଣରେ ସମସ୍ୟା ରହିଥିବାରୁ ସରକାରଙ୍କ ପକ୍ଷରୁ ପିଏନଜି ନିର୍ଦ୍ଦେଶନାମା ଜାରି କରାଯାଇଛି। ନିକଟରେ ସରକାର ପିଏନଜି ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ। ସରକାର କହିଥିଲେ ଯେ ଯଦି ସମସ୍ତ ବ୍ୟବସାୟିକ ଏଲପିଜି ଗ୍ରାହକ ପିଏନଜି ଆଡ଼କୁ ଚାଲିଯିବେ, ତା'ହେଲେ ଏହା ନିଶ୍ଚିତ ଭାବେ ଲାଭଦାୟକ ହେବ। ହୋଟେଲ, ରେଷ୍ଟୁରାଣ୍ଟ ଓ କ୍ୟାଣ୍ଟିଂ ସେବା ଯୋଗାଇ ଦେଉଥିବା ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକ ଯଦି ପିଏନଜି ଆଡ଼କୁ ଶିଫ୍ଟ କରିଯିବେ, ତା'ହେଲେ ଘରୋଇ ସେବା ପାଇଁ ଉପଲବ୍ଧ ଥିବା ଏଲପିଜି ଯୋଗାଣ ଚାପ ହ୍ରାସ ପାଇପାରିବ। ସହାରାଞ୍ଚଳରେ ଅଧିକ ମାତ୍ରାରେ ପିଏନଜିକୁ ଗ୍ରହଣ କରିବା ପାଇଁ ମଧ୍ୟ ସରକାର ଉତ୍ସାହିତ କରିଥିଲେ। ଗ୍ରାହକମାନେ ପିଏନଜି ସଂଯୋଗ ପାଇଁ ଇ-ମେଲ, କଷ୍ଟମର ପୋର୍ଟାଲ, କଲ ସେଣ୍ଟର୍ସ କିମ୍ବା ସିଟି ଗ୍ୟାସ ବିତରଣ କମ୍ପାନୀ ସହ ଯୋଗାଯୋଗ କରିପାରିବେ। ପିଏନଜି ଭିତ୍ତିଭୂମିକୁ ଅଧିକ ସଶକ୍ତ ଓ ସଂପ୍ରସାରଣ କରିବା ପାଇଁ କେନ୍ଦ୍ର ସରକାର ଦେଶର ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ସରକାରମାନଙ୍କୁ ଚିଠି ଲେଖି ଗ୍ୟାସ ବିତରଣ କମ୍ପାନୀ ପ୍ରକଳ୍ପ ପାଇଁ ଶୀଘ୍ର ଅନୁମୋଦନ ଦେବାକୁ କହିଛନ୍ତି।

## ସୁପ୍ରିମ୍‌କୋର୍ଟଙ୍କ ଐତିହାସିକ ରାୟ

# ସେନା ବାହିନୀରେ ମହିଳା ଅଧିକାରୀଙ୍କୁ ସ୍ଥାୟୀ କମିଶନ

**ନୂଆଦିଲ୍ଲୀ :** ଭାରତୀୟ ସଶସ୍ତ୍ର ବାହିନୀରେ ଲିଙ୍ଗଗତ ସମାନତାକୁ ମଜବୁତ କରିବା ଉଦ୍ଦେଶ୍ୟରେ ଗୋଟିଏ ଐତିହାସିକ ରାୟ ଦେଇଛନ୍ତି ସୁପ୍ରିମକୋର୍ଟ। ମହିଳା ଶର୍ଟ ସର୍ଭିସ୍ କମିଶନ୍ (ଏସ୍‌ଏସ୍‌ସି) ଅଧିକାରୀମାନେ ସ୍ଥାୟୀ କମିଶନ ପାଇବାର ହକଦାର ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ଏପରି ରାୟ ଦେବା ସମୟରେ ସୁପ୍ରିମକୋର୍ଟ ନିଜ ପାଖରେ ଥିବା ଅସାଧାରଣ କ୍ଷମତାର ବ୍ୟବହାର କରିଛନ୍ତି। ପ୍ରଣାଳୀଗତ ଭେଦଭାବକୁ ସମାଲୋଚନା କରି କୋର୍ଟ କହିଛନ୍ତି ଯେ ମହିଳା ଅଧିକାରୀମାନେ ଗୋଟିଏ ତ୍ରୁଟିପୂର୍ଣ୍ଣ ଓ ଭେଦଭାବମୂଳକ ମୂଲ୍ୟାଙ୍କନର ସମ୍ମୁଖୀନ ହୋଇଛନ୍ତି। ସ୍ଥାୟୀ କମିଶନ୍ ପାଇଁ ପ୍ରତି ବର୍ଷ ୨୫୦ ଜଣ ମହିଳା ଅଧିକାରୀ ମନମାନୀର ସମ୍ମୁଖୀନ ହେଉଛନ୍ତି। ଏହାକୁ ଆଦୌ ଗ୍ରହଣ କରାଯାଇ ପାରିବ ନାହିଁ। ତେଣୁ ପୂର୍ବରୁ ହୋଇଥିବା ପକ୍ଷପାତିତାକୁ ସୁଧାରିବା ଓ ଆଗକୁ ସମାନ ସୁଯୋଗ ନିଶ୍ଚିତ କରିବା ପାଇଁ ବ୍ୟାପକ ନିର୍ଦ୍ଦେଶ ଜାରି କରିଛନ୍ତି ସର୍ବୋଚ୍ଚ ଅଦାଲତ। ଶର୍ଟ ସର୍ଭିସ୍ କମିଶନ୍ ଅଧୀନରେ ଅଧିକାରୀମାନଙ୍କୁ ୧୦ ବର୍ଷ ପାଇଁ ନିଯୁକ୍ତି ଦିଆଯାଏ, ଯାହାକୁ ୧୪ ବର୍ଷ ପର୍ଯ୍ୟନ୍ତ ବଢ଼ାଯାଇପାରେ। ଏହି କାର୍ଯ୍ୟକାଳ ଶେଷରେ ସେମାନଙ୍କୁ ସେବା ନିବୃତ୍ତ କରାଯାଏ। ବିନା ସ୍ଥାୟୀ କମିଶନରେ ସେମାନଙ୍କୁ ସେବାରୁ ନିବୃତ୍ତ ହେବାକୁ ପଡ଼ିଥାଏ। ସେମାନେ ସାଧାରଣତଃ ପୂର୍ଣ୍ଣ ପେନସନ ପାଇବାକୁ ଯୋଗ୍ୟ ବିବେଚିତ ହୁଅନ୍ତି ନାହିଁ। ସେମାନଙ୍କର କ୍ୟାରିୟର ଉନ୍ନତି ମଧ୍ୟ ସୀମିତ ଥାଏ। ଉଚ୍ଚ କମାଣ୍ଡ ଭୂମିକାରେ କାମ କରିବାକୁ ସେମାନଙ୍କ ପାଖରେ ବହୁତ କମ୍ ସୁଯୋଗ ରହିଥାଏ। କିନ୍ତୁ ସ୍ଥାୟୀ କମିଶନ ଯୋଗୁ ସଶସ୍ତ୍ର ବାହିନୀରେ ସବୁ ପ୍ରକାରର ସୁଯୋଗ ମିଳିଥାଏ। ଅବସର ସୀମା ୨୦ ବର୍ଷ କିମ୍ବା ଅଧିକ ରହିବା ସହ ପୂର୍ଣ୍ଣ ପେନସନ ଓ ସମସ୍ତ ଅବସରକାଳୀନ ଲାଭ ପାଇଁ ସେମାନେ ଯୋଗ୍ୟ ବିବେଚିତ ହୁଅନ୍ତି। ଉଚ୍ଚ ନେତୃତ୍ୱ ପଦବୀ ପର୍ଯ୍ୟନ୍ତ ପଦୋନ୍ନତି ପାଇବାର ସୁଯୋଗ ମଧ୍ୟ ମିଳିଥାଏ। ହେଲେ ସଶସ୍ତ୍ର ବଳରେ ମହିଳା ଅଧିକାରୀଙ୍କୁ ସ୍ଥାୟୀ କମିଶନ ନ ମିଳିବାକୁ ସହଜରେ ସୁପ୍ରିମକୋର୍ଟ ଗ୍ରହଣ କରି ନାହାନ୍ତି। ଏହାକୁ ଗୋଟିଏ ଭେଦଭାବମୂଳକ ଘଟଣା ବୋଲି କୋର୍ଟ କହି ସମ୍ବିଧାନର ଧାରା ୧୪୨ ଅଧୀନରେ ଥିବା ନିଜର



ସ୍ୱତନ୍ତ୍ର କ୍ଷମତାର ପ୍ରୟୋଗ କରିଛନ୍ତି। ମହିଳାମାନଙ୍କ ଦକ୍ଷତାକୁ ଉଭୟ ସ୍ଥଳ ସେନା ଓ ନୌସେନାରେ ଅନ୍ୟାୟ ମୂଲ୍ୟାଙ୍କନ କରାଯାଉଛି। ପୁରୁଷ ଏସ୍‌ଏସ୍‌ସିଓ (ଶର୍ଟ ସର୍ଭିସ୍ କମିଶନ୍ ଅଧିକାରୀ)ମାନେ ଆଶା କରିପାରିବେ ନାହିଁ ଯେ ସ୍ଥାୟୀ କମିଶନ୍ କେବଳ ପୁରୁଷଙ୍କ ପାଇଁ ସ୍ୱତନ୍ତ୍ର ଭାବେ ରହିବ। ମହିଳା ଏସ୍‌ଏସ୍‌ସିଓମାନଙ୍କୁ ସ୍ଥାୟୀ କମିଶନ୍ ନ ଦେବା ଭେଦଭାବର ଓ ଅନ୍ୟାୟ ମୂଲ୍ୟାଙ୍କନର ଅଂଶବିଶେଷ ବୋଲି ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟ କାନ୍ତଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ କହିଛନ୍ତି। କୋର୍ଟ ମୂଲ୍ୟାଙ୍କନ ପ୍ରକ୍ରିୟାରେ ଥିବା ସାଂଘାତିକ ତ୍ରୁଟିକୁ ମଧ୍ୟ ଚିହ୍ନଟ କରିଛନ୍ତି। ମହିଳା ଅଧିକାରୀଙ୍କର ବାର୍ଷିକ ଗୋପନୀୟ ରିପୋର୍ଟ (ଏସିଆରଏସ୍)କୁ ଅନ୍ୟାୟ ଓ ଅତ୍ୟନ୍ତ ହାଲୁକା ଭାବେ ମୂଲ୍ୟାଙ୍କନ କରାଯାଉଥିଲା। ସେମାନେ ସ୍ଥାୟୀ କମିଶନ୍ ପାଇବେ ନାହିଁ ବୋଲି ମୁଣ୍ଡରେ ରଖି ମୂଲ୍ୟାଙ୍କନ କରାଯାଉଥିଲା। ଭେଦଭାବର ଆହୁରି ଗୋଟିଏ ଉଦାହରଣ ଦେଇ କୋର୍ଟ କହିଛନ୍ତି, "ମହିଳା ଅଧିକାରୀମାନଙ୍କୁ କ୍ୟାରିୟରରେ ଆଗକୁ ବଢ଼ିବା ପାଇଁ ଉପଲବ୍ଧ ଥିବା ବ୍ୟବସ୍ଥାରେ ସାମିଲ କରାଯାଉ ନଥିଲା। ସେମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ଟ୍ରେନିଂ ବା ସେବାକୁ ପଠାଯାଉନଥିଲା। ଏହା ସେମାନଙ୍କର କ୍ୟାରିୟର ଉନ୍ନତିକୁ ପ୍ରଭାବିତ କରୁଥିଲା। ଏଣିକି ସ୍ଥାୟୀ କମିଶନ୍ ପାଇବାର ଅଧିକାର ରଖିଥିବା ମହିଳା ଅଧିକାରୀମାନଙ୍କୁ ୨୦ ବର୍ଷର ଯୋଗ୍ୟ ସେବା ସମାପ୍ତ କରିଛନ୍ତି ବୋଲି ଗଣନା କରାଯିବ ଓ ପେନସନ ସହ ସମସ୍ତ ଲାଭ ପାଇବାକୁ ଯୋଗ୍ୟ ବିବେଚିତ କରାଯିବ। ପୂର୍ବରୁ ସିଲେକ୍ସନ୍ ବୋର୍ଡରେ ଯୋଗ୍ୟ ବିବେଚିତ ହୋଇ ପରବର୍ତ୍ତୀ ଅବସ୍ଥାରେ ଅଯୋଗ୍ୟ ଘୋଷିତ ହୋଇଥିବା ଅଧିକାରୀଙ୍କ କ୍ଷେତ୍ରରେ ମଧ୍ୟ ଏହା ଲାଗୁ ହେବ। କୋର୍ଟ ସ୍ପଷ୍ଟ କରିଛନ୍ତି ଯେ ୨୦୧୯, ୨୦୨୦ ଓ ୨୦୨୧ ରେ ହୋଇଥିବା ସିଲେକ୍ସନ୍ ବୋର୍ଡ ମାଧ୍ୟମରେ ଏସ୍‌ଏସ୍‌ସି ଅଧିକାରୀଙ୍କୁ ପ୍ରଦାନ କରାଯାଇଥିବା ସ୍ଥାୟୀ କମିଶନ୍ ଅପରିବର୍ତ୍ତିତ ରହିବ।

### ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟର ନିର୍ଦ୍ଦେଶ

# ଗୁଜବ ଓ ଅପପ୍ରଚାରକୁ ବିଶ୍ୱାସ କରନ୍ତୁନି



**ଭୁବନେଶ୍ୱର :** ଦେଶରେ ପେଟ୍ରୋଲିୟମ ଉତ୍ପାଦ ଏବଂ ଗ୍ୟାସର ନିରନ୍ତର ଯୋଗାଣ ସୁନିଶ୍ଚିତ କରିବା ପାଇଁ ଆଜି କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ପକ୍ଷରୁ ମନ୍ତ୍ରଣାଳୟର ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଆଭାସୀ ମାଧ୍ୟମରେ ଲୋକସେବା ଭବନରୁ ମୁଖ୍ୟ ଶାସନ ସଚିବ ଓଡିଶା, ଅନୁ ଗର୍ଗ, ରାଜ୍ୟ ଖାଦ୍ୟ ଯୋଗାଣ ଖାଉଟି କଲ୍ୟାଣ ବିଭାଗର ପ୍ରମୁଖ ସଚିବ ଶ୍ରୀଯୁକ୍ତ ସଂଜୟ କୁମାର ସିଂ ଏବଂ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏହି ଆଭାସୀ ବୈଠକର ମୁଖ୍ୟ ଆଲୋଚନା ଥିଲା ଗ୍ରାହକଙ୍କୁ ଇନ୍ଧନ ଯୋଗାଣ। ବର୍ତ୍ତମାନର ପରିସ୍ଥିତିକୁ ଦୃଷ୍ଟିରେ ରଖି ଦେଶରେ ପେଟ୍ରୋଲ, ଡିଜେଲ ଏବଂ ସିଏନଜି ଯୋଗାଣ ଯେପରି ବାଧାପ୍ରାପ୍ତ ନହୁଏ, ସେଥିପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ଜାଳେଣି ଦର ବୃଦ୍ଧି କିମ୍ବା ଅଭାବ ନେଇ ଚାଲିଥିବା ଗୁଜବକୁ ସରକାର ସମ୍ପୂର୍ଣ୍ଣ ରୂପେ ଖଣ୍ଡନ କରିଛନ୍ତି। ତୈଳ ବିଶୋଧନାଗାରଗୁଡ଼ିକ ସମ୍ପୂର୍ଣ୍ଣ କ୍ଷମତାର ସହ କାର୍ଯ୍ୟ କରୁଥିବାରୁ ଖାଉଟିମାନଙ୍କୁ ଆତଙ୍କିତ ହୋଇ ଜାଳେଣି ସଂଗ୍ରହ ନକରିବାକୁ ଅନୁରୋଧ କରାଯାଇଛି। ବ୍ୟବସାୟିକ ଅନୁଷ୍ଠାନ ଗୁଡିକରେ ଏଲପିଜି ବଦଳରେ ପିଏନଜି ଯୋଗାଣକୁ ପ୍ରାଥମିକତା ଦିଆଯିବ। ଜାଳେଣି ମହଜୁଦ ଏବଂ କଳାବଜାରୀ ରୋକିବା ପାଇଁ ପ୍ରଶାସନ ପକ୍ଷରୁ 'ଅତ୍ୟାବଶ୍ୟକ ସାମଗ୍ରୀ ଆଇନ' ଅନୁଯାୟୀ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସମସ୍ତ ରାଜ୍ୟ ସରକାରଙ୍କୁ ପରାମର୍ଶ ଦିଆଯାଇଛି। ସାମାଜିକ ଗଣମାଧ୍ୟମରେ ଇନ୍ଧନ ଅଭାବକୁ ନେଇ ବ୍ୟାପୁଥିବା ଗୁଜବ ଏବଂ ଭୟରେ ଆତଙ୍କିତ ନ ହେବାକୁ ପାଇଁ ପ୍ରଶାସନ ପକ୍ଷରୁ ସଚେତନତା ସୃଷ୍ଟି କରିବାକୁ କୁହାଯାଇଛି। ବର୍ତ୍ତମାନ ସ୍ଥିତିର ତଦାରଖ ପାଇଁ ଜିଲ୍ଲା ଓ ରାଜ୍ୟ ସ୍ତରରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ କାର୍ଯ୍ୟକ୍ଷମ କରିବା ଏବଂ ଦୈନିକ ରିପୋର୍ଟ ପ୍ରଦାନ କରିବାକୁ ନିଷ୍ପତ୍ତି ନିଆଯାଇଛି।

### ସ୍ୱାସ୍ଥ୍ୟ ପ୍ରତିଷ୍ଠାନଗୁଡ଼ିକରେ ଅଗ୍ନି ନିରାପତ୍ତା ନିମନ୍ତେ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଜିଲ୍ଲାପାଳଙ୍କ ସହ ସମୀକ୍ଷା ବୈଠକ

# ସ୍ୱତନ୍ତ୍ର ଟାସ୍କ ଫୋର୍ସ ଗଠନକୁ ଗୁରୁତ୍ୱ



**ଭୁବନେଶ୍ୱର :** ରାଜ୍ୟର ସମସ୍ତ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ଗୁଡିକରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ ସୁଦୃଢ କରିବା ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ ଲୋକସେବା ଭବନ ଠାରେ ଆଭାସୀ ମାଧ୍ୟମରେ ସମସ୍ତ ଜିଲ୍ଲାପାଳଙ୍କ ସହ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ କରି ବିସ୍ତୃତ ଆଲୋଚନା କରିଛନ୍ତି। ମାନ୍ୟବର ମନ୍ତ୍ରୀ ସ୍ୱାସ୍ଥ୍ୟ ପ୍ରତିଷ୍ଠାନଗୁଡିକର ଅଗ୍ନି ନିରାପତ୍ତା ଭିତ୍ତିଭୂମି ନିମନ୍ତେ ନିରୀକ୍ଷଣ, ଆବଶ୍ୟକ ଏଷ୍ଟିମେଟ ଏବଂ ସମୟସୀମା ମଧ୍ୟରେ ଶେଷ କରିବାକୁ ସମସ୍ତ ଜିଲ୍ଲାପାଳ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶ କ୍ରମେ ହସ୍ପିଟାଲରେ ଅଗ୍ନି ନିରୋଧ ଓ ନିର୍ବାପନ ବ୍ୟବସ୍ଥାକୁ କଡାକଡି ଭାବେ ପାଳନ କରାଯାଉଛି। ସ୍ୱତନ୍ତ୍ର ଟାସ୍କ ଫୋର୍ସ ଗଠନ, ମକ୍ ଡ୍ରିଲ, ନିୟମିତ ଯାଞ୍ଚ, ଅଗ୍ନି ନିର୍ବାପକ ବ୍ୟବସ୍ଥା ସହ ଚାଲୁ ରହିଥିବା ପ୍ରକଳ୍ପ ଶୀଘ୍ର ଶେଷ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲା ମାନଙ୍କରେ ଏସବୁକୁ ଗୁରୁତ୍ୱର ସହ ପାଳନ ନିମନ୍ତେ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସମୀକ୍ଷା ବେଳେ ମନ୍ତ୍ରୀ ମହୋଦୟ ରୋଗୀଙ୍କ ସୁରକ୍ଷାକୁ ଧ୍ୟାନ ଦେଇ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ଯେ, ସମସ୍ତ ମେଡିକାଲ କଲେଜ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ କେନ୍ଦ୍ରରେ ନିୟମିତ ଭାବେ ଅଗ୍ନି ସୁରକ୍ଷା ଯାଞ୍ଚ କରାଯିବ। ସମସ୍ତ ଅଗ୍ନି ନିରାପତ୍ତା ଉପକରଣ ବ୍ୟବହାର ଯୋଗ୍ୟ ରହିବା ଆବଶ୍ୟକ, ନିୟମିତ ଭାବେ ଫାୟାର ସେଫ୍ଟି ଅଡିଟ ଓ ମକ୍ ଡ୍ରିଲ୍ ଆୟୋଜନ କରାଯିବ। ଏହାସହ ଫାୟାର ସର୍ଭିସ ଓ ପୂର୍ତ୍ତ ବିଭାଗ ସହ ସମନ୍ୱୟ ରଖି ଆବଶ୍ୟକ ପଦକ୍ଷେପ ନେବାକୁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ପୂର୍ତ୍ତ ବିଭାଗ ପ୍ରମୁଖ ସଚିବ ସଞ୍ଜୟ କୁମାର ସିଂ, ସ୍ୱତନ୍ତ୍ର ରିଲିଫ କମିଶନର ରାଜେଶ ପ୍ରଭାକର ପାଟିଲ, ସ୍ୱାସ୍ଥ୍ୟ ବିଭାଗ ଶାସନ ସଚିବ ଅଶ୍ୱତୀ ଏସ., କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଶାସନ ସଚିବ ସଚିନ ରାମଚନ୍ଦ୍ର ଜାଧବ, ବରିଷ୍ଠ ସ୍ୱାସ୍ଥ୍ୟ ଅଧିକାରୀଙ୍କ ସହ ଆଭାସୀ ମାଧ୍ୟମରେ ସମସ୍ତ ଜିଲ୍ଲାର ଜିଲ୍ଲାପାଳ, ମୁଖ୍ୟ ଚିକିତ୍ସା ଅଧିକାରୀ, ଅଗ୍ନିଶମ ଅଧିକାରୀ, ମେଡିକାଲ କଲେଜର ଅଧକ୍ଷ, ସୁପରିଟେଣ୍ଡେଣ୍ଟ ପ୍ରମୁଖ ଉପସ୍ଥିତ ଥିଲେ।

# ଜଷ୍ଟିସ ଶତ୍ରୁଘ୍ନ ପୂଜାହାରୀ ଓଏଚ୍ଆରସି ଅଧକ୍ଷ



**କଟକ :** ଓଡ଼ିଶା ମାନବାଧିକାର କମିସନ (ଓଏଚ୍ଆରସି)ର ଅଧକ୍ଷ ଭାବେ ପୁଣି ଜଷ୍ଟିସ ଶତ୍ରୁଘ୍ନ ପୂଜାହାରୀଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି। ରାଜ୍ୟପାଳ କମିସନ ଅଧକ୍ଷ ଭାବେ ଜଷ୍ଟିସ ପୂଜାହାରୀଙ୍କୁ ନିଯୁକ୍ତି ପ୍ରଦାନ କରିଛନ୍ତି। ଏ ନେଇ ଆଜି ଆଇନ ବିଭାଗ ତରଫରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏଠାରେ ସୂଚନାଯୋଗ୍ୟ ଯେ ମାନବାଧିକାର କମିସନ ଅଧକ୍ଷ ଭାବେ ଜଷ୍ଟିସ ପୂଜାହାରୀଙ୍କ କାର୍ଯ୍ୟକାଳ ଗତ ଫେବ୍ରୁଆରି ମାସରେ ଶେଷ ହୋଇଥିଲା। ଉଲ୍ଲେଖଯୋଗ୍ୟ ଯେ ଯେ ଜଷ୍ଟିସ ଶତ୍ରୁଘ୍ନ ପୂଜାହାରୀ ୨୦୧୩ ନଭେମ୍ବର ୨୯ରେ ଓଡ଼ିଶା ହାଇକୋର୍ଟର ବିଚାରପତି ଭାବେ ଶପଥ ଗ୍ରହଣ କରିଥିଲେ। ୨୦୧୭, ନଭେମ୍ବର ୨୨ ପର୍ଯ୍ୟନ୍ତ ଓଡ଼ିଶା ହାଇକୋର୍ଟରେ ବିଚାରପତି ଭାବେ କାର୍ଯ୍ୟ କରିବା ପରେ ତାଙ୍କର ମାଡ୍ରାସ ହାଇକୋର୍ଟକୁ ବଦଳି ହୋଇଥିଲା। ଏହା ପରେ ମାଡ୍ରାସ ହାଇକୋର୍ଟରୁ ତାଙ୍କର ବଦଳି ପରେ ପୁଣି ସେ ୨୦୧୮, ନଭେମ୍ବର ୧୯ରେ ଓଡ଼ିଶା ହାଇକୋର୍ଟର ବିଚାରପତି ଭାବେ ଯୋଗ ଦେଇଥିଲେ। ୧୯୬୦, ସେପ୍ଟେମ୍ବର ୨୪ରେ ସୋନପୁର ଜିଲ୍ଲା ସୁବଳୟା ଗ୍ରାମରେ ଜନ୍ମିତ ଜଷ୍ଟିସ ପୂଜାହାରୀ ୧୯୭୮ରେ ସୋନପୁରସ୍ଥିତ ସୁବଳୟା ହାଇସ୍କୁଲରୁ ଦଶମ ଶ୍ରେଣୀ ପାସ କରିଥିଲେ। ବଲାଙ୍ଗୀରର ରାଜେନ୍ଦ୍ର କଲେଜରୁ ୧୯୮୩ ମସିହାରେ ରାଜନୀତି ବିଜ୍ଞାନ ସମ୍ମାନ ରଖି ସ୍ନାତକ ଡିଗ୍ରି ସେ ହାସଲ କରିଥିଲେ। ୧୯୮୬ରେ ସମ୍ବଲପୁରସ୍ଥିତ ଲାଲା ଲଜପତ ରାୟ ଆଇନ ମହାବିଦ୍ୟାଳୟରୁ ସେ ଏଲଏଲବି ପାସ୍ କରିଥିଲେ। ୧୯୮୭ରେ ଆଇନଜୀବୀ ପେସାରେ ସେ ଯୋଗ ଦେଇଥିଲେ। ପରବର୍ତ୍ତୀ ସମୟରେ ଓଡ଼ିଶା ସୁପିରିୟର ଜୁଡିସିଆଲ ସର୍ଭିସ(ସିନିୟର ବ୍ରାଞ୍ଚ) ପରୀକ୍ଷାରେ ସଫଳତା ହାସଲ କରି ସେ ୨୦୦୩, ଫେବ୍ରୁୟାରି ୭ରେ ବ୍ରହ୍ମପୁରର ଦ୍ୱିତୀୟ ଅତିରିକ୍ତ ଜିଲା ଦୌରା ଜଜ୍ ଭାବେ ଯୋଗଦେଇଥିଲେ।


### ବିଦ୍ୟୁତ ଗ୍ରାହକଙ୍କ ପାଇଁ ଖୁସିଖବର

# ବଢ଼ିବନି ବିଦ୍ୟୁତ ଦର



**ଭୁବନେଶ୍ୱର :** ବିଦ୍ୟୁତଗ୍ରାହକଙ୍କ ପାଇଁ ଖୁସିଖବର। ଚଳିତ ବର୍ଷ ବଢ଼ିବନି ବିଦ୍ୟୁତ ବିଲ୍। ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ ୨୦୨୬-୨୭ ବର୍ଷ ପାଇଁ ନୂଆ ବିଦ୍ୟୁତ ଦର ଘୋଷଣା କରିଛନ୍ତି। ଲଗାତାର ପଞ୍ଚମ ବର୍ଷ ପାଇଁ ବିଦ୍ୟୁତ ଦର ଅପରିବର୍ତ୍ତିତ ରହିଛି। ନୂଆ ନିୟମରେ ୧୫ଟି ବଡ଼ ମୁଖ୍ୟ କଥା ରହିଛି। ପ୍ରଥମେ ଦର ବଢ଼ିବ ନାହିଁ। ସାଧାରଣ ଗ୍ରାହକଙ୍କ ପାଇଁ ବିଦ୍ୟୁତ ବିଲ୍ ରେ କୌଣସି ବୃଦ୍ଧି କରାଯାଇ ନାହିଁ। ଟ୍ରାନ୍ସମିସନ୍ ଚାର୍ଜ ହ୍ରାସ ହୋଇଛି। ଓପିଟିସିଏଲର ଚାର୍ଜ ୟୁନିଟ୍ ପିଛା ୨୫.୫ ପଇସାରୁ ୨୪ ପଇସାକୁ କମିଛି। ଚତୁର୍ଥରେ ଶିଳ୍ପ ସଂସ୍ଥାଙ୍କୁ ରିହାତି ଦିଆଯାଇଛି। ଅଧିକ ବିଦ୍ୟୁତ ବ୍ୟବହାର କରୁଥିବା ଇଏଚଟି ଶିଳ୍ପଗୁଡ଼ିକ ପାଇଁ ରିହାତି ୨୦ ପଇସାରୁ ୩୦ ପଇସାକୁ ବୃଦ୍ଧି ପାଇଛି। ମେଗା ଲିଫ୍ଟ ଜଳସେଚନ ଗ୍ରାହକଙ୍କ ପାଇଁ କୌଣସି ଡିମାଣ୍ଡ ଚାର୍ଜ ଲାଗିବ ନାହିଁ। ସୌର ଶକ୍ତି ସମୟରେ ୟୁନିଟ୍ ପିଛା ୨ ଟଙ୍କା ଓ ଅନ୍ୟ ସମୟରେ ୧ ଟଙ୍କା ରିହାତି ମିଳିବ। ଘରୋଇ ଗ୍ରାହକଙ୍କୁ ୪% ରିହାତି ମିଳିବ। ଯଦି ଆପଣ ସମୟ ପୂର୍ବରୁ ଅନଲାଇନ୍ ରେ ସମ୍ପୂର୍ଣ୍ଣ ବିଲ୍ ପୈଠ କରନ୍ତି, ତେବେ ୪% ରିହାତି ପାଇବେ। ପ୍ରି-ପେଡ୍ ମିଟର ବ୍ୟବହାର କରୁଥିବା ଗ୍ରାହକଙ୍କୁ ମଧ୍ୟ ୪% ରିହାତି ମିଳିବ। ଇ-ବିଲ୍ ପାଇଁ ମଧ୍ୟ ରିହାତି ରହିଛି। ଯେଉଁମାନେ କାଗଜ ବିଲ୍ ବଦଳରେ ଇଲେକ୍ଟ୍ରୋନିକ୍ ବିଲ୍ ଗ୍ରହଣ କରିବେ, ସେମାନଙ୍କୁ ୧୦ ଟଙ୍କା ଛାଡ଼ ମିଳିବ। ରେଳବାଇ ଟ୍ରାକ୍ସନ୍ ପାଇଁ ୟୁନିଟ୍ ପିଛା ଅଧିକ ୨୫ ପଇସା ରିହାତି ଘୋଷଣା ହୋଇଛି। ସମୟ ଅନୁଯାୟୀ ଶୁଳ୍କ ଧାର୍ଯ୍ୟ ହୋଇଛି। ଜୁଲାଇ ୨୦୨୬ରୁ ସ୍ମାର୍ଟ ମିଟର ଗ୍ରାହକଙ୍କ ପାଇଁ ସୌର ସମୟରେ ଅର୍ଥାତ ସକାଳ ୮ରୁ ଅପରାହ୍ନ ୪ଟା ଯାଏ ବିଦ୍ୟୁତ୍ ବିଲ୍ ଶସ୍ତା ହେବ। ପିକ୍ ସମୟରେ ଅର୍ଥାତ ସନ୍ଧ୍ୟା ୬ରୁ ରାତି ୧୨ଟା ମଧ୍ୟରେ ବିଦ୍ୟୁତ ମହଙ୍ଗା ହେବ। ବଡ଼ ଶିଳ୍ପଙ୍କୁ ପ୍ରୋତ୍ସାହନ ମିଳିଛି। ଇସ୍ପାତ ପ୍ଲାଣ୍ଟ ଓ ଅନ୍ୟ ବଡ଼ ଶିଳ୍ପଗୁଡ଼ିକ ଉତ୍ତମ ପରିଚାଳନା ପାଇଁ ୧୦% ରୁ ୨୦% ରିହାତି ପାଇପାରିବେ। ପରିବହନ କ୍ଷୟ ହ୍ରାସ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ରାଜ୍ୟର ଏଚଟି ଲସ୍ ୮% ରୁ ୭% କୁ କମାଇବାକୁ ଲକ୍ଷ୍ୟ ରଖାଯାଇଛି। କିନ୍ତୁ ଓପନ ଆକ୍ସେସ ଚାର୍ଜ ଲାଗିବ। ଅର୍ଥାତ ବାହାରୁ ବିଦ୍ୟୁତ ଆଣୁଥିବା ଶିଳ୍ପଗୁଡ଼ିକ ପାଇଁ ନୂଆ ସରଚାର୍ଜ ଓ ହୁଇଲିଂ ଚାର୍ଜ ଧାର୍ଯ୍ୟ ହୋଇଛି। ନୂଆ ନିୟମରେ ସ୍ମାର୍ଟ ମିଟର ଉପରେ ଜୋର ଦିଆଯାଇଛି। ବିଦ୍ୟୁତ କ୍ଷୟ ରୋକିବାକୁ ସମସ୍ତ ଫିଡର ଓ ଗ୍ରାହକଙ୍କ ପାଖରେ ସ୍ମାର୍ଟ ମିଟର ଲଗାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ସିକ୍ୟୁରିଟି ଡିପୋଜିଟ୍ ଫେରସ୍ତ ପାଇଁ ବ୍ୟବସ୍ଥା ହୋଇଛି। ଯେଉଁମାନଙ୍କ ବିଦ୍ୟୁତ ସଂଯୋଗ ସ୍ଥାୟୀ ଭାବେ କଟିଯାଇଛି, ସେମାନଙ୍କ ପୁରୁଣା ସିକ୍ୟୁରିଟି ଟଙ୍କା ଫେରସ୍ତ ପାଇଁ ସରଳ ବ୍ୟବସ୍ଥା କରାଯାଇଛି।

## ମେ' ୫ରୁ ପିଜି ନାମଲେଖା ପାଇଁ ପ୍ରବେଶିକା ପରୀକ୍ଷା



**ଭୁବନେଶ୍ୱର :** ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ ସ୍ନାତକୋତ୍ତର (ପିଜି) ନାମଲେଖା ପାଇଁ ଆସନ୍ତା ମେ' ୫ରୁ ଆରମ୍ଭ ହେବ ଏକକ ପିଜି ପ୍ରବେଶିକା ପରୀକ୍ଷା। ଏହା ୧୮ ପର୍ଯ୍ୟନ୍ତ ଚାଲିବ। ଏନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ୨୦୨୬-୨୭ ଶିକ୍ଷାବର୍ଷରେ ସ୍ନାତକୋତ୍ତର ପାଠ୍ୟକ୍ରମର ୩୧ ହଜାର ୯୧୫ ଆସନ ପାଇଁ ନିମନ୍ତେ ୫୮, ୭୦୮ଜଣ ଛାତ୍ରଛାତ୍ରୀ ପ୍ରବେଶିକା ପରୀକ୍ଷା ପାଇଁ ଆବେଦନ କରିଛନ୍ତି। ସେମାନଙ୍କ ମଧ୍ୟରୁ ୫୫,୨୯୯ ଦେୟ ପୈଠ କରିଛନ୍ତି। ଆବେଦନକାରୀ ଏପ୍ରିଲ ୩୦ରୁ ନିଜର ପ୍ରବେଶ ପତ୍ର (ଆଡମିଟ୍ କାର୍ଡ) ପାଇପାରିବେ। ଛାତ୍ରଛାତ୍ରୀ ଏସଏସବି ୱେବ୍‌ସାଇଟ୍ ଡବ୍ଲୁଡବ୍ଲୁଡବ୍ଲୁ.ଏସଏସବିଓଡ଼ିଶା.ଏସି.ଇନରେ ଲଗଇନ୍ କରି ଆଡମିଟ କାର୍ଡ ପାଇପାରିବେ।

### ଓଡ଼ିଶା ବିଶ୍ୱବିଦ୍ୟାଳୟରେ ଖାଲି ପଦ ପୂରଣ ମାମଲା

# ସତ୍ୟପାଠ ଦାଖଲ ପାଇଁ ସରକାରଙ୍କୁ ନିର୍ଦ୍ଦେଶ



**କଟକ :** ଓଡ଼ିଶା ବିଶ୍ୱବିଦ୍ୟାଳୟରେ ଖାଲି ପଡ଼ିଥିବା ପ୍ରଫେସର, ସହଯୋଗୀ ପ୍ରଫେସର ଓ ସହକାରୀ ପ୍ରଫେସର ପଦ ପୂରଣ ପାଇଁ ରୁଜୁ ମାମଲାରେ ଦୁଇ ସପ୍ତାହ ମଧ୍ୟରେ ସତ୍ୟପାଠ ଦାଖଲ କରିବାକୁ ରାଜ୍ୟ ସରକାରଙ୍କୁ ଓଡ଼ିଶା ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଓ ବିଚାରପତି ଏମ.ଏସ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଆଇନଜୀବୀ ପ୍ରବୀର କୁମାର ଦାସଙ୍କ ଦ୍ୱାରା ରୁଜୁ ହୋଇଥିବା ଏହି ଜନସ୍ୱାର୍ଥ ମାମଲାର ପ୍ରାଥମିକ ଶୁଣାଣି ହୋଇଥିଲା। ସରକାରୀ ଓକିଲ ଦର୍ଶାଇଥିଲେ ଯେ, ଉକ୍ତ ବିଶ୍ୱବିଦ୍ୟାଳୟର ସ୍ଥାୟୀ କୁଳପତି ନିଯୁକ୍ତି ବିଷୟ ଚୂଡ଼ାନ୍ତ ପର୍ଯ୍ୟାୟରେ ଅଛି ଏବଂ କୁଳପତି ନିଯୁକ୍ତି ହେଲା ପରେ ତୁରନ୍ତ ଅଧ୍ୟାପକ ନିଯୁକ୍ତି ପାଇଁ ପଦକ୍ଷେପ ନିଆଯିବ। ଏତେ ସମୟ ଧରି ଏହି ବିଶ୍ୱବିଦ୍ୟାଳୟରେ ଶିକ୍ଷାଦାନ ପାଇଁ ଅଧ୍ୟାପକ ନିଯୁକ୍ତି କରାଯାଇ ନ ଥିବାରୁ ଚିନ୍ତାପ୍ରକଟ କରିବା ସହିତ ଖଣ୍ଡପୀଠ ଏହି ମାମଲାରେ ଦୁଇସପ୍ତାହ ମଧ୍ୟରେ ସରକାରଙ୍କୁ ସତ୍ୟପାଠ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ପରବର୍ତ୍ତୀ ଶୁଣାଣି ଏପ୍ରିଲ ୨୨କୁ ଧାର୍ଯ୍ୟ କରାଯାଇଛି। ଆବେଦନକାରୀ ଆଇନଜୀବୀ ଶ୍ରୀ ଦାସ ଦର୍ଶାଇଛନ୍ତି ଯେ ବିଶ୍ୱବିଦ୍ୟାଳୟର ପ୍ରଥମ ଶିକ୍ଷା ବର୍ଷ ୨୦୨୩ ସେପ୍ଟେମ୍ବର ୫ରୁ ଆରମ୍ଭ ହୋଇଥିଲା। ବିଶ୍ୱବିଦ୍ୟାଳୟରେ ଓଡ଼ିଆ ସାହିତ୍ୟ, ଭାଷା ବିଜ୍ଞାନ, ଇତିହାସ ଓ ସଂସ୍କୃତି ସମ୍ବନ୍ଧୀୟ ଗବେଷଣା, ଅଧ୍ୟୟନ ଏବଂ ଜ୍ଞାନର ବ୍ୟାପକ ପ୍ରସାର ଉପରେ ଗୁରୁତ୍ୱାରୋପ କରାଯିବା ପାଇଁ ବିଭିନ୍ନ ପଦକ୍ଷେପମାନ ଗ୍ରହଣ କରାଯାଉଥିବା କୁହାଯାଇଥିଲା; କିନ୍ତୁ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେବା ଦିନରୁ ଏପର୍ଯ୍ୟନ୍ତ ମଞ୍ଜୁରୀପ୍ରାପ୍ତ ୩ଟି ପ୍ରଫେସର, ୬ଟି ସହଯୋଗୀ ପ୍ରଫେସର ଓ ୧୨ଟି ସହକାରୀ ପ୍ରଫେସର ପଦ ପୂରଣ କରାଯାଇ ନାହିଁ। ଅତିଥି ଶିକ୍ଷକ ଓ ଅବସରପ୍ରାପ୍ତ ପ୍ରଫେସରଙ୍କ ହାତରେ ଶିକ୍ଷାଦାନ ଦାୟିତ୍ୱ ରହିଛି। ଏହାଦ୍ୱାରା ଓଡ଼ିଆ ବିଶ୍ୱବିଦ୍ୟାଳୟରେ ଶିକ୍ଷାଦାନର ମାନ ପ୍ରଭାବିତ ହେଉଛି। ବିଭିନ୍ନ ବିଭାଗରେ ସ୍ନାତକୋତ୍ତର ପାଠ୍ୟକ୍ରମରେ ନାମ ଲେଖାଉଥିବା ଛାତ୍ରଛାତ୍ରୀ ଯେଉଁ ଆଶା ନେଇ ଓଡ଼ିଆ ବିଶ୍ୱବିଦ୍ୟାଳୟକୁ ଆସୁଛନ୍ତି ତାହା ପୂରଣ ହେଉ ନାହିଁ। ୨୦୨୫ ମାର୍ଚ୍ଚ ୧୮ରେ ଆବେଦନକାରୀଙ୍କ ତରଫରୁ ଏହି ସବୁ ପଦ ପୂରଣ ପ୍ରସଙ୍ଗ ନେଇ କୁଳାଧିପତିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଆବେଦନକାରୀଙ୍କ ସ୍ମାରକପତ୍ରକୁ କୁଳାଧିପତିଙ୍କ କାର୍ଯ୍ୟାଳୟ ତରଫରୁ ଉଚ୍ଚଶିକ୍ଷା ବିଭାଗକୁ ପଠାଯିବା ସହିତ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବାକୁ କୁହାଯାଇଥିଲା; କିନ୍ତୁ ଏହାପରେ ମଧ୍ୟ ଏହି ପ୍ରସଙ୍ଗରେ କୌଣସି ପଦକ୍ଷେପ ବିଶ୍ୱବିଦ୍ୟାଳୟ ବା ଉଚ୍ଚଶିକ୍ଷା ବିଭାଗ ତରଫରୁ ଗ୍ରହଣ କରାଯାଇ ନାହିଁ। ନିର୍ଦ୍ଧାରିତ ସମୟସୀମା ଭିତରେ ଓଡ଼ିଆ ବିଶ୍ୱବିଦ୍ୟାଳୟରେ ଖାଲି ପଡ଼ିଥିବା ପ୍ରଫେସର, ସହଯୋଗୀ ପ୍ରଫେସର ଓ ସହକାରୀ ପ୍ରଫେସର ପଦ ପୂରଣ କରିବାକୁ ରାଜ୍ୟ ସରକାର ଓ ବିଶ୍ୱବିଦ୍ୟାଳୟକୁ ନିର୍ଦ୍ଦେଶ ଦିଆଯାଉ ବୋଲି ଆବେଦନରେ ଉଲ୍ଲେଖ କରାଯାଇଛି।


## ବାୟୋମେଟ୍ରିକ୍ ଦ୍ୱାରା କରିହେବ ୟୁପିଆଇ କାରବାର

**ଭୁବନେଶ୍ୱର :** ଭାରତୀୟ ରାଷ୍ଟ୍ରୀୟ ପରିଶୋଧ ନିଗମ (ଏନପିସିଆଇ) ଅଧିଗୃହୀତ ଏନପିସିଆଇ ଭିମ୍ ସର୍ଭିସେସ୍ ଲିମିଟେଡ୍ (ଏନବିଏସଏଲ) ଭିମ୍ ପେମେଣ୍ଟସ୍ ଆପ୍‌ରେ ୟୁପିଆଇ ପେମେଣ୍ଟ ପାଇଁ ବାୟୋମେଟ୍ରିକ୍ ପ୍ରମାଣୀକରଣ ବ୍ୟବସ୍ଥା ଆରମ୍ଭ କରିଛି। ଏହି ନୂଆ ବୈଶିଷ୍ଟ୍ୟ ଯୋଗେ ଉପଯୋଗକର୍ତ୍ତା ସ୍ମାର୍ଟଫୋନରେ ଆଙ୍ଗୁଠି ଛାପ କିମ୍ବା ମୁହଁ ପରିଚୟ ପ୍ରଣାଳୀ ଦ୍ୱାରା ୫୦୦୦ ଟଙ୍କା ପର୍ଯ୍ୟନ୍ତ ୟୁପିଆଇ କାରବାର କରିପାରିବେ। ଏହି ବୈଶିଷ୍ଟ୍ୟ ପ୍ରଥମେ ଆଇଓଏସ ଓ ଆଣ୍ଡ୍ରଏଡ୍ ଉପକରଣରେ ଉପଲବ୍ଧ ହେବ। ପିନ୍ ବିନା କାମ କରୁଥିବାରୁ ପିନ୍ ଭୁଲିଯିବା ଅଥବା ଭୁଲ କରିବା କ୍ଷେତ୍ରରେ ବ୍ୟବହାରକାରି ଅସୁବିଧାରୁ ବର୍ତ୍ତିଯିବେ ବୋଲି ସେବା ଶୁଭାରମ୍ଭ ଅବସରରେ ଏନବିଏସଏଲ୍ର ଏମଡି ତଥା ସିଇଓ ଲଳିତା ନଟରାଜ୍ କହିଥିଲେ। ବାୟୋମେଟ୍ରିକ୍ ପ୍ରମାଣୀକରଣ ଅତିରିକ୍ତ ସୁରକ୍ଷା ପ୍ରଦାନ କରିବ, ତେବେ ୫୦୦୦ ଟଙ୍କାରୁ ଅଧିକ କାରବାର ପାଇଁ ୟୁପିଆଇ ପିନ୍ ଆବଶ୍ୟକ ହେବ।

# ଯକ୍ଷ୍ମା ରୋଗକୁ ସମ୍ପୂର୍ଣ୍ଣ ମୂଳୋତ୍ପାଟନ ପାଇଁ ଜନ ଭାଗୀଦାରି ଆବଶ୍ୟକ : ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର :** ଲୋକସେବା ଭବନ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧକ୍ଷତାରେ ରାଜ୍ୟସ୍ତରୀୟ ବିଶ୍ୱ ଯକ୍ଷ୍ମା ଦିବସ-୨୦୨୬ ପାଳିତ ହୋଇଯାଇଛି ଏବଂ ଏହି ଅବସରରେ ଯକ୍ଷ୍ମାମୁକ୍ତ ଭାରତ ଅଭିଯାନ ୨.୦ ର ଶହେ ଦିନିଆ କ୍ୟାମ୍ପେନ୍‌ର ଶୁଭାରମ୍ଭ ମଧ୍ୟ ହୋଇଛି। ସୂଚନାଯୋଗ୍ୟ ଯେ, ରାଷ୍ଟ୍ରୀୟ ସ୍ତରରେ ଆଜି କେନ୍ଦ୍ରୀୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା ଯକ୍ଷ୍ମା ମୁକ୍ତ ଭାରତ: ଶହେ ଦିନିଆ ଅଭିଯାନ- ୨.୦ ର ଶୁଭାରମ୍ଭ କରିଛନ୍ତି। ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଲୋକସେବା ଭବନ ଠାରେ ଏହି କାର୍ଯ୍ୟକ୍ରମ ସହ ଯୋଡ଼ି ହୋଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର'ର ସ୍ୱୀକୃତି ପ୍ରିୟଦର୍ଶିନୀ ବେହେରାଙ୍କୁ ଫୁଡ୍ ବାସ୍କେଟ୍ ପ୍ରଦାନ କରି ରାଜ୍ୟସ୍ତରୀୟ କ୍ୟାମ୍ପେନର ଶୁଭାରମ୍ଭ କରିଥିଲେ। ଭାରତ ସରକାରଙ୍କ ପକ୍ଷରୁ ଦେଶକୁ ଯକ୍ଷ୍ମାମୁକ୍ତ କରିବା ପାଇଁ ସମସ୍ତ ପଦକ୍ଷେପ ନିଆଯାଇଛି, ଆଗାମୀ ଶହେ ଦିନକୁ ଦୃଷ୍ଟିରେ ରଖି ଏଥିପାଇଁ ବେଷ୍ଟ ଷ୍ଟ୍ରାଟେଜି ପ୍ରସ୍ତୁତ କରାଯାଇଛ। ଆମେ କେବଳ ସ୍ଲୋଗାନ୍ ?ରେ ସୀମିତ ରଖିନାହୁଁ, ଏଥିପାଇଁ ସମସ୍ତ ବ୍ୟବସ୍ଥା କରିଛୁ ବୋଲି ଆଜି କେନ୍ଦ୍ରୀୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଶ୍ରୀ ଜଗତ ପ୍ରକାଶ ନଡ୍ଡା ରାଷ୍ଟ୍ରୀୟ କାର୍ଯ୍ୟକ୍ରମରେ କହିଥିଲେ। ଯକ୍ଷ୍ମା ରୋଗକୁ ସମ୍ପୂର୍ଣ୍ଣ ମୂଳୋତ୍ପାଟନ କରିବା ପାଇଁ ଜନସାଧାରଣମାନଙ୍କୁ ଆହ୍ୱାନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, କେବଳ ସରକାରଙ୍କ ଚେଷ୍ଟା ଯଥେଷ୍ଟ ନୁହଁ, ଏଥିପାଇଁ ଜନ ଭାଗୀଦାରି ଆବଶ୍ୟକ। ଏହାଦ୍ୱାରା ଯକ୍ଷ୍ମାମୁକ୍ତ ଅଭିଯାନ ଶତ ପ୍ରତିଶତ ସଫଳତା ହାସଲ କରିବ ଏବଂ ଓଡ଼ିଶା ଓ ଦେଶରୁ ଯକ୍ଷ୍ମା ରୋଗ ସମ୍ପୂର୍ଣ୍ଣ ଭାବରେ ମୂଳୋତ୍ପାଟନ ହେବ। ରାଜ୍ୟର ସମସ୍ତ ଲୋକପ୍ରତିନିଧିଙ୍କୁ ନିଜ ନିଜ ଅଞ୍ଚଳରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରି ଏହି ରୋଗ ସମ୍ପର୍କରେ ଥିବା ଅନ୍ଧବିଶ୍ୱାସକୁ ଦୂର କରିବା ପାଇଁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିବା ସହ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ, ସିଭିଲ୍ ସୋସାଇଟି ଏବଂ ଶିକ୍ଷାନୁଷ୍ଠାନ ଗୁଡ଼ିକୁ ଏହି ଅଭିଯାନରେ ସାମିଲ ହେବା ପାଇଁ କହିଥିଲେ। କାହିଁକି ଓଡ଼ିଶାବାସୀଙ୍କୁ ଆୟୁଷ୍ମାନ ଭାରତ ଯୋଜନାରୁ ବଞ୍ଚିତ କରାଯାଇଥିଲା ଏବଂ ଦେଶର ପ୍ରାୟ ୩୨ ହଜାର ହସ୍‌ପିଟାଲରେ ଚିକିତ୍ସିତ ହେବାର ଅଧିକାରକୁ କାହିଁକି ଛଡ଼ାଇ ନିଆଯାଇଥିଲା ବୋଲି ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ ପୂର୍ବ ସରକାରଙ୍କୁ ପ୍ରଶ୍ନ କରିଥିଲେ। ସେ କହିଥିଲେ ଯେ, ସ୍ୱାସ୍ଥ୍ୟ ସେବା କ୍ଷେତ୍ରକୁ ଆମ ସରକାର ପ୍ରାଥମିକତା ଦେଇ ଆସିଛି। ୨୦୨୬-୨୭ ବର୍ଷ ପାଇଁ ଆମର ସ୍ୱାସ୍ଥ୍ୟ ବଜେଟ ୨୩ ହଜାର ୧୮୨ କୋଟି ଟଙ୍କା ରଖାଯାଇଛି, ଯାହାକି ସମ୍ପୂର୍ଣ୍ଣ ବଜେଟ ଅଟକଳର ୭.୫ ପ୍ରତିଶତ ଏବଂ ମୋଟ ରାଜ୍ୟ ଘରୋଇ ଉତ୍ପାଦ (ଜିଏସ୍‌ଡିପି)ର ୨.୧ ପ୍ରତିଶତ। ରାଜ୍ୟର ବିଭିନ୍ନ ସ୍ୱାସ୍ଥ୍ୟ ଭିତ୍ତିଭୂମିର ସମ୍ପ୍ରସାରଣ ଓ ଆଧୁନିକୀକରଣ ପାଇଁ ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟସେବା ମିଶନ୍ ଏକ ପ୍ରମୁଖ କାର୍ଯ୍ୟକ୍ରମ ହୋଇଛି। ଜାତୀୟ ସ୍ୱାସ୍ଥ୍ୟ ମିଶନ୍, ନିରାମୟ, ନିଦାନ ଆଦି କାର୍ଯ୍ୟକ୍ରମ ଜରିଆରେ ବିଭିନ୍ନ ସ୍ୱାସ୍ଥ୍ୟସେବା ଓ ରୋଗ ନିରୂପଣ ସେବା ମାଗଣାରେ ଯୋଗାଇ ଦିଆଯାଉଛି। ଓଡ଼ିଶାର ପ୍ରତ୍ୟେକ ନାଗରିକ ଯେପରି ବିନା ଚିନ୍ତାରେ, ବିନା ଆର୍ଥିକ ବୋଝରେ ଉନ୍ନତମାନର ସ୍ୱାସ୍ଥ୍ୟ ସେବା ପାଇପାରିବ, ସେଥିପାଇଁ ଆମର ନିରନ୍ତର ଉଦ୍ୟମ ଜାରି ରହିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଯକ୍ଷ୍ମା ରୋଗ ବିରୋଧରେ ଓଡ଼ିଶାର ସ୍ୱାସ୍ଥ୍ୟସେବା ଏବଂ ସ୍ୱାସ୍ଥ୍ୟ ବିଭାଗର ତ୍ୱରିତ ପଦକ୍ଷେପ ବିଷୟରେ ଆଲୋକପାତ କରିବା ସହିତ ଗ୍ରାମାଞ୍ଚଳ ଓ ଅପହଞ୍ଚ ଅଞ୍ଚଳ ମାନଙ୍କରେ ଏହି ରୋଗ ବିରୁଦ୍ଧରେ ଅଭିଯାନକୁ ବିଶେଷ ରୂପେ ଧ୍ୟାନ ରଖାଯିବ ବୋଲି କହିଥିଲେ। ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟବିଭାଗ କମିଶନର ତଥା ଶାସନ ସଚିବ ଅଶ୍ୱତି ଏସ୍. ସ୍ୱାଗତ ଭାଷଣ ଦେଇଥିବା ବେଳେ ଜନସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକ ଡ. ନୀଳକଣ୍ଠ ମିଶ୍ର ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଆଭାସୀ ମାଧ୍ୟମରେ ରାଜ୍ୟର ସମସ୍ତ ଜିଲ୍ଲା ଯୋଡ଼ି ହୋଇ ଏହି ଦିବସକୁ ପାଳନ କରିଥିଲେ।



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୩୦ ମାର୍ଚ୍ଚ - ୫ ଏପ୍ରିଲ, ୨୦୨୬

# ବାଟ ଖୋଜୁଛି ଆମେରିକା !

ସମ୍ପାଦକୀୟ
ତାରକ ମହାନ୍ତି



ଆଗ ଚଲା ଆଗ ବୁଲାରେ ନିଆଁକୁ ଡେଇଁ ମଲା ପରିସ୍ଥିତିରେ ଆମେରିକା। କିଛି ଲୋକ କହୁଛନ୍ତି ବିଶ୍ୱର ଶ୍ରେଷ୍ଠ ରାଷ୍ଟ୍ର ନିଜ ବେପାର ବୃଦ୍ଧି ପାଇଁ ଯୁଦ୍ଧ କରେ ଏବଂ ପରେ ଏହାର ଭରପୁର ଫାଇଦା ଉଠାଏ। କିନ୍ତୁ ଇରାନ ସହ ଯୁଦ୍ଧ କରି ଏବେ ନାମ ନେଉଛି ଆମେରିକା। ଲକ୍ଷେ ଟଙ୍କିଆ ଡ୍ରୋନ ନଷ୍ଟ କରିବା ପାଇଁ କୋଟି କୋଟି ଟଙ୍କାର ମିଜାଇଲ ନଷ୍ଟ କରି କ୍ଷତିରେ ଆମେରିକା। ଆମେରିକା ଏଯାଏ ବୁଝିପାରୁନି ଯେ ଋଷ ଗଣିତ ଓ ଚୀନ କଣ୍ଢେଇ ଆମେରିକା ବରବାଦ ପଛର ମୁଖ୍ୟ କାରଣ। ଡୋନାଲଡ ଟ୍ରମ୍ପ ଭଲ ବେପାରୀ ହେଲେ ଯୁଦ୍ଧ ଲଢ଼ିବାରେ ଜଣେ ବିଫଳ ରାଷ୍ଟ୍ରପତି। କାରଣ ଶତ୍ରୁକୁ ଛୋଟ ଦେଖାଇବାକୁ ଯାଇ ଆମେରିକା ନିଜର ବିପୁଳ କ୍ଷତି କରିଚାଲିଛି। ଆମେରିକା ଯେତିକି ଋଣ କରିଛି ଦେଶ ବିକିଲେ ବି ଏହାର ଭରଣା ହେବନାହିଁ। ବିଶ୍ୱର ସବୁ ରାଷ୍ଟ୍ର ଉପରେ ନିଜ ଆଧିପତ୍ୟ ଜାହିର କରିବାକୁ ଯାଇ ଏବେ ଯୁଦ୍ଧରେ ପଛ ଘୁଞ୍ଚା ଦେଉଛି ଆମେରିକା। ସ୍ୱଳ୍ପ ଜନସଂଖ୍ୟା ବିଶିଷ୍ଟ ଏକ ରାଷ୍ଟ୍ର ଯାହା ଇଜ୍ରାଏଲ ତାହାର ଆଜି ଯାହା ନଷ୍ଟ ହେଉଛି କେବଳ ଆମେରିକା ପାଇଁ। ଅସ୍ତ୍ର ବିକି ଦେଶ ଚଳାଇବା ଦେଶ ହେଉଛି ଆମେରିକା। ହେଲେ ଇରାନ ଯେଉଁ ଅସ୍ତ୍ର ଦେଖାଇଲା ସେଥିରେ ଆମେରିକା ସ୍ତବ୍ଧ। ଆମେରିକା ଯାହା ଭାବି ନଥିଲା ତାହା ଇରାନ ପ୍ରଦର୍ଶନ କରୁଛି। ଯେମିତି ଗାଁ ଗାଁ ଭିତରେ ବାଣ ପ୍ରଦର୍ଶନ କରି ପୁରସ୍କାର ଲୋଭ ରଖିଥାଏ ଟ୍ରମ୍ପ ସେଭଳି ଜଣେ ନେତା ଯିଏ ପ୍ରଶଂସା ପାଇବାକୁ ଖୁବ ବିକଳ।

ସମଗ୍ର ବିଶ୍ୱରେ ଆମେରିକା ନିଜର ଆଧିପତ୍ୟ ପାଇଁ ଯେଉଁ ଚାଲ ଚଳାଇଛି ତାହା ଧରାପଡ଼ିଛି। ନାଟୋ ଦେଶ ସମୂହ ଆମେରିକା ସହିତ ଏହି ଯୁଦ୍ଧରେ ନଥିବା ଏବଂ ଇରାନର ତାକତ କଣ ତାହା ଜଣାପଡିବା ପରେ ଆମେରିକା ପଛଘୁଞ୍ଚା ଦେଇଛି। ଇରାନ ଯେଉଁ ଲଢେଇ କରୁଛି ତାହା ଚକିତ କଲା ଭଳି। ବିଶ୍ୱ ବଜାରରେ ତୈଳ ସଙ୍କଟ ଏବେ ବିଭିନ୍ନ ଦେଶର ଅର୍ଥନୀତିକୁ ପ୍ରଭାବିତ କରିଛି। ଇଜ୍ରାଏଲ ଯଦିଓ ଇରାନ ଉପରେ ପ୍ରହାର କରୁଛି ଇରାନ ତାହାର ଉପଯୁକ୍ତ ଜବାବ ଦେଇଚାଲିଛି। ଏଭଳି ସମୟରେ ବିଶ୍ୱ ଶାନ୍ତି ଚାହେଁ। କିନ୍ତୁ ଆମେରିକା ଶାନ୍ତିର ବାର୍ତ୍ତା ନଦେଇ କୌଶଳ ଜରିଆରେ ଯୁଦ୍ଧ ଶେଷ କରିବାର ବାଟ ଖୋଜୁଛି। ଇରାନ କିନ୍ତୁ ପ୍ରତିଶୋଧ ନେବାକୁ ଆହୁରି ଅଧିକ ବଳ ଗୋଟାଉଛି। ଇରାନ ପଛରେ ଋଷ ଥିବା ନେଇ ଏବଂ ଇରାନକୁ ଯୁଦ୍ଧରେ ସମସ୍ତ ରଣନୈତିକ କୌଶଳ ଏବଂ ଆବଶ୍ୟକୀୟ ତଥ୍ୟ ପ୍ରଦାନ କରୁଥିବା ନେଇ ଜଣାପଡୁଥିଲେ ସୁଦ୍ଧା ଆମେରିକା ଋଷ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନେଇପାରୁନାହିଁ। ଚୀନ ଆମେରିକାକୁ ପଛରେ ପକାଇ ବିଶ୍ୱରେ ନିଜକୁ ଏକ ନମ୍ବର ରାଷ୍ଟ୍ର କରିବା ଦିଗରେ ନିଜର ପ୍ରଚେଷ୍ଟା ଜାରି ରଖିଛି। ପ୍ରତ୍ୟେକ କ୍ଷେତ୍ରରେ ଚୀନ ସଫଳତା ହାସଲ କରୁଥିଲା ବେଳେ ଯୁଦ୍ଧ ସମୟରେ ବି ଏଠାରେ ତୈଳ ସଙ୍କଟ ନାହିଁ। କାରଣ ଇରାନ ଚୀନକୁ ନିଜର ମିତ୍ର ଦେଶ ତାଲିକାରେ ରଖିଛି। ଚୀନ ମଧ୍ୟ ଅଘୋଷିତ ଭାବେ ଇରାନ ପଛରେ ରହିଛି। ଋଷ ଓ ଚୀନ ଭଳି ବିଶାଳ ଦେଶ ଆମେରିକା ବିରୋଧରେ ଥିଲେ ବି ଆମେରିକା ଏମାନଙ୍କର କୌଣସି କ୍ଷତି କରିପାରିବ ନାହିଁ। ସେପଟେ ଉତ୍ତର କୋରିଆ ମଧ୍ୟ ଆମେରିକା ବିରୋଧରେ ଯୁଦ୍ଧ ଲଢ଼ିବା ପାଇଁ ପ୍ରସ୍ତୁତ ଅଛି। ଉତ୍ତର କୋରିଆ ଯଦି ଯୁଦ୍ଧ ମୈଦାନକୁ ଓହ୍ଲାଏ ତେବେ ବିଶ୍ୱଯୁଦ୍ଧ ଅବ୍ୟସମ୍ଭାବି ଏବଂ ପରମାଣୁ ଯୁଦ୍ଧ ଥୟ। ତେଣୁ ତୁରନ୍ତ ଯଦି ଇରାନ - ଇଜ୍ରାଏଲ - ଆମେରିକା ଯୁଦ୍ଧ ବନ୍ଦ ନକରନ୍ତି ବିଶ୍ୱ ତେବେ ଧ୍ୱଂସ ଆଡକୁ ଚାଲିଯିବ। ଇରାନ ଯଦିଓ ଏ ଲଢେଇରେ ଆଗରେ ରହିଥିବା ଦାବି କରୁଛି ତଥାପି ଭାବିବା କଥା ଯେ ବିଶ୍ୱରେ ମହାଶକ୍ତି ଆମେରିକା ଏତେ ସହଜରେ କାହାକୁ ଛାଡେନି। ତେଣୁ ଇରାନ ସହ ଯୁଦ୍ଧରେ କେଉଁ ରଣନୀତି ଆମେରିକା ତିଆରି କରୁଛି ତାହା କାହାକୁ ଜଣାନାହିଁ। କିନ୍ତୁ ଇରାନ ଆଗକୁ ବର୍ବାଦ ହୋଇଯିବାର ଆଶଙ୍କା ମଧ୍ୟ ରହିଛି। ଆମେରିକାର ଯୁଦ୍ଧ ଗଣିତ ବଡ଼ ଜଟିଳ।

# ଯୋଗ୍ୟତା ଭିତ୍ତିରେ ଓକିଲ ନିଯୁକ୍ତି



ଗଜାନନ ମିଶ୍ର

ଉଚ୍ଚତମ ନ୍ୟାୟାଳୟର ନ୍ୟାୟମୂର୍ତ୍ତୀ ମନମୋହନ ସ୍ପଷ୍ଟ ଭାଷାରେ ମତବ୍ୟକ୍ତ କରିଛନ୍ତି ଯେ 'ଦଳ ଭିତ୍ତିରେ ସରକାରୀ ଓକିଲ ନିଯୁକ୍ତି ହେବା ଦ୍ୱାରା ଅଦାଲତି କାର୍ଯ୍ୟ ଠିକ୍ ଭାବରେ ପରିଚାଳନା ହୋଇ ପାରୁ ନି।' ସୁତରାଂ ସରକାରୀ ଓକିଲ ଯୋଗ୍ୟତା ଭିତ୍ତିରେ ପ୍ରତିଯୋଗିତା ପରୀକ୍ଷା ମାଧ୍ୟମରେ ହେବା ନିହାତି ଆବଶ୍ୟକ। ଏହା ସତ ଯେ ଦଳ ଭିତ୍ତିରେ ସରକାରୀ ଓକିଲ ନିଯୁକ୍ତି ପାଉଥିବା ଅଧିକାଂଶ ଓକିଲଙ୍କୁ ଅଦାଲତି କାର୍ଯ୍ୟ ପ୍ରକ୍ରିୟା ବେଶୀ ଜଣା ବି ନ ଥାଏ। ଏହାଦ୍ୱାରା ବିଚାରକାମ ବାଧାପ୍ରାପ୍ତ ହୋଇଥାଏ। ଉଚ୍ଚ ନ୍ୟାୟାଳୟ ଓ ଉଚ୍ଚତମ ନ୍ୟାୟାଳୟର ବିଚାରପତି ନିଯୁକ୍ତି ମଧ୍ୟ କଲେଜିଅମ ମାଧ୍ୟମରେ ହେଉଥିବା କାରଣରୁ ଅନେକ ଯୋଗ୍ୟ ପ୍ରାର୍ଥୀ ବଂଚିତ ହୁଅନ୍ତି, ମୋଟାମୋଟି କହିବାକୁ ଗଲେ ବିଚାରବିଭାଗ ହିଁ କ୍ଷତିଗ୍ରସ୍ତ ହୋଇଥାଏ ସମାନ୍ତରାଳରେ। ସଠିକ୍ ବିଚାରପତି ଓ ସଠିକ୍ ଓକିଲ ଅଭାବରେ ନ୍ୟାୟ ପ୍ରକ୍ରିୟା ସଠିକ୍ କାର୍ଯ୍ୟ କରି ପାରେ ନା। ଆମ, ଭାରତୀୟଗଣଙ୍କର ନ୍ୟାୟ ସେବା ପାଇବାରେ ଅସୁବିଧା ହୁଏ। ଅରାଜକତା ବ୍ୟାପିଯାଏ ସର୍ବତ୍ର। ଫୌଜଦାରୀ ମାମଲା ବଢିଯାଏ। ଲୋକେ ହନ୍ତସନ୍ତ ହୁଅନ୍ତି। କୌଣସି ଲୋକପ୍ରିୟ ସରକାର ଚାହାନ୍ତି ନାହିଁ ସରକାରଙ୍କର ଅବହେଳାରୁ ସାଧାରଣ ଲୋକେ ଅନ୍ୟାୟ ଅନୀତିର ଶିକାର ହୁଅନ୍ତୁ।

ଆଇନକାନୁନ ଅନ୍ଧ ନୁହେଁ। ଅନ୍ଧ ଆମେ। ଆମେ, ଯୋଉମାନେ ସବୁ ଜାଣି ବି ଅଜଣା ହେଉଛୁଁ ଓ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ବିଚାରବିଭାଗକୁ ଅବହେଳା କରୁଛୁଁ। ସ୍ୱାର୍ଥ ହେଉଛି ସରକାରଙ୍କ ଇଚ୍ଛାନୁସାରେ ବିଚାର ଚାଲିବା, ଗଣତନ୍ତ୍ର ପାଇଁ ଏହା ଶୁଭଙ୍କର ଜମାରୁ ନୁହେଁ। ନିର୍ଦ୍ଦୋଷ ଦଣ୍ଡ ପାଉଛି ଓ ଦୋଷୀ ନିର୍ଦ୍ଦୋଷରେ ଖଲାସ ହୋଇ ମସ୍ତି କରୁଛି। ପାରିବାରିକ ମାମଲାରେ ଏହାର ଝଲକ ବାରି ହୋଇ ପଡୁଛି। ପାଶ୍ଚାତ୍ୟର ସବୁ ନକଲ କରୁ କରୁ ଆମେ ଆମ ମାଟିର ସୁଗନ୍ଧି ହରାଇ ବସୁଛୁଁ। ଦୁଷ୍ଟା ସ୍ତ୍ରୀ ଯଦି ଭରଣପୋଷଣ ପାଇଁ ଦରଖାସ୍ତ ଦାଖଲ କଲା, କିଛି ନ ବୁଝି ନ ସୁଝି, ଭଲଭାବରେ ଆଇନର ତର୍ଜମା ନ କରି, ପରିସ୍ଥିତି ପରିବେଶକୁ ନ ପରଖି ଆଦେଶ ପ୍ରଦାନ କରିଯାଉଛି ଯାହାଦ୍ୱାରା ନିର୍ଦ୍ଦୋଷ ସ୍ୱାମୀ କଷ୍ଟ ପାଉଛି। ବେଳେବେଳେ ସ୍ୱାମୀ ବିଚରା ଅଦାଲତର ଦାଉ ସହ୍ୟ କରି ନ ପାରି ଆତ୍ମହତ୍ୟା କରିବାକୁ ବାଧ ହେଉଛି। ଯେହେତୁ ବିଚାରପତି ଓ ସରକାରୀ ଓକିଲଙ୍କ ଦାୟ ବା ଏକାଉଣ୍ଟେବିଲିଟି ନାହିଁ, କୌଣସି କଥାକୁ ତାଙ୍କର ଖାତିର ନାହିଁ। ଜନସାଧାରଣଙ୍କ ଦୁଃଖର ସୀମା ନାହିଁ। ଓକିଲଗଣ ହେଉଛନ୍ତି ଏକ ଶକ୍ତ ମାଧ୍ୟମ ଯାହାଙ୍କ ଦ୍ୱାରା ଦୁର୍ନୀତି ଦୁରୁପଯୋଗ ଦୂର ହୋଇ ପାରିବ।

ଅନ୍ୟ ଏକ କାରଣ ହେଉଛି ଦେଶର ଅଦାଲତଗୁଡିକ ବହୁବିଧ ସିଦ୍ଧାନ୍ତରେ ବିଚାର କରିବା ଅର୍ଥ ଲୋକଙ୍କୁ ସତ୍ ପଥରୁ ଭ୍ରାନ୍ତି ଆଡକୁ ନେଇଯିବା। ବାସ୍ତବତାର ବାହାରେ ରହି ଆଦେଶ ଦେବା ଅର୍ଥ ଭାରତୀୟ ସଂସ୍କୃତି ପରଂପରାକୁ ବେଖାତିର କରିବା। ତେଣୁ ସରକାରୀ ଓକିଲଙ୍କ ଭୂମିକା ଯେ ଗୁରୁତ୍ୱପୂର୍ଣ୍ଣ ଏ କଥାକୁ ମନେ ରଖିବାକୁ ହେବ। ଆଇନ ଅଦାଲତର ଆତଙ୍କରାଜର ଶିକାର କେହି ନ ହୁଅନ୍ତୁ! ସାର୍ବଭୌମ ଭାରତବର୍ଷରେ 'ମେରୀ ରାୟ' ର ସ୍ଥାନ ନାହିଁ। ଏସବୁକୁ ହୃଦୟଙ୍ଗମ କରି ଉପଯୁକ୍ତ ନିରପେକ୍ଷ ଜ୍ଞାନୀ ଓକିଲଙ୍କୁ ସରକାରୀ ଓକିଲ ଭାବରେ ପ୍ରତିଯୋଗିତା ମୂଳକ ପରୀକ୍ଷା ମାଧ୍ୟମରେ ନିଯୁକ୍ତି ଦେଲେ, ଦିଆଗଲେ ଲୋକଙ୍କ ସରକାର ପ୍ରଶଂସିତ ହେବେ। ସରକାର କୌଣସି ଦଳର ନୁହେଁ, ଯଦିଓ ସଂଖ୍ୟାଗରିଷ୍ଠ ଦଳ ବହୁମତରେ ସରକାର ଚଳାଇବାର ଦାୟିତ୍ୱ ବହନ କରିଥାନ୍ତି। ହାନିଲାଭର ଫଳ ପାଆନ୍ତି। ଏମିତି ଓକିଲ ନିଯୁକ୍ତି ହେବା କଥା ଯିଏ ପୋଖତ ଥିବେ ଆଇନ କାନୁନ ତର୍ଜମା କରିବାରେ ଓ ସଠିକ ନିର୍ଣ୍ଣାୟକ ହେବାରେ ଅଦାଲତକୁ ସହଯୋଗ ସାହାଯ୍ୟ କରି ପାରୁଥିବେ।

*ତପୋବନ, ଟିଟିଲାଗଡ, ବଲାଙ୍ଗିର*
*ଦୂରଭାଷ : ୯୪୩୭୩୬୬୬୪*

# ଅସାଧାରଣ ଯାତ୍ରାର ଅଧ୍ୟାୟ: ନରେନ୍ଦ୍ର ମୋଦୀଙ୍କ ଉଦୟ



ସିତାଂଶୁ ଶେଖର ମିଶ୍ର

ଭାରତୀୟ ଲୋକତନ୍ତ୍ରରେ ସାଧାରଣ ପୃଷ୍ଠଭୂମିରୁ ଶିଖରକୁ ପହଞ୍ଚିବାର କାହାଣୀ ଯେତେବେଳେ ଉଠିଥାଏ, ସେଠାରେ ନରେନ୍ଦ୍ର ମୋଦୀଙ୍କ ନାମ ସ୍ୱତଃସ୍ଫୁର୍ତ ଭାବେ ଆସିଥାଏ। ଗୁଜରାଟର ଏକ ସାଧାରଣ ପରିବାରରୁ ଦେଶର ସର୍ବୋଚ୍ଚ ପଦବୀ ପର୍ଯ୍ୟନ୍ତ ତାଙ୍କ ଯାତ୍ରା କେବଳ ବ୍ୟକ୍ତିଗତ ସଫଳତା ନୁହେଁ, ଏହା ଭାରତୀୟ ଲୋକତନ୍ତ୍ରର ଶକ୍ତିର ଏକ ଜୀବନ୍ତ ପ୍ରମାଣ।

ସଂଘ ସଂସ୍କାରରୁ ନେତୃତ୍ୱର ଶିଖର: ମୋଦୀଙ୍କ ଜୀବନ ଓ ଚରିତ୍ର ଗଢ଼ିଉଠିଛି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶିଷ୍ଟାଚାର ଓ ସଂଗଠନୀୟ ମୂଲ୍ୟବୋଧରେ। ଯୁବାବସ୍ଥାରୁ ସଂଘ ସହ ଜଡିତ ହୋଇ ସେ ନିଜକୁ ସଂଗଠନମୂଳକ କାର୍ଯ୍ୟରେ ସମର୍ପିତ କରିଥିଲେ, ଯାହା ତାଙ୍କର ପରବର୍ତ୍ତୀ ରାଜନୈତିକ ଯାତ୍ରାରେ ଦୃଢ଼ ଭିତି ସୃଷ୍ଟି କରିପାରିଥିଲା। ପରବର୍ତ୍ତୀ ସମୟରେ ଭାରତୀୟ ଜନତା ପାର୍ଟି ସହ ଯୁକ୍ତ ହୋଇ ସେ ନିଜ ଦକ୍ଷତା ଓ ପାରଦର୍ଶୀତାରେ ଏକ ସଫଳ ସଂଗଠକ ଭାବେ ପରିଚିତି ଅର୍ଜନ କରିଥିଲେ।

ଗୁଜରାଟରେ ପରିଚାଳନା ଓ ଉନ୍ନତିର ମଡେଲ୍ : ୨୦୦୧ ମସିହାରେ ଗୁଜରାଟର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରି ସେ ଅନେକ ପ୍ରଶାସନିକ ଓ ଅର୍ଥନୈତିକ ଚ୍ୟାଲେଞ୍ଜକୁ ସଫଳତାର ସହ ମୁକାବିଲା କଲେ। ତାଙ୍କ ନେତୃତ୍ୱରେ ଶିଳ୍ପ, ପୁଞ୍ଜିନିବେଶ ଓ ଢାଞ୍ଚାଗତ ଉନ୍ନତିରେ ଦ୍ରୁତ ଗତି ଆସିଲା। ଏହା ଦେଶବ୍ୟାପୀ ଚର୍ଚ୍ଚାରେ ଥିବା ଏକ ଉନ୍ନତି ମଡେଲ୍ ଭାବେ ପରିଚିତ ହେଲା।

ଜାତୀୟ ରାଜନୀତିରେ ଦୃଢ଼ ପ୍ରବେଶ : ୨୦୧୪ ମସିହାର ୨୦୧୪ ଲୋକସଭା ନିର୍ବାଚନରେ ଐତିହାସିକ ଜୟ ସହିତ ସେ ପ୍ରଥମଥର ପାଇଁ ପ୍ରଧାନମନ୍ତ୍ରୀ ହେଲେ। ପରେ ୨୦୧୯ ଲୋକସଭା ନିର୍ବାଚନରେ ଆହୁରି ଶକ୍ତିଶାଳୀ ଜନମତ ଏବଂ ୨୦୨୪ ନିର୍ବାଚନରେ ବିଜୟ ସହିତ ସେ ପୁନଃ ଶାସନରେ ଫେରିଲେ। ଏହା ତାଙ୍କର ନେତୃତ୍ୱ ଓ ଜନସମର୍ଥନର ସ୍ପଷ୍ଟ ପ୍ରତିଫଳନ।

ପ୍ରଧାନମନ୍ତ୍ରୀ ଭାବେ ପଦକ୍ଷେପ ଓ ପରିବର୍ତ୍ତନ : ପ୍ରଧାନମନ୍ତ୍ରୀ ଭାବେ ସେ ବିଭିନ୍ନ ଜନହିତକର ଅଭିଯାନ ଆରମ୍ଭ କରିଛନ୍ତି ଡିଜିଟାଲ ଭାରତ, ମେକ୍ ଇନ୍ ଭାରତ ଓ ସ୍ୱଚ୍ଛ ଭାରତ ଅଭିଯାନ ପରି କାର୍ଯ୍ୟକ୍ରମ ଦେଶର ଉନ୍ନତିକୁ ନୂତନ ଗତି ଦେଇଛି। ପ୍ରଶାସନ, ଅର୍ଥନୀତି ଓ ବିଦେଶ ନୀତିରେ ତାଙ୍କ ପଦକ୍ଷେପ ଦେଶକୁ ବିଶ୍ୱ ମଞ୍ଚରେ ଆହୁରି ସକ୍ରିୟ କରିଛି। ଏହା ସହିତ ତାଙ୍କ କିଛି ନୀତି ଉପରେ ସମାଲୋଚନା ମଧ୍ୟ ହୋଇଛି, ଯାହା ଲୋକତନ୍ତ୍ରର ସ୍ୱାଭାବିକ ପ୍ରକ୍ରିୟା।

ଦୀର୍ଘ ନେତୃତ୍ୱ ଓ ଶାସନ ଦର୍ଶନ : ଦୀର୍ଘ ସମୟ ଧରି ନେତୃତ୍ୱ ଦେଇ ସେ ଭାରତୀୟ ରାଜନୀତିରେ ଏକ ଦୃଢ଼ ପ୍ରଭାବ ସୃଷ୍ଟି କରିଛନ୍ତି। "ସବକା ସାଥ, ସବକା ବିକାଶ, ସବକା ବିଶ୍ୱାସ, ସବକା ପ୍ରୟାସ" ତାଙ୍କର ଶାସନ ଦର୍ଶନର ମୂଳ ମନ୍ତ୍ର ଭାବେ ପରିଚିତ।

ଆଞ୍ଚଳୀୟ ଆଶା: ସୁବର୍ଣ୍ଣପୁରର ବିକାଶ ପ୍ରଶ୍ନ : ଜାତୀୟ ଉନ୍ନତିର ଏହି ବିଶାଳ ପରିପ୍ରେକ୍ଷୀରେ ଓଡ଼ିଶାର ସୁବର୍ଣ୍ଣପୁର ଜିଲ୍ଲାର ବିକାଶ ଆଜି ମଧ୍ୟ ଗଭୀର ଚିନ୍ତାର ବିଷୟ ହୋଇରହିଛି। ପ୍ରାକୃତିକ ସମ୍ପଦ, ସାଂସ୍କୃତିକ ଐତିହ୍ୟ ଓ କୃଷିଭିତ୍ତିକ ଅର୍ଥନୀତିରେ ସମୃଦ୍ଧ ହୋଇଥିଲେ ମଧ୍ୟ ଏହି ଅଞ୍ଚଳ ଏପର୍ଯ୍ୟନ୍ତ ପୂର୍ଣ୍ଣ ଭାବେ ବିକାଶର ମୁଖ୍ୟଧାରାରେ ଆସିପାରିନାହିଁ। ବିଶେଷତଃ ସମ୍ବଲପୁର ସହ ସୁବର୍ଣ୍ଣପୁରକୁ ରେଳ ସଂଯୋଗ ମାଧ୍ୟମରେ ଯୋଡ଼ିବା ଧମା ଓ ଉଲୁଣ୍ଡା ମାର୍ଗ ଦ୍ୱାରା ଏକ ଦୀର୍ଘଦିନର ଆବଶ୍ୟକତା। ଏହା ପ୍ରତିଷ୍ଠିତ ହେଲେ ଯାତାୟାତ ସୁବିଧା ବୃଦ୍ଧି ସହିତ ଶିଳ୍ପ, ବ୍ୟବସାୟ ଓ ପର୍ଯ୍ୟଟନରେ ନୂତନ ଦିଗ ଖୋଲିପାରିବ। ପଶ୍ଚିମ ଓଡ଼ିଶାର ହୃଦୟସ୍ଥଳୀରେ ଅବସ୍ଥିତ ସୁବର୍ଣ୍ଣପୁର ଯଦି ଯଥୋଚିତ ଢାଞ୍ଚାଗତ ସୁବିଧାରେ ସମୃଦ୍ଧ ହୁଏ, ତେବେ ଏହା ଏକ ଆଦର୍ଶ ବିକାଶ ମଡେଲ୍ ଭାବେ ଗଢ଼ିଉଠି ଅନ୍ୟ ଅଞ୍ଚଳମାନଙ୍କ ପାଇଁ ଦୃଷ୍ଟାନ୍ତ ସୃଷ୍ଟି କରିପାରେ।

ନିଷ୍କର୍ଷ: ସମଗ୍ର ବିକାଶର ଆବଶ୍ୟକତା : ନରେନ୍ଦ୍ର ମୋଦୀଙ୍କ ଯାତ୍ରା ଆମକୁ ପ୍ରେରଣା ଦେଇଥାଏ, କିନ୍ତୁ ତାହା ସହିତ ଏହା ମଧ୍ୟ ସ୍ପଷ୍ଟ କରେ ଯେ ଉନ୍ନତିର ସତ୍ୟ ସ୍ୱରୂପ ସେତେବେଳେ ପ୍ରକାଶ ପାଏ, ଯେତେବେଳେ ତାହା ଦେଶର ପ୍ରତ୍ୟେକ ଅଞ୍ଚଳକୁ ସ୍ପର୍ଶ କରେ। ସେହିପରି, ଜାତୀୟ ଦୃଷ୍ଟିକୋଣ ସହିତ ସ୍ଥାନୀୟ ଆବଶ୍ୟକତାକୁ ସମନ୍ୱୟ କରିବା ଆଜିର ପ୍ରମୁଖ ଆବଶ୍ୟକତା। ସୁବର୍ଣ୍ଣପୁର ପରି ଅଞ୍ଚଳଗୁଡ଼ିକର ସମଗ୍ର ବିକାଶ ହେଲେ ମାତ୍ର "ସବକା ବିକାଶ" ଧାରଣା ପ୍ରକୃତ ଅର୍ଥରେ ସାର୍ଥକ ହେବ।

*ଶାନ୍ତିନଗର, ସୋନପୁର*
*ଦୂରଭାଷ : ୮୧୪୪୮ ୭୦୭୨୯*

# ସଂସ୍କାର



ମନୋଜ କୁମାର ବେହେରା

ଶୁଣ! କାଲି ଆମେ ଆମର ବିବାହ ବାର୍ଷିକୀରେ କୁଆଡେ ବାହାରକୁ ଯାଇନେ। ଆଜି ମିଟିଙ୍ଗ ଜଲ୍ଦି ସାରି କରି ଘରକୁ ମୁଁ ଆସିବି। ଆମେ ବାହାରକୁ ଖାଇବାକୁ ଯିବା। ମନୋଜର ଏହି କଥାକୁ ଶୁଣକରି କିରଣ ଆଖିରେ ଗୋଟିଏ ଚମକ ଖେଳିଗଲା, କିନ୍ତୁ ତା' ପରକ୍ଷଣରେ ତା'ର ଧ୍ୟାନ ଶାଶୁମାଙ୍କ ଆଡକୁ ଗଲା ଆଉ ଏହି ଚମକ ହାଲୁକା ଦୁଃଖରେ ବଦଳିଗଲା। କିରଣ କହିଲା ମା'ଙ୍କର କ'ଣ କରିବା? ଧୀର ସ୍ୱରରେ ପଚାରିଲା। ଆରେ ମା' ପାଇଁ ତୁମେ ଖାଇବା ବନେଇ ଦେବ। ମୁଁ ସାଢେ ସାତଟା ବେଳେ ଯାଇ ପହଞ୍ଚିବି। କିରଣ କହିଲା ଆଚ୍ଛା ଶୁଣିଲ! ମୁଁ ସେହି ଗେଲାପୀ ଶାଢୀ ପିନ୍ଧିବି ତୁମେ ଯେଉଁଟା ସମ୍ବଲପୁରରୁ ଆଣିଥିଲା। ଆରେ ହଁ..ଆଉ ତୁମର ବାଳକୁ ଖୋଲା ରଖିଥିବ, ମନୋଜ ଟିକେ ହସିକରି କହିଲେ? କିରଣ ଏବେ ଟିକିଏ ହାଲୁକା ହସି ଦେଲା ଆଉ ରୋଷେଇ ଘର ଅଡକୁ ଚାଲିଲା। କିଛି ସମୟ ପରେ ସେ ଶାଶୁଙ୍କୁ କହିଲା କି ଆମେ ଦୁଇଜଣ ବାହାରକୁ ଖାଇବା ପାଇଁ ଯିବୁ। ଶାଶୁମା' ଏହି କଥା ଶୁଣିକରି କିଛି ନ କହି ମୁହଁକୁ ଟିକିଏ ଆମ୍ବିଳା କରି ପାଖ ପଡୋଶୀଙ୍କ ଘରକୁ ଚାଲିଗଲେ। କିରଣ ପୁରା ନିଷ୍ଠାର ସହିତ ଘରର କାମ ସାରିଦେଲା ଆଉ ନିଜେ ବାହାରକୁ ଯିବା ପାଇଁ ସଜବାଜରେ ମଜ୍ଜି ଗଲା। ହଠାତ୍ ବାହାରେ ଗାଡିର ହର୍ଣ୍ଣ ଶୁଭୀଲା। କିରଣ ଦୌଡିକରି ବାହାରକୁ ଆସିଲା। ମନୋଜ ହାତରେ ଫୁଲ ତୋଡା ଧରି ହସି ହସି ଘର ଭିତରକୁ ଆସୁଥିଲେ କିରଣ ଛୁଆଙ୍କ ପରି ଦୌଡିଯାଇ ମନୋଜକୁ କୁଣ୍ଢେଇ ପକେଇଲା। ମନୋଜକୁ ହଠାତ୍ ମନେ ପଡିଗଲା କି କାଲି ରାତିରେ କିରଣ ରାଗିକରି ତା' ସହିତ ଆଦୌ କଥା ହୋଇ ନଥିଲା। କିରଣ ଠାରେ ସାରା ଦୁନିଆର ଖବର କମ୍ ଆଉ ନା' କାହିଁକି ତା'ର ପିଲାକିଆମି ଗୁଣରେ ତାକୁ ବହୁତ ଆକର୍ଷିତ କରୁଥିଲା।

ମନୋଜ କହିଲା ଆଚ୍ଛା! ତୁମେ ତ ପ୍ରସ୍ତୁତ ହେଇ ସାରିଲଣି। ମୁଁ ଟିକିଏ ବାଥରୁମ୍ ଯାଇ ମୁହଁ ହାତ ଧୋଇ ହୋଇକରି ପଲେଇ ଆସୁଛି ତା'ପରେ ଯିବା। ଆରେ ହଁ..ମା' ଖାଇ ଦେଇଛନ୍ତି ତ? ମନୋଜ ପଚାରିଲା। ହୁଁ..ଚାଲ! କିରଣ ଟିକିଏ ହସି ଦେଇ ଉତ୍ତର ଦେଲା। ଡାଇନିଙ୍ଗ ହଲ୍‌ରେ ପହଞ୍ଚି ଆଉ ଦେଖିକରି ମନୋଜର ଆଖିରେ ଲୁହ ଆସିଗଲା। କିରଣ ଟେବୁଲ୍‌କୁ ବହୁତ ସୁନ୍ଦର ଭାବରେ ସଜେଇ ଦେଇଥିଲା ଆଉ ସୁନ୍ଦର ଫୁଲ, ମହମବତୀ ଆଉ ବାପା-ମା'ଙ୍କର କଳା ଧଳାର ବାହାଘର ବେଳର ଫଟୋ ରଖିଥିଲା ଟେବୁଲ ଉପରେ। ସେହି କ୍ଷଣରେ ମନୋଜ କିରଣକୁ ଗୋଟିଏ ନୂଆ ରୂପରେ ଅନୁଭବ କଲା। ଆଖି ଆଗରେ ସମ୍ମାନ ଆଉ ହୃଦୟରେ ଗଭୀର ହୋଇଥିବା ପ୍ରେମ। ମନୋଜ କିରଣଙ୍କୁ ପଚାରିଲେ ଏସବୁ କ'ଣ? କିରଣ କହିଲା..ଜୀବନକୁ ଆରାମରେ ଜୀଇଁବା ଶିଖ କାହିଁକି କେହି ଜାଣି ନଥାନ୍ତି କେତେ ଆଉ ବାକି ଥାଏ। ଆଉ ହଠାତ୍ ଘରର କଲିଙ୍ଗ ବେଲ୍ ବାଜିଲା..କିରଣ ଖୋଲିବାକୁ ଗଲା ଆଉ ଶାଶୁମା' ଘର ଭିତରକୁ ପଶିଲେ। ପୁଅକୁ ଦେଖିକରି ମା' କହିଲେ, ଆରେ! ଏପର୍ଯ୍ୟନ୍ତ ତୁମେମାନେ ଯାଇନ ବାହାରକୁ? ଡେରୀ ହେଇଯିବ, ତୁମେ ମାନେ ଏବେ ପଳାଅ, ସେ କହିଲେ। ମା'! ଆଜି ଆମେ ଆପଣଙ୍କ ସହିତ ସେଲିବ୍ରେଟ୍ ପାଳନ କରିବୁ। ମୋତେ ମନୋଜ ଭଳି ଜୀବନସାଥୀ ମିଳିଲେ, ତାହା କେବଳ ଆପଣଙ୍କ ପାଇଁ। ଆପଣ ତାଙ୍କୁ ଶିଖେଇ ଥିଲେ କି ପ୍ରେମ ଆଉ ସମ୍ମାନ କ'ଣ ହୋଇଥାଏ। ଆଜିର ଦିନ ଆପଣଙ୍କର ଅଟେ। ଆସନ୍ତୁ ଆପଣ ମଧ୍ୟ ଆମ ସାଙ୍ଗରେ ବସନ୍ତୁ, କିରଣ ତାଙ୍କ ହାତକୁ ଧରି କହିଲା। ଏସବୁ ଶୁଣୁକରି ଶାଶୁଙ୍କ ଆଖିରୁ ଲୁହ ଝରୁଥିଲା। ମନୋଜର ଆଖି ଏବେ ମା'କୁ ଛାଡିକରି ଏବେ କିରଣ ଆଡେ ଦେଖୁଥିଲା। ଆଉ ତା' ଆଖିରେ ଅପାର ପ୍ରେମ ଆଉ ଆଦର ଝଲକୁ ଥିଲା। କିରଣ ନଇଁ କରି ମନୋଜର ପାଦ ଛୁଇଁଲା। ପ୍ରେମରେ ତ ଏହା ହିଁ ସବୁଠୁ ସୁନ୍ଦର ରୂପ ହୋଇଥାଏ। ନିଃସ୍ୱାର୍ଥ, ସ୍ନେହମୟୀ ଆଉ ପୁରାପୁରି ସମର୍ପିତ।

*ପ୍ଲଟ ନମ୍ବର-୨୧୭/ପି, ବାୟାବାବା ମଠ ଲେନ୍, ୟୁନିଟ୍-୯(ଫ୍ଲାଟ), ଭୁବନେଶ୍ୱର*
*ଦୂରଭାଷ : ୭୯୭୮୮୩୦୬୧୧*

**ଯୋଗାଯୋଗ ଠିକଣା**
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ଏଚ.ପି.ଭି ଟୀକାକରଣ : ଏକ ଯୁଗାନ୍ତକାରୀ ପଦକ୍ଷେପ

ଡାକ୍ତର ରାଜକିଶୋର ପଣ୍ଡା

ପରିଶେଷରେ ବହୁ ତର୍କ-ବିତର୍କ ଓ ବାଦବିବାଦ ପରେ ହ୍ୟୁମାନ ପାପିଲୋମା ଭାଇରସ୍ (ଏଚ୍.ପି.ଭି) ପାଇଁ ଟୀକାକରଣ ଭାରତରେ ଅନୁମତି ପାଇଅଛି। ନିଶ୍ଚିତ ଭାବରେ ଏହା ଏକ ମାଇଲଖୁଣ୍ଟ କାରଣ ଏହି ଟୀକାକରଣଦ୍ୱାରା ଭାରତ ସରକାର, ପ୍ରତିଷେଧକ ସ୍ୱାସ୍ଥ୍ୟ ବ୍ୟବସ୍ଥାରେ କିଶୋର ଅବସ୍ଥାକୁ ଗୁରୁତ୍ୱ ଦେଇଛନ୍ତି।

ଏଚ.ପି.ଭି. ଟୀକା ମଧ୍ୟ ଭାରତର ସାର୍ବଜନୀନ ଟୀକାକରଣ ବ୍ୟବସ୍ଥାରେ ପ୍ରଥମ ଯାହାକି ସମ୍ପୂର୍ଣ୍ଣ ଭାବରେ କୈଶୋର ଅବସ୍ଥାରେ ହିଁ ଦିଆଯିବ। ଏ ପର୍ଯ୍ୟନ୍ତ ଭାରତର ଟୀକା ସବୁ ମୁଖ୍ୟତଃ ନବଜାତ ସନ୍ତାନ, ଶିଶୁ, ଗର୍ଭବତୀ ମହିଳାମାନଙ୍କ ପାଇଁ ଉଦ୍ଦିଷ୍ଟ ଥିଲା। ଏଚ.ପି.ଭି. ଟୀକାକୁ ଆଗତ କରି ସରକାର ଏକ ସ୍ପଷ୍ଟ ଇଙ୍ଗିତ ମଧ୍ୟ ଦେଇଛନ୍ତି କି, ରୋଗଗୁଡ଼ିକର ପ୍ରତିଷେଧକ ବ୍ୟବସ୍ଥା କେବଳ ଶୈଶବ ଅବସ୍ଥାରେ ଟୀକାକରଣ କରାଯାଇ ସମ୍ପୂର୍ଣ୍ଣ ହୋଇପାରିବ ନାହିଁ, ବରଂ ଏଥିପାଇଁ ବୟସର ପ୍ରତି ପର୍ଯ୍ୟାୟକୁ ବିଭିନ୍ନ ରୋଗ ନିମନ୍ତେ ଟୀକାକରଣ କରିବା ଆବଶ୍ୟକ।

ସନ୍ଦର୍ଭଟିରେ ଆଗକୁ ଯିବା ପୂର୍ବରୁ ପାଠକମାନେ ଏଚ.ପି.ଭି. ବିଷୟରେ କିଛି ଜାଣିବା ନିତାନ୍ତ ଆବଶ୍ୟକ। ଏହା ଗୋଟିଏ ଭାଇରସ୍ ଅଟେ। ସାଧାରଣତଃ ଭାଇରସ୍‌କୁ ଦୁଇ ଭାଗରେ ବିଭକ୍ତ କରାଯାଇଥାଏ, ସେଥିରେ ଥିବା ନ୍ୟୁକ୍ଲିକ୍ ଏସିଡ୍‌କୁ ନେଇ। ଗୋଟିଏ ହେଉଛି ଡି.ଏନ.ଏ ଭାଇରସ୍ ଆଉ ଗୋଟିଏ ହେଉଛି ଆର.ଏନ.ଏ ଭାଇରସ୍। ଏହି ଏଚ.ପି.ଭି, ଡି.ଏନ.ଏ ଭାଇରସ୍ ଅଟେ। ଏହା ପାପିଲୋମା ଭିରିଡି ପରିବାରରୁ ଆସିଅଛି।

ଦୁଇଶହ ଭିନ୍ନ ଭିନ୍ନ ଭାଇରସ୍ ଏହି ଏଚ.ପି.ଭି.ର ଅନ୍ତର୍ଗତ ଓ ଏମାନଙ୍କୁ ସଂଖ୍ୟାଦ୍ୱାରା ଚିହ୍ନଟ କରାଯାଇଥାଏ। ପ୍ରାୟ ଏଚ.ପି.ଭି. ଜନିତ ସଂକ୍ରମଣ କୌଣସି ଲକ୍ଷଣ ସୃଷ୍ଟି କରିନଥାଏ ଓ ଆପେ ଆପେ ଭଲ ମଧ୍ୟ ହୋଇଯାଇଥାଏ, କିନ୍ତୁ ଏହାର ୧୮, ୧୬ ନମ୍ବର ଭାଇରସ୍‌ଟି ଅତ୍ୟନ୍ତ ବିପଜ୍ଜନକ ଅଟେ ଏବଂ ଏହା ହିଁ ପାଖାପାଖି ସତୁରୀ ପ୍ରତିଶତ ଜରାୟୁ ବା ସର୍ଭାଇକାଲ୍ କ୍ୟାନସର୍ ସୃଷ୍ଟି କରିଥାଏ। ସେହିପରି ନବେ ପ୍ରତିଶତ ମୁଖ ଗହ୍ୱର ଓ ଗଳା କର୍କଟ ଏଚ.ପି.ଭି ୧୬ ଦ୍ୱାରା ସୃଷ୍ଟି ହୋଇଥାଏ। ଏଚ.ପି.ଭି ୬ ଓ ୧୧ ଦ୍ୱାରା ମଳଦ୍ୱାରରେ ବିଭିନ୍ନ ପ୍ରକାରର ଚର୍ମ ସଂକ୍ରମଣ ମଧ୍ୟ ହୋଇଥାଏ।

ଏବେ ସର୍ଭାଇକାଲ ବା ଜରାୟୁ କର୍କଟ ବିଷୟରେ କିଛି ଜାଣିବା -

ଭାରତରେ ଜରାୟୁ କର୍କଟ, ସ୍ତ୍ରୀମାନଙ୍କ ମଧ୍ୟରେ ଦେଖାଯାଉଥିବା ସବୁଠାରୁ ଅଧିକ କ୍ୟାନସର ବର୍ଗରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ପ୍ରତିବର୍ଷ ଅଶୀ ହଜାର ନୂଆ ରୋଗୀ ଚିହ୍ନଟ ହେଉଥିବାବେଳେ, ବୟାଳିଶ ହଜାର ରୋଗୀ ଏଥିରେ ମୃତ୍ୟୁବରଣ କରୁଛନ୍ତି। ଏହାର ପ୍ରମୁଖ କାରଣ ହେଉଛି ଏଚ.ପି.ଭି. ୧୬ ଓ ୧୮ ର ଲଗାତର ସଂକ୍ରମଣ। ଭାରତରେ ଦେବା ପାଇଁ ସ୍ୱୀକୃତ ହୋଇଥିବା ଏଚ.ପି.ଭି ଟୀକାଟିର ନାମ ହେଉଛି "ଗାର୍ଡ଼ାସିଲ୍"। ଏହା ପ୍ରାୟତଃ ୧୬ ଓ ୧୮ ପ୍ରଜାତି ଭାଇରସ୍‌ର ସଂକ୍ରମଣରୁ ସୁରକ୍ଷା ଦେଇଥାଏ। ସାଧାରଣତଃ ଜୀବନ୍ତ ଓ ଅକାମୀ ବା ମୃତ ଅଣୁଜୀବମାନଙ୍କୁ ନେଇ ଟୀକା ପ୍ରସ୍ତୁତି କରାଯାଇଥାଏ। ଗାର୍ଡ଼ାସିଲ୍ ଟୀକାଟି ଅକାମୀ ଅଣୁଜୀବମାନଙ୍କୁ ନେଇ ପ୍ରସ୍ତୁତ କରାଯାଇଥିବାରୁ ନିଜେ କୌଣସି ସଂକ୍ରମଣ ସୃଷ୍ଟି କରିବା ପାଇଁ ଏହାର କ୍ଷମତା ନାହିଁ।

ଏହି ଟୀକାଟିର କାର୍ଯ୍ୟ କ୍ଷମତା ପ୍ରାୟ ତେୟାନବେରୁ ଶହେ ପ୍ରତିଶତ। ବିଶ୍ୱସ୍ୱାସ୍ଥ୍ୟ ସଙ୍ଗଠନର ୨୦୨୨ ମସିହାର ସୁପାରିଶ ଅନୁଯାୟୀ ୯ ରୁ ୧୪ ବର୍ଷ ବୟସର କିଶୋରୀମାନଙ୍କୁ ଏହି ଟୀକାର ଗୋଟିଏ ଡୋଜ୍ ଦେବା ଆବଶ୍ୟକ। ସମଗ୍ର ବିଶ୍ୱରେ ଏହି ଟୀକାକରଣକୁ ନବେ ପ୍ରତିଶତରେ ପହଞ୍ଚାଇ ଜରାୟୁ କର୍କଟକୁ ନିଶ୍ଚିହ୍ନ କରିବା ସଙ୍ଗଠନର ଲକ୍ଷ୍ୟ।

ବର୍ତ୍ତମାନ ଭାରତବର୍ଷରେ ଏଚ.ପି.ଭି ଟୀକାକରଣର ଇତିହାସ ବିଷୟରେ ଆଲୋକପାତ କରାଯାଉ। ବିଶ୍ୱରେ ଏହା ପ୍ରଥମେ ୨୦୦୬ ରେ ସ୍ୱୀକୃତ ହୋଇଥିଲା ଏବଂ ଭାରତରେ ୨୦୦୮ ମସିହାର ପ୍ରାରମ୍ଭରେ ଉପଲବ୍ଧ ହୋଇଥିଲା। ପରୀକ୍ଷାମୂଳକ ଭାବେ ୨୦୦୮-୦୯ ରେ ଆନ୍ତର୍ଜାତୀୟ ଏନ.ଜି.ଓ ସଂସ୍ଥା "ପାଥ୍" ଓ ଭାରତୀୟ ଆୟୁର୍ବିଜ୍ଞାନ ଗବେଷଣା ପରିଷଦ ସହଯୋଗରେ ଏହାକୁ ଗୁଜୁରାଟ ଓ ଆନ୍ଧ୍ରପ୍ରଦେଶର କିଛି ସ୍ଥାନରେ ଦିଆଗଲା। ଉଦ୍ଦେଶ୍ୟ ଥିଲା ଏହାର ଗ୍ରହଣୀୟତା, କାର୍ଯ୍ୟଦକ୍ଷତା ଓ ଏହାକୁ ବିତରଣ କରିବାରେ ହେଉଥିବା ଖର୍ଚ୍ଚର ଏକ ଅଟକଳ ଲଗାଇବା, ଯାହାଦ୍ୱାରା କି ଏହାକୁ ଜାତୀୟ ଟୀକାକରଣ କାର୍ଯ୍ୟକ୍ରମରେ ସାମିଲ କରାଯାଇପାରିବ। ଏହି କାର୍ଯ୍ୟକ୍ରମରେ ୧୦-୧୪ ବର୍ଷର କିଶୋରୀମାନଙ୍କୁ, ଆନ୍ଧ୍ରର ଖମାମ୍ ଓ ଗୁଜୁରାଟର ଭଦୋଦରା ଜିଲ୍ଲାରେ ପର୍ଯ୍ୟାୟକ୍ରମେ ଟୀକା ଦିଆଗଲା। କିନ୍ତୁ ଟୀକା ନେଇଥିବା କିଛି ବାଳିକାମାନଙ୍କର ମୃତ୍ୟୁ ହେବା ନେଇ ରିପୋର୍ଟ ଆସିବା ପରେ ଜନସମାଜରେ ଏହା ଚାଞ୍ଚଲ୍ୟ ଓ ଆତଙ୍କ ସୃଷ୍ଟି କରିଥିଲା। ଯଦିଓ ତଦନ୍ତରୁ ଜଣାପଡ଼ିଲା ଯେ ମୃତ୍ୟୁର କାରଣ ସହ ଟୀକାର କୌଣସି ସମ୍ପର୍କ ନାହିଁ, ଏହା କିନ୍ତୁ ଜନତାଙ୍କର ବିଶ୍ୱାସ ଭାଜନ ହେଲା ନାହିଁ। ଏହାକୁ ନେଇ ପାର୍ଲିଆମେଣ୍ଟରେ ମଧ୍ୟ ବିତର୍କ ହେଲା ଓ ଶେଷରେ ୨୦୧୦ ରେ କେନ୍ଦ୍ର ସରକାର ଏହି ପରୀକ୍ଷାମୂଳକ କାର୍ଯ୍ୟକ୍ରମଟିକୁ ବନ୍ଦ କରିଦେଲେ। ଏହା ପରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଏକ ଅନିଶ୍ଚିତତା ଲାଗି ରହିଲା। ସରକାରଙ୍କଦ୍ୱାରା ଗଠିତ ହୋଇଥିବା ବିଭିନ୍ନ ଏକ୍ସପର୍ଟ କମିଟି ବାରମ୍ବାର ଏଚ.ପି.ଭି ଟୀକାକରଣ ସପକ୍ଷରେ ମତ ପ୍ରକାଶ କରୁଥିଲେ ମଧ୍ୟ, ତୃଣମୂଳ ସ୍ତରରେ ଏହା ଲାଗୁ ହୋଇପାରିଲା ନାହିଁ। ଏହାର ମୁଖ୍ୟ କାରଣ ଥିଲା ଜନସମାଜର ସହଯୋଗ, ବିଶ୍ୱାସ ଓ ଟୀକାକୁ ନେଇ ଉପଯୁକ୍ତ ସୂଚନାର ଅଭାବ। ଏ ମଧ୍ୟରେ ୨୦୨୬ ଜାନୁୟାରୀ ସୁଦ୍ଧା, ୧୬୪ ଟି ଦେଶ ଏହି ଟୀକାକୁ ଲାଗୁ କରିଛନ୍ତି ଓ ପ୍ରାୟ ପାଞ୍ଚଶହ ମିଲିଅନରୁ ଅଧିକ ଡୋଜ୍ ମଧ୍ୟ ଏହାର ଦିଆସରିଲାଣି। ଅଷ୍ଟ୍ରେଲିଆ ଓ ବ୍ରିଟେନ୍ ପରି ଦେଶ ବର୍ତ୍ତମାନ ସମୟରେ ଏହି ଟୀକାକୁ ବ୍ୟବହାର କରି ସର୍ଭାଇକାଲ କ୍ୟାନସରକୁ ପ୍ରମୁଖ ଜନସ୍ୱାସ୍ଥ୍ୟ ସମସ୍ୟାର ତାଲିକାରୁ ହଟାଇବାର ଦ୍ୱାର ଦେଶରେ ଅଛନ୍ତି। ତେଣୁ ଭାରତ ସରକାରଙ୍କର ଏଚ.ପି.ଭି ଟୀକାକୁ ସ୍ୱୀକୃତି ପ୍ରଦାନ କରିବା ବର୍ତ୍ତମାନ ସମୟରେ ଏକ ଅତ୍ୟନ୍ତ ସମୟୋପଯୋଗୀ ଓ ଦୃଷ୍ଟାନ୍ତ ସୃଷ୍ଟିକାରୀ ଅଟେ ଓ ଏଥିପାଇଁ ସେ ଧନ୍ୟବାଦର ପାତ୍ର। ଏହି ପ୍ରକ୍ରିୟାଟିକୁ କିନ୍ତୁ ପନ୍ଦର ବର୍ଷ ସମୟ ଲାଗିଲା। ଭବିଷ୍ୟତ ଟୀକାକରଣ ବା ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ସକାଶେ ଏହି ବିଳମ୍ବ ପ୍ରକ୍ରିୟାଟି ଆମକୁ କିଛି ଶିକ୍ଷା ଦେଉଛି।

ପ୍ରଥମଟି ହେଉଛି ଉପଯୁକ୍ତ ସୂଚନାର ଆଦାନ ପ୍ରଦାନ। ଲୋକମାନଙ୍କୁ ସରଳ ଭାବରେ ବୁଝାଇବା ଦରକାର ଯେ, ଟୀକାଟିର ଦେବାର କାରଣ କଣ? ଏହା କେଉଁ ରୋଗର ପ୍ରତିଷେଧକ ଭାବରେ କାମ କରିବ? ଓ କୌଣସି ପାର୍ଶ୍ୱ ପ୍ରତିକ୍ରିୟା ହେଲେ ସେଗୁଡ଼ିକର ପରିଚାଳନା ପାଇଁ କେଉଁ କେଉଁ ବ୍ୟବସ୍ଥା ରହିଛି ଇତ୍ୟାଦି। କୌଣସି ପ୍ରକାର ଗମ୍ଭୀର ପାର୍ଶ୍ୱ ପ୍ରତିକ୍ରିୟା ହେଲେ ତା'ର ଉପଯୁକ୍ତ ଓ ତତ୍‌କ୍ଷଣାତ୍ ଚିକିତ୍ସା ଓ ନିରପେକ୍ଷ ତଦନ୍ତ କରିବା ମଧ୍ୟ ସରକାରଙ୍କର ଏକ ଗୁରୁ ଦାୟିତ୍ୱ।

ଦ୍ୱିତୀୟଟି ହେଉଛି ନୈତିକତା ଦୃଷ୍ଟିରୁ ସ୍ୱଚ୍ଛତା। ଯେହେତୁ ଟୀକାକରଣଟି କିଶୋରୀ ବାଳିକା ତଥା ସମାଜର ବଞ୍ଚିତ ବର୍ଗମାନଙ୍କୁ ଲକ୍ଷ୍ୟ କରି ଆରମ୍ଭ କରାଯାଇଛି, ତେଣୁ ଯଥେଷ୍ଟ ନୈତିକତା ଅଣାଯାଇ ଲୋକମାନଙ୍କଠାରେ ବିଶ୍ୱାସ ସୃଷ୍ଟି କରାଯିବା ଦରକାର। ବିଶ୍ୱାସର ଅଭାବରେ କୌଣସି ଜନମଙ୍ଗଳ କାର୍ଯ୍ୟ କେବେ ବି ସଫଳ ହୋଇପାରିବ ନାହିଁ। ଉଦାହରଣ ସ୍ୱରୂପ:- ୨୦୦୯ ମସିହାର ଦୁର୍ଘଟଣା।

ଏହି ଏଚ.ପି.ଭି ଟୀକାକୁ ବିନାମୂଲ୍ୟରେ ଦିଆଯିବାର ବ୍ୟବସ୍ଥା ବର୍ତ୍ତମାନ ସରକାରଙ୍କ ତରଫରୁ କରାଯାଇଛି। ଭାରତୀୟ ସମାଜରେ ଆର୍ଥିକ ଓ ସାମାଜିକ ଉନ୍ନତି ଆଣିବାରେ ଯେ ଏହା ସହାୟକ ହେବ ଏଥିରେ ସନ୍ଦେହ ନାହିଁ। କେବଳ ଟୀକାକରଣଦ୍ୱାରା ଆମେ ଜରାୟୁ କର୍କଟକୁ ନିୟନ୍ତ୍ରଣ କରିପାରିବା ନାହିଁ। ଏଥିପାଇଁ ସ୍କ୍ରିନିଙ୍ଗର ମଧ୍ୟ ଆବଶ୍ୟକତା ରହିଛି। ଯେଉଁ ବୟସ୍କ ମହିଳାମାନେ ଟୀକା ନେଇନାହାନ୍ତି, ସେମାନଙ୍କୁ "ପାପ୍ ସ୍ମିଅର" ମାଧ୍ୟମରେ ସ୍କ୍ରିନିଙ୍ଗ ବା ପରୀକ୍ଷା କରାଯାଇପରିବ।

ଭାରତ ମଧ୍ୟ ଏହାର ଜାତୀୟ ଟୀକାକରଣ ବ୍ୟବସ୍ଥାକୁ ଆହୁରି ବ୍ୟାପକ କରିବା ନିହାତି ଆବଶ୍ୟକ। ଏଥିରେ ବାଲ୍ୟାବସ୍ଥା, ଶୈଶବାବସ୍ଥା ସହିତ କୈଶୋର ଓ ବୟସ୍କାବସ୍ଥାକୁ ସମ୍ମିଳିତ କରିବା ଦରକାର। ଭାରତ ଏଚ.ପି.ଭି ଟୀକାକୁ ସ୍ୱୀକୃତି ଦେବା ଏକ ଅଗ୍ରଗାମୀ ପଦକ୍ଷେପ। ଯଦି ଜନସାଧାରଣଙ୍କର ସହଯୋଗ, ବିଶ୍ୱାସଦ୍ୱାରା ଏହି କାର୍ଯ୍ୟକ୍ରମଟି ସଫଳ ହୁଏ, ତେବେ ଅତୀତରେ ଦୂରୀଭୂତ ହୋଇପାରିଥିବା "ପୋଲିଓ" ପରି ଆମେ ଜରାୟୁ କର୍କଟକୁ ମଧ୍ୟ ଭାରତ ମାଟିରୁ ସବୁଦିନ ପାଇଁ ନିଶ୍ଚିହ୍ନ କରିଦେଇପାରିବା। ନିକଟରେ ଯାଇଥିବା ଆନ୍ତର୍ଜାତିକ ମହିଳା ଦିବସରେ ଆମ ମା' ମାନଙ୍କ ପାଇଁ ଏହା ହେବ ସବୁଠାରୁ ଶ୍ରେଷ୍ଠ ଉପହାର।

*ଓଡ଼ିଶା ସ୍ୱାସ୍ଥ୍ୟ ସେବା*
*ଭୁବନେଶ୍ୱର*
*ଦୂରଭାଷ : ୮୧୪୪୦୪୨୯୯୭*

# ଧାରାବାହିକ ଉପନ୍ୟାସ


କମଳିନୀ ମଲ୍ଲିକ

ଓଡିଆ ସାହିତ୍ୟ ଜଗତରେ କମଳିନୀ ମଲ୍ଲିକ ଏକ ପରିଚିତ ସ୍ରଷ୍ଟା । ପ୍ରଥମରୁ ଶିଶୁ ସାହିତ୍ୟରେ ଲେଖନୀ ଚାଳନା କରିଥିବା କମଳିନୀ ମଲ୍ଲିକ୍ ପରବର୍ତ୍ତି ସମୟରେ ଆଧୁନିକ ଗଳ୍ପ ଓ କବିତା ରଚନା କରି ବେଶ୍ ପାଠକପ୍ରିୟ ହୋଇ ପାରିଛନ୍ତି ଏବଂ ତାଙ୍କର ଶତାଧିକ ଗଳ୍ପ ଓ କବିତା ବହୁ ପ୍ରତିଷ୍ଠିତ ସାହିତ୍ୟ ପତ୍ର ପତ୍ରିକାରେ ପ୍ରକାଶିତ ହୋଇଛି । ବିଶେଷଭାବେ ଗଳ୍ପ ରଚନାରେ ନିଜକୁ ଖୁବ୍ ନିବିଷ୍ଟ କରିଥିବା ଏହି କଥାକାରଙ୍କର ଲେଖାରେ ଜୀବନବାଦର ଚମତ୍କାର ଉପସ୍ଥାପନା ଓ ଶୈଳୀ ପାଠକମାନଙ୍କୁ ମୁଗ୍ଧ କରିଛି । ସାମାଜିକ ସ୍ତରରେ ହେଉ ଅବା ବ୍ୟକ୍ତିଗତ ସ୍ତରରେ ଘଟୁଥିବା ଦୈନନ୍ଦିନ ଘଟଣାବଳୀକୁ ସେ ତାଙ୍କର ପ୍ରତ୍ୟେକଟି ଗଳ୍ପର ପୃଷ୍ଠଭୂମିରେ ଏପରି ସମାହିତ କରିଥାନ୍ତି, ଯେଉଁଥିରେ କାରୁଣ୍ୟ, ଆବେଗ, ଦର୍ଶନ, ପ୍ରେମ ସହିତ ଥାଏ ମଧ୍ୟ ସାମାଜିକ ପ୍ରତିଶ୍ରୁତି ଓ ପ୍ରତିବଦ୍ଧତା । ସ୍ୱାର୍ଥପରତା ଓ ସୁବିଧାବାଦିତାକୁ ଆପଣେଇ ନେଉ ନେଉ ଭଲୁ ଯାଉଥିବା ଜୀବନର ଉଚିତ୍ ମାର୍ଗକୁ କଥାକାର ପରୋକ୍ଷ ଭାବରେ କି ମ୍ୟା ପ୍ରତ୍ୟେକ୍ଷ ଭାବରେ ତାଙ୍କ କଥା କାରିଗରିତାରେ ଦର୍ଶାଇଥାନ୍ତି । ସରଳ, ସହଜ ଓ ସାବଲୀଳ ଭାବରେ କୌଣସି ଶବ୍ଦାଡ ମ୍ବର ବିନା ଏବଂ ନିଜେ ନିରବଚ୍ଛିନ୍ନ ଓ ନିର୍ବିକାର ହୋଇ ଲେଖି ଚାଲିଥିବା ଲେଖିକା କମଳିନୀ ମଲ୍ଲିକଙ୍କ ଗଳ୍ପ ଓ କବିତା ପ୍ରତ୍ୟେକ ପାଠକଙ୍କୁ ବାନ୍ଧି ରଖିବାର କ୍ଷମତା ରଖେ ।

ଭାଗ-୮




*(ପୂର୍ବପ୍ରକାଶ ଉତ୍ତାରୁ)*

ଦିନେଶଙ୍କର ଏଇ ଆବେଗଭରା ଦରଦୀ ହୃଦୟ ସେଦିନ ଆହୁରି ଗଭୀର ହୋଇଗଲା, ଯେଉଁଦିନ ସେ ତାରାକୁ ଦେଖିଥିଲେ । ସାଇଟ୍ ଉପରେ ଥାଇ ନିର୍ମାଣ କାର୍ଯ୍ୟର ତଦାରଖ କରୁଥିବା ସମୟରେ ଶ୍ରମିକମାନଙ୍କ ଗହଣରେ ହଠାତ୍ ତାଙ୍କର ନଜର ପଡିଗଲା ଆଦିବାସୀ ଝିଅ ତାରା ଉପରେ । କିଛି ସମୟ ପାଇଁ ଦୃଷ୍ଟି ଅଟକି ଗଲା । ନଜର ହଟେଇ ପାରିଲେ ନାହିଁ । ଆଦିବାସୀ ଅଂଚଳର ବଣ ପାହାଡ ଭିତରେ ପୁଣି ଏମିତି ଝିଅଟେ କୋଉଠି ଥିଲା ? ସବୁଦିନ ତ ଏମାନଙ୍କ ସହିତ ଦିନରାତି କଟେଇଛନ୍ତି, ପୁଣି ସେମାନଙ୍କ ପଡାକୁ ମଧ୍ୟ ପ୍ରାୟ ସମୟ ବୁଲି ଯାଉଛନ୍ତି । କିନ୍ତୁ ଏମିତି ଝିଅଟେ କେବେ ଦେଖି ନାହାନ୍ତି । କେତେ ନିଆରା ଲାଗୁଛି । ସତ କହିବାକୁ ଗଲେ ନା ସେ ବେଶି ଗୋରୀ, ନା ବେଶି ସୁନ୍ଦରୀ । କିନ୍ତୁ ତାର ସେଇ ଶ୍ୟାମଳ ରଙ୍ଗର ଏକ ଭିନ୍ନ ଝଲକ ସହିତ ଦେହର ନିଖୁଣ ଗଢଣ ଓ କମନୀୟତା, ଟଣା ଟଣା ଆଖିର ଢଳଢଳ ଚାହାଁଣୀ, ଘନ କଳା କେଶରେ ଅତି ଯତ୍ନରେ ଖୋସି ଦେଇଛି ମେଂଚାଏ ବନଫୁଲ, ଯାହାକି ତା ମୁହଁକୁ ଆହୁରୀ ସୁନ୍ଦର କରି ଦେଉଛି । ଫିକା ହଳଦୀ ରଙ୍ଗର ସୂତା ଶାଢୀରେ ଆକାଶୀ ରଙ୍ଗର ବ୍ଲାଉଜ ତା ଶ୍ୟାମଳୀ ଦେହରେ ଚମକ ଭରି ଦେଉଥିଲା । କାମଭାରରେ ଦେହ ମୁହଁରୁ ଝାଳ ବାହାରୁଥିଲେ ବି ବେଳେବେଳେ କାହା ସହିତ କଥା ହେଇ ହସି ଦେଉଥିଲା ବେଳେ ଭାରୀ ମଧୁମୟ ହୋଇ ଉଠୁଛି । ରୂପ ଓ ଯୌବନର ଗୋଟେ ନିଆରା ଆକର୍ଷଣ, ଭିନ୍ନ ମାଦକତା ରହିଛି ଯାହାକି ଯେକୌଣସି ପୁରୁଷ ମନରେ ଶୀହରଣ ଓ ମିଠା ଆଲୋଡନ ଜଗେଇ ଦେବ । ଯେମିତି ଯମୁନାର ଛଳଛଳ ନୀଳ ଜଳବେଣୀ । ଯେଉଁଠି ଆକର୍ଷଣର ତରଙ୍ଗ, ଯୌବନର ଗଭୀରତା, ବହିଯିବାର ଉନ୍ମାଦନା ।

ଅନେକ ସମୟ ଧରି ଦୀନେଶ ଅନ୍ୟମନସ୍କ ହେଇଗଲା । ସମସ୍ତଙ୍କ ଅଲକ୍ଷ୍ୟରେ ତାକୁ ବାରମ୍ବାର ଦେଖୁଥିଲେ । ଚାହିଁଲେ ବି ନଜର ହଟେଇ ପାରୁନଥିଲେ । ଏବଂ ଭାବୁଥିଲେ ଏଇ ଝିଅ ଯଦି ସହରରେ ରହି ପାଠଶାଠ ପଢିଥାନ୍ତା, ଆଧୁନିକତାର ଢାଂଚାରେ ବଢୁଥାନ୍ତା, ତେବେ ସହରୀ ଝିଅଙ୍କଠାରୁ ସୁନ୍ଦରୀ ପଣରେ କୌଣସି ଗୁଣରେ ବି କମ୍ ହେଇ ନଥାନ୍ତା, ଯେଉଁମାନେ ପାର୍ଲର ନଗଲେ ବାହାରକୁ ବି ବାହାରନ୍ତି ନାହିଁ । ଶରୀରର ଯେତେ ଅବାଗିଆ ଅସୁନ୍ଦର ଅଂଶକୁ ଶହ ଶହ ଟଙ୍କା ଖର୍ଚ୍ଚ କରି ବାଗେଇ ନେଇ ନିଜକୁ ସୁନ୍ଦରୀ ବୋଲି ଦେଖେଇ ହୁଅନ୍ତି । ଅଥଚ ବିଚାରୀ ଏଇ ଆଦିବାସୀ ଲଳନାଟି ...... । ଦୀନେଶଙ୍କ ନଜର ଆପେ ଆପେ ତାରା ଉପରେ ଘୂରି ଆସୁଥାଏ ।

ପାଣି ପିଇବାକୁ ବ୍ୟାଗ୍ ପାଖକୁ ଆସିଲା ତାରା । ଏଣେତେଣେ ଅନେଇଲା ଭିତରେ ତାର ବି ନଜର ପଡିଗଲା ଦୀନେଶଙ୍କ ଉପରେ । ଇଂଜିନିୟରବାବୁ ତାକୁ ଏମିତି ଚାହିଁଛନ୍ତି ଦେଖି ସେ ଟିକେ ଇତଃସ୍ତତ ହୋଇ ଲାଜେଇ ଗଲା । ତଳକୁ ମୁହଁ ପୋତି ପୋତି ସେ ବ୍ୟାଗ ଭିତରୁ ପାଣି ବୋତଲ କାଢି ପାଣି ପିଇଲା ଓ ପରେ ପୁଣି କାମ କରିବାକୁ ଗଲା । ଯାଉଥିବା ବେଳେ କାହିଁକି କେଜାଣି ସେ ଟିକେ ବୁଲି ପଡି ପଛକୁ ଚାହିଁଦେଲା । ଦୀନେଶ ତାର ଯିବାକୁ ବି ସେମିତି ଅପଲକ ଦୃଷ୍ଟିରେ ଚାହିଁ ରହିଥିଲେ । ତାରା ଆହୁରି ଲାଜେଇ ଯାଇ ଅଳ୍ପ ଟିକେ ହସିଦେଲା । ସେଇ ଟିକକ ହସର ଝଲକ ସତେ ଯେମିତି ଦୀନେଶଙ୍କ ଛାତିରେ ସଂଚରି ଗଲା । ଆଖିରେ ଲାଖିଗଲା । ହେଲେ ଦୀନେଶଙ୍କୁ ଟିକେ ଅଖାଡୁଆ ଲାଗିଲା । ଝିଅଟା କଣ ଭାବିଥିବ କେଜାଣି । ତାକୁ ଏମିତି ବିକଳିଆ ଭାବରେ ଚାହିଁବା ତାଙ୍କର ଉଚିତ୍ ହେଉନାହିଁ । ଦୀନେଶ ନିଜକୁ ସଂଯତ ରଖିବାକୁ ଚେଷ୍ଟା କରୁଥିଲେ ।

ନିର୍ଦ୍ଦିଷ୍ଟ ସମୟରେ କାମ ସରିଲା । ତାପରେ ମଜୁରୀ ନେଇ ଯିଏ ଯେଝା ବାଟରେ ବାଗେଇଲେ । କିଏ ପାହାଡ ତଳିଆ ଛୋଟ ହାଟକୁ ଡାଲି ଚାଉଳ, ପନିପରିବା, ପାନ ଗୁଆ, ଗୁଣ୍ଡି, ଖଇନି, ବିଡି କିମ୍ବା ଆଉ ଯାହା ଛୋଟକାଟିଆ ଜିନିଷ ଆଣିବାକୁ ଯିବେ, କିଏ ପଇସା ପାଇ ଭାଟିକୁ ଚାଲିଯିବେ ମହୁଲୀ, ହାଣ୍ଡିଆ ନିଶାରେ ଦିନସାରାର ପରିଶ୍ରମକୁ ଲାଘବ କରିବା ପାଇଁ । ସେମାନଙ୍କ ଜୀବନରେ କଣ ବା ଏତେ ଆବଶ୍ୟକତା ଥାଏ । ଅଳ୍ପକରେ ବି ସେମାନେ ବିନ୍ଦାସ ଥାନ୍ତି । ନିତି ଦୁଃଖ, ଅଭାବ, ରୋଗ ଶୋକ ଭୋଗୁଥିଲେ ବି ଜୀବନକୁ ଖୁବ୍ ସହଜ ସରଳ କରେଇ ଖାଲି ଟିକେ ବଂଚିବାର ରାହା ଖୋଜୁଥାନ୍ତି । ସେଥିପାଇଁ ତ ଆଧୁନିକ ସମାଜରେ ବାସ କରୁଥିବା ଶିକ୍ଷିତ ସଭ୍ୟ ବୋଲାଉଥିବା ଲୋକମାନଙ୍କ ଭଳି ତାଙ୍କ ଭିତରେ ପ୍ରତିଯୋଗୀତା ନଥାଏ କି ପରଶ୍ରୀକାତରତା ବି ନଥାଏ । ନା ଥାଏ ସଂଚୟ କରିବାର ମୋହ ନା ବଳେଇ ରଖିବାର ଲୋଭ । ଯାହା ରୋଜଗାର କରିବେ ତାହା ଖର୍ଚ୍ଚ କରିବେ । ଜୀବନକୁ ବାନ୍ଧି ରଖିବାର ବା ମାପଚୁପ କରି ଚଳିବାର ପ୍ରୟାସ ନଥାଏ । ଖୋଲା, ମୁକୁଳା ଓ ମନ ଫୁଲାଣିଆ ଠିକ୍ ପ୍ରକୃତି ସହିତ, ଏକଦମ୍ ଖାଂଟି ପ୍ରାକୃତିକ ।

ଦୀନେଶ ବଙ୍ଗଳାକୁ ଫେରିଲେ । ରାତ୍ରୀ ଭୋଜନ ସାରି ଖୁବ୍ ଜଲ୍‌ଦି ବିଛଣାକୁ ଗଲେ । ଅନ୍ୟ ଦିନମାନଙ୍କରେ ବିଳମ୍ବରେ ଶୁଅନ୍ତି । ରଶ୍ମୀଙ୍କ ସହିତ ଫୋନରେ ଗପୁଗପୁ କେତେ ରାତି ହେଇଯାଏ ଜଣା ପଡେନି । କିନ୍ତୁ ଆଜି ଖୁବ୍ ଭାବପ୍ରବଣତା, ଖୁବ୍ ଅସ୍ଥିରତା । ବାରମ୍ବାର ଆଖି ଆଗରେ ତାରାର ସେଇ ଚିକ୍କଣ ଶ୍ୟାମଳୀ ଦେହର ମାପଚୂପ ଗଢଣ, ଟଣାଟଣା ଆଖିର ଚଂଚଳତା, ଲାଜ ଲାଜ ହସ ତାଙ୍କୁ ଖୁବ୍ ବିଭୋର କରି ରଖୁଥିଲା । ସେ ଶେଯରେ ଗଡି ପଡିଲେ ତାରାର ଖିଆଲରେ ନିଜକୁ ବୁଡେଇ ରଖିବାକୁ । କାରଣ ଆଖିରେ ନିଦ ନଥିଲା । ଥିଲା କେବଳ ଗୋଟେ ଶ୍ୟାମଳୀ ତନୁର ଆକର୍ଷଣ । ଯିଏ କି ତାଙ୍କ ଆଖିର ଆକାଶରେ ତାରା ହୋଇ ଝଟକୁଥିଲା । ଆଖିସାରା ତାରାମୟ ।


ରାତି ପାହି ସକାଳ ହେଲା । ପୁଣି ଗୋଟେ କର୍ମମୁଖର ଦିନର ଆରମ୍ଭ । ମୂଲିଆ ମଜୁରିଆମାନେ ଠିକ୍ ସମୟରେ ଗୋଟିଏ ଗୋଟିଏ କରି ପହଁଚିଗଲେ । ଦୀନେଶ ବି ଠିକ୍ ସମୟରେ ସାଇଟ୍ ଉପରେ ପହଁଚିଗଲେ ।

*(କ୍ରମଶଃ)*

## ଚୈତାଳି କବିତା



### ମା



ମିଳନ କୁମାର ମିଶ୍ର

ତୁମେ ଯିବା ପରେ ଜୀବନ ତ ଏବେ
ଅଧାକୁହା ଗୋଟେ ଗପ ।
ପଢିଲେ ଯାହାକୁ ଖୁସିଠୁ ଅଧିକ
ମନେ ଆସେ ଅନୁତାପ ?


ଦିନ ସିନା ବିତେ ଯେମିତି ସେମିତି
ହେଲେ ପାହେନି ଏ ରାତି ।
ରାତି ସାରା ମୋତେ ଜଳାଏ ଯାହା ସେ
ତମରି ଅଭୂଲା ସ୍ମୃତି ?

ମେଘରାତି କୁହ କି ମେଘ ପାହାନ୍ତି
ବର୍ଷି ମୁଁ ପାରୁନି ଆଉ ।
ତୁମେ ଯିବା ପର ଜୀବନ ଯେହେତୁ
ଅସରା ଲୁହର ଲୁ ?

କାହିଁ ଗଲା ସେଇ ହାତ ଯା ତମର
ମଥା ପରେ ଥିଲା ମୋର ।
ନାହିଁ ବୋଲି ସିନା ମୋ ଭିତରେ ଏବେ
ଅଦିନ ଘୂର୍ଣିଝଡ ।

ମାର୍ଫତ୍: ମନ୍ମଥ କୁମାର ମିଶ୍ର
ବିଶ୍ୱେଶ୍ୱପୁର୍ ଶାସନ, କେନ୍ଦୁଝର ବଜାର
କେନ୍ଦୁଝର-୭୫୮୦୦୨
ଦୂରଭାଷ : ୭୦୦୮୨୪୧୨୮୭

### ଦେବୀ



ଦିନେଶ ମେହେର

ତୁ ଚୈତ୍ରର ଢ଼ହ ଢ଼ହ ତାତିରେ
ଝରେଇ ଦେଇପାରୁ ଆକାଶ ସେପାରିରୁ
ମେଘର ଝରଣା,
ତୁ ଖଦ୍ୟୋତ ଆଲୁଅରେ ବି
ଟାଳି ଦେଇପାରୁ ଅମା ଅନ୍ଧକାରକୁ... !
ତୁ ଅଛୁ ବୋଲି ତ
ଆଦରି ନେଇ ବସିଛି
ତୋର ଦେଲା ଯେତେକ ଭାଗ୍ୟକୁ,
ଫୁଲ ଫୁଟିବାର ଅପେକ୍ଷାରେ
ଚାହିଁ ରହିଛି ତତେ,
ମୁଁ ତତେ ମାନେ, ପୂଜା କରେ
ହୃଦୟ କ୍ୟାନଭାସ୍ ଭିତରେ ବାରମ୍ବାର ଆଙ୍କୁଥାଏ
ତୋର ପ୍ରତିଛବି,
ପ୍ରତିଥର ଭୁଲିଯାଏ ତୋର ଆକାର, ଆକୃତି;
ତୁ ତ ଅପରୂପା ସୋନ୍ଦର୍ଯ୍ୟର ସ୍ରୋତଟିଏ
ଯା' ଧାରରେ ବହିଯାଏ
ଜୀବନର ତମାମ ଜଞ୍ଜାଳ.... !
ତୁ ଜାଣୁ-
ଯେବେ ମୋର ଅନିଦ୍ରା ଆଖି ଯୋଡ଼ିକ
ଖୋଜି ବୁଲୁଥାଏ ମଖମଲି ଶେଜ,
ସେତେବେଳେ ତୁ ପଣତ ଫେଲେଇ
ଶୁଏଇ ଦେଇଯାଉ ମତେ,
ଆଉଁସି ଦେଇଯାଉ ମୋର ହତଭାଗ୍ୟ କପାଳକୁ
ଯା ସ୍ୱର୍ଶରେ ଟଳି ଯାଏ ସବୁତକ ବିପଦ
ଛିଣ୍ଡିଯାଏ ମହାକାଳର ମରଣ ଦଉଡ଼ି,
ଜାଣିଛୁ ମାଁ,
ତୁ ଅଛୁ ବୋଲି ତ
ବଞ୍ଚିବାକୁ ଭାରି ଇଛା ହୁଏ
ତୋର ସନ୍ତାନଟିଏ ହେଇ,
ବାରମ୍ବାର ଇଛା ହୁଏ ମଥାନକୁ
ତୋ ପାଦପଦ୍ମରେ ନୁଏଁଇ ଦେଇ
ତୋ ଚରଣ ତଳେ କିଙ୍କରଟିଏ ହେଇ
ବିତେଇ ଦେବାକୁ ବାକିତକ ଜୀବନ....... !

ଏମ୍ ଏ, ଇତିହାସ ବିଭାଗ
ଜୁନାଗଡ଼, କଳାହାଣ୍ଡି
ଦୂରଭାଷ: ୮୦୧୮୮୨୮୪୫୬

### ଇଛା ମୃତ୍ୟୁ



ସୁଚରିତା ମହାନ୍ତି

ଗଳିକନ୍ଦିରୁ ସହର
ଜିଲ୍ଲାରୁ ରାଜ୍ୟ
ଦେଶର
ପ୍ରତ୍ୟେକଟି କୋଣ ଅନୁକୋଣରେ ଚର୍ଚ୍ଚାର ବିଷୟ
ହରିଶ୍ ରାଣାର ଇଛା ମୃତ୍ୟୁକୁ ନେଇ
ସବୁରି ଆଖି ଛଳଛଳ
ହୃଦୟ କୋରି ହୋଇଯାଉଛି ଆକାଶେ ଯନ୍ତ୍ରଣାର
ଦୃଶ୍ୟ ଦେଖି
ଶେଷଥର ପାଇଁ ଅଶ୍ରୁଳ ନୟନରେ
କେକ୍ କାଟି ପୁଅକୁ ବିଦାୟ ଦେବାର ବିଧି
କୋର୍ଟ ରାୟ ଦେଇ ସମ୍ମାନ ଜଣେଇଲେ
ଏକତିରିଶ ବର୍ଷର ଭେଣ୍ଡିଆ ପୁଅର
ଇଛା ମୃତ୍ୟୁକୁ
ଯେଉଁ ପୁଅ ଦିନେ ଉଡ଼ିବାର
ସ୍ୱପ୍ନ ଦେଖୁଥିଲା,ସୁନା ପୁଅ ହୋଇ
ସମସ୍ତଙ୍କ ମନ ଜିଣୁ ଥିଲା
ସେ ପୁଅ ତେର ବର୍ଷ ଶଯ୍ୟାରେ ପଡ଼ି
କ'ଣ ଇଛା ମୃତ୍ୟୁ ମାଗୁଥିଲା !
ପୁଅ କାଲେ ସୁସ୍ଥ ହୋଇଯିବ
କେତେ ପୂଜାର୍ଚ୍ଚନା କେତେ ଚିକିତ୍ସା
ନକରିଥିଲେ ବାପା ମାଆ
କିନ୍ତୁ ହେଲା କ'ଣ
ସବୁ ଆଶା ମଉଳିଗଲା
ଈଶ୍ୱର କେଉଁଠି ଅଛନ୍ତି
କେହି ତ ଶୁଣିଲେନି
ମା'ର ବାପାର କି ପୁଅର ଆକୁଳ ନିବେଦନକୁ
କେବଳ ମୃତ୍ୟୁ ଛଡ଼ା ଆଉ
କେହି କ'ଣ ନିଜର ନୁହେଁ
ଯିଏ ମୁକ୍ତି ଦେବ ଶାନ୍ତି ଦେବ ।
ଇଛା ମୃତ୍ୟୁ କିଏ ମାଗିଥିଲା
ହରିଶ୍ ନା ତା'ର ମା'ବାପା
ଭେଣ୍ଡିଆ ପୁଅର ସେବାରେ
ଦେହ କ୍ଷିଣ ହେଉଥିଲା
ଶକ୍ତି ସାମର୍ଥ୍ୟ ସବୁ ଲୋପ ପାଉଥିଲା ?
ସବୁଥିରୁ ଉଦ୍ଧାର ପାଇବାକୁ
ଇଛା ମୃତ୍ୟୁ ହିଁ ଶ୍ରେୟସ୍କର ଥିଲା
ଡାକ୍ତର ଜାରି ରଖିଲେ
ଇଛା ମୃତ୍ୟୁର ପ୍ରକ୍ରିୟା
ସମସ୍ତଙ୍କୁ କ୍ଷମା ମାଗିବାର ସମୟ
ସମସ୍ତଙ୍କୁ କ୍ଷମା କରିବାର ସମୟ
ଉପନୀତ ହେଲା
ମନକୁ ଶାନ୍ତକରି ଚିର ନିଦ୍ରାରେ ଶୋଇଯିବାକୁ
କୁହାଯାଉଥିଲା
ମଥାରେ ତିଳକ ଲଗେଇ
ଶାନ୍ତିରେ ଯିବାକୁ କହିଲାବେଳେ
ମନ କ'ଣ ମାନୁଥିଲା
ହରିଶ୍ ରାଣାର !
କିନ୍ତୁ,ହରିଶ୍ ପାଟି ପାକୁପାକୁ କରି କ'ଣ କହିବାକୁ
ଚାହୁଁଥିଲା
ମୁକ୍ତି ପାଇବାକୁ ନା ଜୀବିତ ରହିବାକୁ
ନା ମାଗୁଥିଲା ମତେ ଭୋକ ହେଉଛି
କ'ଣ ଟିକେ ଖାଇବାକୁ ଦିଅ !
ଓଃ ! ସତରେ ବିଶ୍ୱାସ ହେଉନାହିଁ
ଇଛା ମୃତ୍ୟୁ କ'ଣ ମଣିଷ ମାଗିପାରେ !

ବାରିପଦା,ମୟୂରଭଞ୍ଜ
ଦୂରଭାଷ : ୮୯୧୭୫୭୧୨୦୨

### ନାରୀ ଜନ୍ମ ଅଭିଶାପ



ସଂଜୀବ କୁମାର ଶତପଥି

ନାରୀ ଜନ୍ମ କଣ ଅଭିଶାପ ଏ ସମାଜରେ
ତ୍ରେତୟା ସତ୍ୟ ଦ୍ୱାପର
କଳି ନାରୀ ଅବ ହେଳିତ
ନିଷ୍ପେସିତ ଆଜିବି ଏ କଳୁଷିତ ସମାଜରେ
ସେଦିନ ବି ନାରୀର ବେଣୀ ବନ୍ଧନ
ଉପଭୋଗ କରୁଥିଲେ କୌରବ ଗଣ
ଗୁମସୁମ ଥିଲେ ପାଣ୍ଡୁ ସାହା ଥିଲେ କୃଷ୍ଣ
ଚଉଦ ବର୍ଷ ବନବାସ ଗଲା ପରେ ବି
ସୀତାଙ୍କୁ ଦ୍ୱୋକୁ ପଡିଥିଲା ଅଗ୍ନିର ପରୀକ୍ଷା
ରାବଣ ପାଇଁ ପଛାଇ ନ ଥିଲେ ସେ
ମର୍ଯ୍ୟାଦାର ଦ୍ୱାହିରେ ସବୁ ସହିଥିଲେ ମାତା
ହେଲେ ଏ କଳିଯୁଗ ରେ ଆଇନ କାନୁନର
ଧରାବନ୍ଧା ଶିକୁଳିରୁ ମୁକୁଳି ପରୁନି ନାରୀ
ଏଠି ତୋ ସମସ୍ତେ ରାବଣ ସମସ୍ତେ ଦୁଃଶାସନ
ରାମ କୃଷ୍ଣ ସବୁ ରାଜନୀତିର ବଳୟ ଭିତରେ
ଅର୍ଜୁନର ଗାଣ୍ଡିବ ଶକ୍ତିହୀନ ଏଠି ପ୍ରଶାସନ ଆଗରେ
କେବଳ ମହମ ବତୀର ଶୋଭାଯାତ୍ରା
ଅନୁକମ୍ପା ମୂଳକର ସହାୟତା ରେ ନାଟକ ଖତମ
ସେ ମମିତା, ଇତିଶ୍ରୀ, ବେବିନା, ପରି, ସୌମଶ୍ରୀ
ଯିଏ ବି ହେଉନା କାହିଁ ପରିସ୍ଥିତି ଓ ସମୟର
ଦାସତ୍ୟରେ
ଅଗ୍ନିର ଲେଳିହାଁନରେ ଭସ୍ମୀଭୂତ ଏମାନେ
ଅବଶ୍ୟ କିଛି ଦିନ ଗଣ ମାଧ୍ୟମର ଖୋରାକ
ରାଜନୈତିକ ବୟାନ ବାଜି କାଦୁଅ ଫିଙ୍ଗାଫୁଙ୍ଗି
ଦିଆନିଆରେ ଫାଇଲ ଅଟକି ଯାଏ ଚାର୍ଜସିଟ
ତଦନ୍ତ ଉପରେ ତଦନ୍ତ କମିଶନ ଉପରେ କମିଶନ
ତଥାପି ସାରିପାରେନି ଜୀବନ ଯାତ୍ରା
ଜିନ୍ଦାବାଦ ମୁର୍ଦାବାଦ୍ କରୁଥିବା କିଛି
ହାତ ଗଣତି ଲୋକ ବିକ୍ରି ହୁଅନ୍ତି ଫୁଟାଏ ମାଉସ
କେଇଟା ଟଙ୍କା ଓ କିଛି ଦେଶି ଓ ବିଦେଶ ଛପାରେ
ସମାଜ ସେବି ମାନଙ୍କ ଆତସ ବାଜି ଭାଷଣ
ସରିଯାଏ ମୁରୁ କୁନ୍ଦୁ ହସରେ
ହେଲେ ମରିଯାଇଥିବା ଆତ୍ମା ସେଠି ଦେଖେ
ମଳାପରେ କେତେ ରାଜନୀତି ଚାଲେ ତା ନାଁରେ
ଭାବେ ମୁଁ ତୋ କଳିଯୁଗ ଅଭିଶପ୍ତ କନ୍ୟା
ତ୍ରେତୟା ଓ ଦ୍ୱାପର ଯୁଗରେ ଏଇ ଟିକକ
ନ୍ୟାୟ ପାଇଁ ଧୂଳିସାତ ହୋଇଥିଲା ସୁନାର ଲଙ୍କା
ଓ ଦୁର୍ଯ୍ୟୋଧନର ସହର
ହେଲେ ଏଠି ନ୍ୟାୟ ଦ୍ୱେ କିଏ
ନାରୀର ଅଭିଶାପ ରେ ଧ୍ୱଂସ ହେବ ଏ ସମାଜ
ଯେମିତି ଧ୍ୱଂସ ହୋଇଥିଲା ତ୍ରେତୟା ଓ
ଦ୍ୱାପରରେ ।

କେନ୍ଦୁପାଟି, ଜୁନାଗଡ଼, କଳାହାଣ୍ଡି
୮୪୫୫୦୪୧୪୦୭

## ମାନବୀୟ



ଡ. ସ୍ମୃତି ପଟ୍ଟନାୟକ

ବିକାଶ ବାବୁ ଗାଆଁ ଛକରେ ପହଞ୍ଚିଲା ବେଳକୁ ମୁହଁ ସଞ୍ଜ । ସେଦିନ ଦୋଳ ପୂର୍ଣ୍ଣିମା । ରାଧାକୃଷ୍ଣ ବିମାନରେ ଗାଆଁକୁ ଗାଁଆ ବୁଲୁ ଥାନ୍ତି ଭୋଗ ଖାଇବା ପାଇଁ । ସାନ ଭାଇ ରାଜେଶ ଛକ ପାଖରେ ତାଙ୍କ ଆସିବା ବାଟକୁ ଅପେକ୍ଷା କରିଥିଲା । ବିକାଶ ବାବୁ ଓ ରାଜେଶ ଦୁହେଁ ସାଙ୍ଗ ହୋଇ ଗାଆଁ ଭିତରକୁ ଆସିଲେ । ରାସ୍ତା କଡରେ ଗାଁର ପ୍ରାଇମେରୀ ସ୍କୁଲ । ସେଠି କିଛି ସମୟ ବିକାଶ ବାବୁ ଅଟକି ଗଲେ । ଟିକେ କାନ ପାରିଲେ, ରହିରହି କ୍ଷୀଣ ଯନ୍ତ୍ରଣା କାତର ସ୍ୱରଟିଏ ଭାସି ଆସୁଥିଲା ପବନରେ । ରାଜେଶ କିଛିବାଟ ଆଗେଇ ଯାଇଥିଲା । ବିକାଶ ବାବୁ ଜୋରରେ ରାଜେଶକୁ ଡାକିଲେ । ଏବଂ କହିଲେ, ଚାଲ ଦେଖିବା କିଏ ଜଣେ ଲୋକ ସ୍କୁଲ ବାରଣ୍ଡାରେ ଶୋଇଛି ବୋଧେ । ଦୁହେଁ ସେଠାକୁ ଗଲେ । ବହଳ ଅନ୍ଧକାର ଭିତରେ କିଛି ଜଣା ପଡୁନଥିଲା । ମେଘୁଆ ପାଗ ଯୋଗୁଁ ପୂର୍ଣ୍ଣିମା ଜହ୍ନ ଆକାଶରେ ନଥିଲା । ବିକାଶ ବାବୁ ରାଜେଶ ହାତରୁ ଟର୍ଚ୍ଚଟାକୁ ନେଇ ଜଳାଇଲେ । ଏକ ପ୍ରକାର ହତଭମ୍ବ ଦୃଶ୍ୟ ଦେଖି ସେ ସ୍ତବ୍ଧ ହୋଇଗଲେ । ଗୋଟିଏ ଛିଣ୍ଡା ମସିଣା ଉପରେ ଲୋକଟିଏ ଶୋଇଛି । ତାର ଶରୀର ଏକ ପ୍ରକାରର ଲାଖି ଯାଇଛି ମସିଣାରେ । ଦେହ ହାତ ଫୁଲି ଅସମ୍ଭବ ଭାବେ ହଳଦିଆ ଦିଶୁଛି । ଫୁଙ୍ଗୁଳା ଦେହ ନିଜର ଲଜ୍ଜା ନିବାରଣ କରିବା ପାଇଁ ଛିଣ୍ଡା ଗାମୁଛା ଟିଏ ଗୁଡାଇ ହୋଇଥାଏ ସେ । ମୁହଁରେ ଦାଢି ଭର୍ତ୍ତି ହୋଇଥାଏ । ଗୁଡାଏ ମାଛି ଭଣଭଣ ହେଉଥାନ୍ତି । ବିକାଶ ବାବୁ ଲୋକଟିକୁ ଚିହ୍ନି ପାରୁନଥିଲେ । ସେ ବିକାଶ ବାବୁଙ୍କୁ ଦେଖି ହାତ ଯୋଡି ପକାଇଲା, ଆଖିରୁ ଧାରଧାର ହୋଇ ଲୁହ ବୋହି ଯାଉଥିଲା । ବିକାଶ ବାବୁ ପ୍ରଶ୍ନିଳ ଦୃଷ୍ଟିରେ ରାଜେଶ ଆଡେ ଅନାଉ ଥିଲେ । ରାଜେଶ କହିଲା ଭାଇ ତମେ କଣ ଆମ ଗାଆଁର ଘନ କାକାକୁ ଚିହ୍ନି ପାରୁନ ? ବିକାଶ ବାବୁଙ୍କ ପାଟିରୁ ବାହାରି ପଡିଲା, ଘନ କାକା ଏଠି ଏମିତି ! ପୁଣି ଏଇ ଅବସ୍ଥାରେ ! ରାଜେଶ ଠାରୁ ଘନ କାକା ବିଷୟରେ ସବୁ ଶୁଣିଲା ପରେ ବିକାଶ ବାବୁ ନିର୍ବାକ୍ ହୋଇଯାଇଥିଲେ । ତାଙ୍କର ଆଖିରୁ ଲୁହ ଜକେଇ ଆସିଲା । ସେ ଫେରି ଯାଇଥିଲେ କୋଡିଏ ବର୍ଷ ତଳକୁ । ଘନ କାକାର ଉଗ୍ର, ରୁକ୍ଷ ତଥା ଭୀମକାୟ ଚେହେରା, ବେପରୁଆ ଠାଣି, କାହାକୁ ଖାତିର ନକରୁଥିବା ଏମିତିକି ଖୋଦ ଈଶ୍ୱରଙ୍କୁ । ଛଅ ଫୁଟ୍ ଉଚ୍ଚତାର ମଣିଷଟିଏ, କଳା ମଚ୍ ମଚ୍ ଦେହ, ଦେହରୁ ସବୁବେଳେ ଯେମିତି ତେଲ ନିଗିଡି ପଡୁଥାଏ । କଥାରେ ଥିଲା ଦୃପ୍ତ ଭଙ୍ଗୀ, ଆତ୍ମ ବିଶ୍ୱାସର ପ୍ରତ୍ୟୟ । କିନ୍ତୁ ସେସବୁ ଦୀର୍ଘ ସ୍ଥାୟୀ ହୋଇ ରହିନଥିଲା । ଦିନ ଗଡିଚାଲେ ବୟସକୁ ନେଇ । ଘନ କାକାର ବ୍ୟବହାରରେ ଅତିଷ୍ଠ ହୋଇ ପଡିଥିଲେ ତା ଘର ଲୋକେ । ପୁଅମାନେ ତାକୁ ଘରୁ ବାହାର କରିଦେଇଥିଲେ । ସେ ସେଇ ସ୍କୁଲ ବାରଣ୍ଡାରେ ପାଞ୍ଚ ବର୍ଷ ହେବ ଆଶ୍ରୟ ନେଇଥିଲା । ବିକାଶ ବାବୁ ମନେମନେ ଚିନ୍ତା କରୁଥିଲେ ଈଶ୍ୱରଙ୍କର ଲୀଳାକୁ । ସେଠୁ ସେ ରାଜେଶ ସାଙ୍ଗରେ ଘରକୁ ଆସିଥିଲେ । ତା'ପରେ ରାଜେଶକୁ କହି ଘନ କାକା ପାଇଁ କିଛି ଖାଦ୍ୟ ଜିନିଷ ନେଇ ତାକୁ ଦେଇଥିଲେ । ସେ ଦିନ ଜୋର ବର୍ଷା ସାଙ୍ଗକୁ ଥଣ୍ଡା ପବନ ବହୁଥିଲା । ବିକାଶ ବାବୁ ରାତିରେ ଶୋଇ ପାରିନଥିଲେ, ଘନଘନ ବିଜୁଳି ସାଙ୍ଗକୁ ବର୍ଷାର ତାଣ୍ଡବ ଲୀଳା । ପ୍ରାୟ ଭୋର ଚାରିଟା ବେଳକୁ ବର୍ଷା ଛାଡି ଯାଇଥିଲା । ବହୁ ଦୂରରୁ ଏକ ବିକଟାଳ ଶବ୍ଦ ଭାସି ଆସୁଥିଲା । ବିକାଶ ବାବୁ ମନେମନେ ଭୟଭୀତ ହୋଇଯାଇଥିଲେ । କିଛି ଆଉ ଅଘଟଣ ଘଟିଲାନି ତ ? ତାଙ୍କର ସନ୍ଦେହ ଅମୂଳକ ଥିଲା । ସେହି ସମୟରେ ଘନ କାକା ଚିରଦିନ ପାଇଁ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ । ବୁଲା କୁକୁରମାନେ ଭୁକୁଥିଲେ ରାସ୍ତା ଉପରେ । ବିକାଶ ବାବୁ ଆଉ ବିଳମ୍ବ ନକରି ଯାଇ ପହଞ୍ଚି ଥିଲେ ଘନ କାକା ପାଖରେ । ଗାଆଁ ସାରା ଲୋକ ଧିରେଧିରେ ରୁଣ୍ଡ ହୋଇଥିଲେ । କାହାରି ମୁହଁରେ କୌଣସି ଶବ୍ଦ ନଥିଲା । ଘନ କାକାର ପୁଅମାନେ କେହି ଆଗେଇ ଆସି ନଥିଲେ । ବିକାଶ ବାବୁ ନିଜ ମନକୁ ଦୃଢ କରି ଘନ କାକର ଅନ୍ତିମ ସତ୍କାରର ବ୍ୟବସ୍ଥା କରିଥିଲେ ନିଜ ଗାଆଁର ମଶାଣି ଭୂଇଁରେ । ଏକ ପରମ ତୃପ୍ତିରେ ତାଙ୍କ ମୁହଁରେ ପ୍ରସନ୍ନତାର ଛାପ ଫୁଟି ଉଠିଥିଲା ।



ଅଧ୍ୟାପିକା,
ଉଦୟନାଥ ସ୍ୱୟଂଶାସିତ ବିଜ୍ଞାନ ଓ ବୈଷୟିକ ମହାବିଦ୍ୟାଳୟ
ଦୂରଭାଷ : ୯୯୩୮୪୪୦୯୪୯





### ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନରେ ବାଧକ 'ତହସିଲ'

# ଜାତି ପ୍ରମାଣପତ୍ର ପାଇଁ ଅଟକିଛି ୨,୯୧୧ ମାମଲା

**ଭୁବନେଶ୍ୱର :** ରାଜ୍ୟରେ ଅତ୍ୟାଚାରର ଶିକାର ହେଉଥିବା ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଲୋକଙ୍କୁ ନ୍ୟାୟ ଦେବାରେ 'ତହସିଲ' ବାଧକ ସାଜିଛି। ଜାତିଗତ ସ୍ଥିତି ଯାଞ୍ଚ ପ୍ରକ୍ରିୟାରେ ତହସିଲଗୁଡ଼ିକ ସହଯୋଗ କରୁନଥିବାରୁ ହଜାର ହଜାର ପୀଡ଼ିତଙ୍କୁ ନ୍ୟାୟ ମିଳିବା ଓ ସରକାରୀ ସହାୟତା ରାଶି ବଂଟନରେ ସମ୍ଭବପର ହୋଇପାରିନାହିଁ। ଏହି ଗୁରୁତର ସମସ୍ୟାକୁ ଦୃଷ୍ଟିରେ ରଖି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅରବିନ୍ଦ କୁମାର ପାଢ଼ୀ ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ଲେଖି ଶୀଘ୍ର ସମସ୍ତ ପେଣ୍ଡିଂ ମାମଲା ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶକୁ ଅନୁପାଳନ ନକଲେ ଅବା ବିଳମ୍ୱ କଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଅନୁସୂଚିତ ଜାତି ଓ ଜନଜାତି ଅତ୍ୟାଚାର ନିରୋଧ ଆଇନର ଅନୁପାଳନ ହେଉନଥିବାରୁ ନ୍ୟାୟ ପାଇବାରୁ ପୀଡ଼ିତ ବଞ୍ଚିତ ହେଉଥିବା ଦର୍ଶାଇ ରାଜ୍ୟ ମାନବାଧିକାର ସୁରକ୍ଷା ସେଲ୍ ଅତିରିକ୍ତ ଡିଜି ଯତୀନ୍ଦ୍ର କୋଏଲ ଫେବୃୟାରୀ ୧୬ତାରିଖରେ ରାଜ୍ୟ ଗୃହ ସଚିବ, ରାଜସ୍ୱ ସଚିବ ଓ ସ୍ୱାସ୍ଥ୍ୟ ସଚିବଙ୍କୁ ଚିଠି ଲେଖି ଅବଗତ କରାଇଥିବା ଜଣାପଡ଼ିଛି। ରାଜସ୍ୱ ବିଭାଗର ଦସ୍ତାବିଜ ଅନୁସାରେ, ଅନୁସୂଚିତ ଜାତି ଓ ଜନଜାତି ବର୍ଗର ପୀଡ଼ିତଙ୍କୁ ନ୍ୟାୟ ଓ ସରକାରୀ ସହାୟତା ପ୍ରଦାନ ଦିଗରେ ତଦନ୍ତକାରୀ ପୁଲିସ ଅଫିସରଙ୍କୁ ସ୍ଥାନୀୟ ତହସିଲ ଓ ମେଡିକାଲ ସହଯୋଗ କରୁନଥିବା ଭଳି ସଙ୍ଗୀନ ତଥ୍ୟ ଉଜାଗର ହୋଇଛି। ରାଜ୍ୟ ମାନବାଧିକାର ସୁରକ୍ଷା ସେଲ୍ ଏଡିଜି ଶ୍ରୀ କୋଏଲ ଗତ ଫେବୃୟାରୀ ୧୬ତାରିଖରେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗକୁ ଚିଠି ଲେଖି ଅବଗତ କରିବା ପରେ ଏହା ପଦାକୁ ଆସିଛି। ତଥ୍ୟ ଅନୁସାରେ, ଏସବୁ ମାମଲାରେ ତଦନ୍ତକାରୀ ପୁଲିସ ଅଫିସରଙ୍କ ଦ୍ୱାରା ଅଭିଯୁକ୍ତ, ପୀଡ଼ିତ ଏବଂ ଅଭିଯୋଗକାରୀଙ୍କ ଜାତିଗତ ସ୍ଥିତି ଯାଞ୍ଚ ନିମନ୍ତେ ପଠାଯାଇଥିବା ଚିଠିକୁ ତହସିଲସ୍ତରରେ ଦୀର୍ଘଦିନ ଧରି ପକାଇ ରଖାଯାଉଥିବାରୁ ଚାର୍ଜସିଟ୍ ଦାଖଲରେ ଅହେତୁକ ବିଳମ୍ୱ ହେଉଛି। ଯେଉଁଥିପାଇଁ ପୀଡ଼ିତଙ୍କୁ ମଧ୍ୟ ଆଇନ ଅନୁସାରେ ଆବଶ୍ୟକ ସରକାରୀ ସହାୟତା ପ୍ରଦାନ କରିବା ସମ୍ଭବପର ହୋଇପାରୁନାହିଁ। ୨୦୨୦ ଜାନୁଆରୀ ପହିଲାରୁ ୨୦୨୬ ମାର୍ଚ୍ଚ ୧୦ ତାରିଖ ମଧ୍ୟରେ ରାଜ୍ୟର ବିଭିନ୍ନ ତହସିଲରେ ମୋଟ୍ ୧୩୬୧୮ଟି ଆବେଦନ ଜାତି ପ୍ରମାଣପତ୍ର ଯାଂଚ ପାଇଁ ପଠାଯାଇଥିଲା। ସେଥିରୁ ୧୦୭୦୭ ଟି ମାମଲାର ସମାଧାନ ହୋଇଥିବାବେଳେ ଏବେବି ୩୦୧ଟି ତହସିଲରେ ମୋଟ୍ ୨୯୧୧ ଟି ମାମଲା ଯାଂଚ ପାଇଁ ପଡ଼ି ରହିଛି। ତହସିଲଗୁଡ଼ିକର ସମୟୋପଯୋଗୀ ସହଯୋଗ ମିଳୁନଥିବାରୁ ଏହା ନାକେବଳ ପୀଡ଼ିତାଙ୍କୁ ନ୍ୟାୟ ଓ ସହାୟତା ପ୍ରଦାନରେ ବିଳମ୍ୱ କରୁଛି ବରଂ ପ୍ରଶାସନକୁ ଅଯଥା ଆଇନଗତ ଜଟିଳତା ମଧ୍ୟକୁ ଟାଣି ନେଉଥିବା ଚିଠିରେ ଦର୍ଶାଯାଇଛି। ଏଚଆରପିସି ଅତିରିକ୍ତ ଡିଜି ଶ୍ରୀ କୋଏଲ ଆହୁରି ମଧ୍ୟ ଲେଖିଛନ୍ତି ଯେ, ନିୟମ ଅନୁଯାୟୀ ମାମଲା ରୁଜୁ ହେବାର ୬୦ ଦିନ ମଧ୍ୟରେ ଚାର୍ଜସିଟ୍ ଦାଖଲ ହେବା ବାଧ୍ୟତାମୂଳକ। କିନ୍ତୁ ତହସିଲଗୁଡ଼ିକରୁ ଜାତି ପ୍ରମାଣପତ୍ର ଯାଞ୍ଚ ଓ ସିଡିଏମଓଙ୍କ ଡାକ୍ତରୀ ରିପୋର୍ଟ ମିଳିବାରେ ବିଳମ୍ୱ ଯୋଗୁ ଧାର୍ଯ୍ୟ ସମୟସୀମା ମଧ୍ୟରେ ଚାର୍ଜସିଟ୍ ଦାଖଲ ସମ୍ଭବପର ହୋଇପାରୁନାହିଁ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ପୂର୍ବ ସରକାରଙ୍କ ...

ଆମ ସରକାର ଏହି ଆହ୍ୱାନକୁ ମୁକାବିଲା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ। ଆମ ପୋଲିସ ବାହିନୀକୁ କୃତ୍ରିମ ବୁଦ୍ଧିମତ୍ତା ଓ ଡାଟା ଆନାଲିଟିକ୍ସ ପରି ଆଧୁନିକ ଜ୍ଞାନକୌଶଳରେ ଦକ୍ଷ କରିବା ପାଇଁ ସରକାର ପଦକ୍ଷେପ ନେଉଛନ୍ତି। ସାଇବର ଅପରାଧକୁ ରୋକିବା ପାଇଁ ସବୁଠାରୁ ବଡ଼ ଅସ୍ତ୍ର ହେଉଛି ସଚେତନତା। ସମସ୍ତେ ସଚେତନ ହୋଇ ସାଇବର ସ୍ପେସକୁ ଦାୟିତ୍ୱସମ୍ପନ୍ନ ଭାବେ ବ୍ୟବହାର କରନ୍ତୁ। ମୁଖ୍ୟମନ୍ତ୍ରୀ କହିଲେ ଯେ ଆମ ସରକାର ଶାସନକୁ ଆସିଲା ପରେ ୧୭,୭୯୪ଟି ବିଭିନ୍ନ ବର୍ଗର ପଦ ସୃଷ୍ଟି କରାଯାଇଛି। ପୁଲିସ ବାହିନୀକୁ ଅଧିକ ଦୃଢ଼ କରିବା ପାଇଁ ସରକାର ୩ଟି ଓଏସ୍ଏସ୍ଏଫ୍ ବାଟାଲିୟନ, ୩ଟି ଓଆଇଏସ୍ଏଫ୍ ବାଟାଲିୟନ, ୧୦ଟି ନୂଆ ଓଡ୍ରାଫ ୟୁନିଟ୍, ଗୋଟିଏ ଟ୍ରାଫିକ ଓ ସଡ଼କ ସୁରକ୍ଷା ୱିଙ୍ଗ, ଚଣ୍ଡିଖୋଲରେ ଏସ୍‌ଡିପିଓ କାର୍ଯ୍ୟାଳୟ, ୨୦ଟି ସାଇବର ଓ ଅର୍ଥନୈତିକ ଅପରାଧ ଥାନା ଓ ଏକ ନୂଆ ପୋଲିସ ଜିଲ୍ଲା ସୃଷ୍ଟି କରିଛନ୍ତି। ପୁଲିସ ଇତିହାସରେ ପ୍ରଥମ ଥର ପାଇଁ ତଦନ୍ତକାରୀ ଅଧିକାରୀଙ୍କୁ ତଦନ୍ତ ଖର୍ଚ୍ଚ ନିମନ୍ତେ ପୋଲିସ ବିଭାଗକୁ ୫୦ କୋଟି ଟଙ୍କାର ଅର୍ଥ ପ୍ରଦାନ କରାଯାଇଛି। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ସଫଳତା ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ କହିଲେ, ୨୦୨୪ ଜୁଲାଇରୁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ସକ୍ରିୟ କରାଯାଇଛି। ମୁଁ ନିଜେ ଉପସ୍ଥିତ ରହି ଅଭିଯୋଗ ଶୁଣୁଛି। ଗତ ବର୍ଷ ଏପ୍ରିଲ ମାସରେ ରାଜ୍ୟ ମୁଖ୍ୟାଳୟ ବାହାରେ ସମ୍ବଲପୁରରେ ବି ଅଭିଯୋଗ ଶୁଣାଣି କରାଯାଇଥିଲା। ଆଗାମୀ ଦିନରେ କଳାହାଣ୍ଡି, ବାଲେଶ୍ୱର, ଅନୁଗୁଳ ପରି ଜିଲ୍ଲାରେ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ କରାଯିବ। ଓଡ଼ିଶାର ଯୁବବର୍ଗଙ୍କୁ ଚାକିରି ପ୍ରଦାନ ନିମନ୍ତେ ପଦକ୍ଷେପ ନିଆଯାଉଛି। ଆମ ସରକାର ଆସିବା ପରେ ୨୬ଟି ବିଭାଗରେ ୩୯,୫୦୫ ଜଣ ପ୍ରାର୍ଥୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି। ଅବଶିଷ୍ଟ ଖାଲି ଥିବା ୯୨,୫୬୩ଟି ମୂଳ ପଦବି ମଧ୍ୟରୁ ୩୭,୬୪୧ଟି ପଦବିରେ ନିଯୁକ୍ତି ପ୍ରକ୍ରିୟା ସମ୍ପାଦନ କରିବା ନିମନ୍ତେ ନିଯୁକ୍ତି ପ୍ରଦାନକାରୀ ସଂସ୍ଥାଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଥିଲେ।

### ନିଶାମୁକ୍ତି ପାଇଁ ...

ରାଜ୍ୟରେ କୌଣସି ନୂଆ 'ଅଫ୍ ସପ୍', ଦେଶୀ ମଦ କିମ୍ବା ଆଉଟ-ଷ୍ଟିଲ୍ ଦୋକାନ ଖୋଲିବାକୁ ଅନୁମତି ଦିଆଯିବ ନାହିଁ। ଗ୍ରାମାଞ୍ଚଳରେ ମଧ୍ୟ ନୂଆ 'ଅନ୍ ସପ୍' ଦୋକାନ ଖୋଲିବ ନାହିଁ। କେବଳ ଶିଳ୍ପାଞ୍ଚଳରେ ଥିବା ଥ୍ରୀଷ୍ଟାର ବା ତଦୁର୍ଦ୍ଧ ଷ୍ଟାର ହୋଟେଲ ଓ କ୍ଲବଗୁଡ଼ିକରେ ଏଭଳି ଅନୁମତି ମିଳିବ। ସେହିପରି ଦେଶୀ ମଦ ପ୍ରସ୍ତୁତି କେନ୍ଦ୍ରଗୁଡ଼ିକରେ 'ଏଫଏସଏସଏଆଇ' ସାର୍ଟିଫିକେଟ୍ ବାଧ୍ୟତାମୂଳକ କରାଯାଇଛି। ମଦର ଚୋରା କାରବାର ରୋକିବା ପାଇଁ ସରକାର 'ଟ୍ରାକ୍ ଆଣ୍ଡ ଟ୍ରେସ୍' ପ୍ରଣାଳୀ ଓ ସିସିଟିଭି ବ୍ୟବସ୍ଥା ଲାଗୁ କରାଯିବ। ସମସ୍ତ ମଦ ଉତ୍ପାଦନ ୟୁନିଟ୍ ଓ ଖୁଚୁରା ଦୋକାନଗୁଡ଼ିକୁ ସିସିଟିଭି ନିରୀକ୍ଷଣ ଅଧୀନକୁ ଅଣାଯିବ ଯାହା ସିଧାସଳଖ ଅବକାରୀ କମିଶନରଙ୍କ କାର୍ଯ୍ୟାଳୟରୁ ତଦାରଖ ହୋଇପାରିବ। ରାଜ୍ୟ ସରକାର ପ୍ରଥମଥର ପାଇଁ ନିଜର ଅବକାରୀ ନୀତିରେ ୦.୫% 'ଡି ଆଡିକସନ୍ ସେସ୍' ବା 'ନିଶା ନିବାରଣ କର' ଲାଗୁ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହା ମାଧ୍ୟମରେ ରାଜ୍ୟ ସରକାର ମଦକୁ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ପଦାର୍ଥ ଭାବେ ସ୍ୱୀକାର କରିଛନ୍ତି। ତେବେ ଏହି ଅତିରିକ୍ତ ସେସରୁ ଆଦାୟ ହେଉଥିବା ସମସ୍ତ ଅର୍ଥକୁ ରାଜ୍ୟରେ ମଡେଲ ନିଶାମୁକ୍ତି କେନ୍ଦ୍ର ସ୍ଥାପନ ଓ ପରିଚାଳନା ପାଇଁ ବ୍ୟୟ କରିବେ ବୋଲି ସୂଚନା ଦିଆଯାଇଛି। ନୂଆ ନୀତି ଅନୁସାରେ, ପ୍ରତିବର୍ଷ ଲାଇସେନ୍ସ ଶୁଳ୍କରେ ୧୦ରୁ ୨୦ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ହେବ। ଏହାସହିତ ବିଭିନ୍ନ ଅବକାରୀ ଲାଇସେନ୍ସ ପାଇଁ ଆବେଦନ ଶୁଳ୍କ ୧୦ପ୍ରତିଶତ ବୃଦ୍ଧି କରାଯାଇଛି। ବିଦେଶୀ ମଦ(ଆଇଏମଏଫଏଲ) ଓ ଦେଶୀ ମଦ ଉପରେ ଅବକାରୀ ଶୁଳ୍କ ବୃଦ୍ଧି ହୋଇଥିବାରୁ ବଜାରରେ ମଦର ଦର ମଧ୍ୟ ବୃଦ୍ଧି ପାଇବ ବୋଲି ଜଣାପଡ଼ିଛି। ରାଜ୍ୟ ସରକାର ଏକ ବଡ଼ ପଦକ୍ଷେପ ସ୍ୱରୂପ ନୂଆ ଅବକାରୀ ନୀତିରେ ମଦ ବ୍ୟବସାୟୀଙ୍କ ପାଇଁ ପ୍ରଚଳିତ 'ଏମଜିକ୍ୟୁ ବା ସର୍ବନିମ୍ନ ନିଶ୍ଚିତ ପରିମାଣ'କୁ ହଟାଇ ଦେଇ ସର୍ବନିମ୍ନ ନିଶ୍ଚିତ ଅବକାରୀ ରାଜସ୍ୱ(ଏମଜିଇଆର) ବ୍ୟବସ୍ଥା ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହାଦ୍ୱାରା ବ୍ୟବସାୟୀଙ୍କ ଉପରେ ବିକ୍ରି ପରିମାଣ ବୃଦ୍ଧି ପାଇଁ ରହୁଥିବା ଅଯଥା ଚାପ ହ୍ରାସ ପାଇବ ଓ ଅବୈଧ 'କୁଚିଆ' ବିକ୍ରୟ ପ୍ରଥା ଉପରେ ମଧ୍ୟ କଟକଣା ଲାଗିବ। ଏଥିସହ ଓଏସ୍ ୟୁନିଟଗୁଡ଼ିକର ଆଧୁନିକୀକରଣ, ଉନ୍ନତ ପ୍ୟାକେଜିଂ ଓ ଏଫଏସଏସଏଆଇ ସାର୍ଟିଫିକେସନକୁ ବାଧ୍ୟତାମୂଳକ କରାଯାଇଛି। ନିର୍ଦ୍ଧାରିତ ସମୟ ମଧ୍ୟରେ ଆଧୁନିକୀକରଣ କାର୍ଯ୍ୟ ସାରୁଥିବା ୟୁନିଟଗୁଡ଼ିକୁ ସରକାର ପ୍ରୋତ୍ସାହନ ମଧ୍ୟ ପ୍ରଦାନ କରିବେ। ରାଜ୍ୟର ଅବକାରୀ ରାସାୟନିକ ପରୀକ୍ଷାଗାରଗୁଡ଼ିକୁ ମଧ୍ୟ ଅଧିକ ଶକ୍ତିଶାଳୀ ଓ ଆଧୁନିକ କରାଯିବ ବୋଲି ନୂଆ ନୀତିରେ ବ୍ୟବସ୍ଥା କରାଯାଇଛି।

### ପ୍ରତ୍ୟାହାର ...

ତେବେ ଓଡ଼ିଶା ବିଧାନସଭାରେ ବିଜେପି, ବିଜେଡି ଓ କଂଗ୍ରେସ ମିଳିତ ଭାବେ ଏହି ଦରମା ଓ ପେନସନ୍ ବୃଦ୍ଧି ବିଲକୁ ସମର୍ଥନ ଜଣାଇଥିଲେ ମଧ୍ୟ ଜନ ଆକ୍ରୋଶକୁ ଦେଖି ଏଥିରୁ ଓହରିବାର ମାର୍ଗ ଖୋଜିଥିଲେ। ସମସ୍ତେ ନିଜ ନିଜର ଦୋଷ ଛଡ଼ାଇବା ପାଇଁ ରାଜନୀତିକ ଡ୍ରାମା ଆରମ୍ଭ କରିଦେଇଥିଲେ। ଶାସକ ବିଜେପି ବିଧାୟକମାନେ ବର୍ଦ୍ଧିତ ଦରମା ବିଲ୍ ପ୍ରତ୍ୟାହାର ପାଇଁ ଲିଖିତ ଭାବେ ଦେବା ପରେ ସରକାର ଏହି ବିଲକୁ ଫେରାଇ ନେବେ ବୋଲି ସ୍ପଷ୍ଟ ସୂଚନା ମିଳିସାରିଥିଲା। ଏହି ବିଲ୍ ଫେରସ୍ତ ହେବାକୁ ନେଇ ବିଧାୟକଙ୍କ ଦରମା ଓ ପେନସନ୍ ବୃଦ୍ଧି ସୁପାରିଶ କମିଟି ଅଧ୍ୟକ୍ଷ ଭାସ୍କର ମଢ଼େଇ କହିଛନ୍ତି ଯେ, ରାଜ୍ୟ ସରକାର ଏହି ବିଲଗୁଡ଼ିକୁ ପ୍ରତ୍ୟାହାର ପାଇଁ ନିଷ୍ପତ୍ତି ନେଇଥିବାରୁ ଆମେ ତାକୁ ସ୍ୱାଗତ କରୁଛୁ। ତେବେ ମୁଦ୍ରାସ୍ଫୀତି ଓ ଅନ୍ୟ ରାଜ୍ୟର ଦରମା ଢାଂଚାର ଆଳ ଦେଖାଇ ଏହି ଦରମା ଓ ପେନସନ୍ ବୃଦ୍ଧିକୁ ଯଥାର୍ଥ ବୋଲି ଦର୍ଶାଇବାକୁ ବିଧାୟକମାନେ ପ୍ରୟାସ କରିଥିଲେ ମଧ୍ୟ ଜନସାଧାରଣଙ୍କ ଅସନ୍ତୋଷକୁ ଦେଖି ନିଷ୍ପତ୍ତିରୁ ଓହରିବାକୁ ବାଧ୍ୟ ହୋଇଥିଲେ। ରାଜ୍ୟର ବିକାଶମୂଳକ କାର୍ଯ୍ୟକୁ ପ୍ରାଥମିକତା ଦେବା ପରିବର୍ତ୍ତେ ମନ୍ତ୍ରୀ-ବିଧାୟକମାନେ ନିଜର ଆର୍ଥିକ ସୁବିଧା ବଢ଼ାଇବା ନେଇ ସୃଷ୍ଟି ହୋଇଥିବା ବିବାଦରେ ପୂର୍ଣ୍ଣଚ୍ଛେଦ ପଡ଼ିବାକୁ ଯାଉଛି।

### ୨ ବର୍ଷରେ ...

ଖଣି କାରବାର ଓ ପରିବହନର ମୋଟ ୧୪୨୧ଟି ମାମଲା ରୁଜୁ ହୋଇଛି। ୫୦୪୫ଟି ଗାଡ଼ି ମଧ୍ୟ ଜବତ କରାଯାଇ ମୋଟ ୫୨.୪୨କୋଟି ଟଙ୍କା ଜୋରିମାନା ଆଦାୟ କରାଯାଇଛି। ସେହିପରି ୨୦୨୪-୨୫ ଆର୍ଥିକ ବର୍ଷରେ ବେଆଇନ ଖଣି କାରବାର ଓ ପରିବହନର ମୋଟ ୧୦୬୨ଟି ମାମଲା ରୁଜୁ ସହ ମୋଟ ୪୬୭୬ଟି ଗାଡ଼ି ଜବତ କରାଯାଇଥିଲା। ଜୋରିମାନା ବାବଦରେ ୪୮.୧୬କୋଟି ଟଙ୍କା ମଧ୍ୟ ଆଦାୟ ହୋଇଥିଲା। ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ବେଆଇନ ଖଣିଜ କାରବାର ଓ ପରିବହନ ଉପରେ କଠୋର ଆଭିମୁଖ୍ୟ ପୋଷଣ କରିଛନ୍ତି। ବିଶେଷକରି ଲଘୁ ଖଣିଜ ଖନନ ଓ ପରିବହନ ଉପରେ ବିଜେପି ସରକାରଙ୍କ କଡ଼ା କାର୍ଯ୍ୟାନୁଷ୍ଠାନ ଯୋଗୁ ଏବେ ଏହି କାରବାର ଉପରେ ଅଙ୍କୁଶ ଲାଗିଥିବା ଜଣାପଡ଼ିଛି। ଜିଲ୍ଲାୱାରୀ ବାଲେଶ୍ୱର, ମୟୂରଭଞ୍ଜ ଓ କଟକ ଭଳି ଜିଲ୍ଲାଗୁଡ଼ିକରେ ବେଆଇନ ପରିବହନ ସବୁଠାରୁ ଅଧିକ ରହିଛି। ବାଲେଶ୍ୱର ଜିଲ୍ଲାରେ ଗତବର୍ଷ ଅପେକ୍ଷା ଚଳିତ ବର୍ଷ ଜବତ ଗାଡ଼ି ଓ ଏଫଆଇଆର ସଂଖ୍ୟାରେ ବଡ଼ଧରଣର ବୃଦ୍ଧି ପରିଲକ୍ଷିତ ହୋଇଛି। ସେହିପରି ମନ୍ତ୍ରୀ ଶ୍ରୀ ଜେନା କହିଛନ୍ତି ଯେ, ଲଘୁ ଖଣିଜ ପଦାର୍ଥର ବେଆଇନ ଉତ୍ତୋଳନ ହେଉଥିବା କେତେକ ନିର୍ଦ୍ଦିଷ୍ଟ 'ହଟସ୍ପଟ୍' ବା ସମ୍ବେଦନଶୀଳ ତହସିଲକୁ ମଧ୍ୟ ଚିହ୍ନଟ କରାଯାଇଛି। ଏହି ତାଲିକାରେ ଅନୁଗୁଳର କଣିହା, ବାଲେଶ୍ୱରର ଜଳେଶ୍ୱର, କଟକର ବାରଙ୍ଗ, ଯାଜପୁରର ଧର୍ମଶାଳା ଓ ଖୋର୍ଦ୍ଧାର ଟାଙ୍ଗୀ ଭଳି ତହସିଲଗୁଡ଼ିକୁ ସବୁଠାରୁ ସମ୍ବେଦନଶୀଳ ବୋଲି ଦର୍ଶାଯାଇଛି। ଏହି ତହସିଲ ଅଞ୍ଚଳରେ ବାଲି, ମୋରମ୍ ଓ ପଥର ଖଣିର ବେଆଇନ ଖନନ ଓ ପରିବହନ ହେଉଥିବାରୁ ପ୍ରଶାସନ ପକ୍ଷରୁ ପାଟ୍ରୋଲିଂ ଓ ଚଢ଼ାଉକୁ ଆହୁରି ଜୋରଦାର କରାଯାଇଛି। ସରକାରଙ୍କ ଏହି କଠୋର ପଦକ୍ଷେପ ଫଳରେ କୋଟି କୋଟି ଟଙ୍କାର ରାଜସ୍ୱ ଲୁଟ୍ ଉପରେ ଅଙ୍କୁଶ ଲାଗିପାରିଛି। ତେବେ ଆଗାମୀ ଦିନରେ ଏହି କାର୍ଯ୍ୟାନୁଷ୍ଠାନକୁ ଆହୁରି ବ୍ୟାପକ କରାଯିବ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି।

### ଲୋକଲୋଚନକୁ ...

ଯୋଜନାରୁ ବାଦ ଦେବା ପାଇଁ ସରକାରୀ ନିର୍ଦ୍ଦେଶ ଥିବାରୁ ମହିଳାମାନେ ତୃତୀୟ କିସ୍ତି ପାଇବାରୁ ବଞ୍ଚିତ ହୋଇଛନ୍ତି। ଏ ସମ୍ପର୍କରେ ଶୁକ୍ରବାର ମହିଳାମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଲିଖିତ ଅଭିଯୋଗ କରିଥିଲେ ଚାଷୀଙ୍କ ନାମରେ ଅବୈଧ ଭାବେ ବାହାର ରାଜ୍ୟରୁ କ୍ୱିଣ୍ଟାଲ୍ ପିଛା ୨୮୦୦ ଟଙ୍କାରେ ମାଣ୍ଡିଆ କିଣି ମଣ୍ଡିରେ ୩୮୦୦ ଟଙ୍କାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ବିକ୍ରି କରୁଥିବା ଅଭିଯୋଗରେ ଦର୍ଶାଯାଇଛି। ବିକ୍ରି ବାବଦ ଟଙ୍କା ଆକାଉଣ୍ଟକୁ ଆସିବା ପରେ ମହିଳାଙ୍କୁ ବ୍ୟାଙ୍କକୁ ନେଇ ସେମାନଙ୍କ ଆକାଉଣ୍ଟରୁ ଅନ୍ୟ ଆକାଉଣ୍ଟକୁ ଟ୍ରାନ୍ସଫର କରାଯାଉଛି। ଏ ସଂକ୍ରାନ୍ତରେ ଡାଙ୍ଗସୋରଡାଫାଣ୍ଡିରେ ଅଭିଯୋଗ ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନଥିବା ଲକ୍ଷ୍ମୀପ୍ରିୟା ପାତ୍ର ଅଭିଯୋଗ କରିଛନ୍ତି। ଲକ୍ଷ୍ମୀପ୍ରିୟାଙ୍କ ନାଁରେ କିଛି ଭୂମି ନଥିବା ବେଳେ ପୋର୍ଟାଲ୍‌ରେ ଭୂମି ଥିବା ଉଲ୍ଲେଖ କରାଯାଇଥିବା ସେ ଅଭିଯୋଗ କରିଛନ୍ତି। ଦୁର୍ନୀତିର ତଦନ୍ତ କରି ସ୍ୱେଚ୍ଛାସେବୀ ଅନୁଷ୍ଠାନ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ପୁଣି ଥରେ 'ସୁଭଦ୍ରା' ଯୋଜନାରେ ଯୋଡ଼ିବାକୁ ମହିଳାମାନେ ଦାବି କରିଛନ୍ତି। ସୂଚନାଯୋଗ୍ୟ, ଶ୍ରୀ ଅନ୍ନ ଅଭିଯାନରେ ରାୟଗଡ଼ା ଜିଲ୍ଲାର ୧୦ଟି ବ୍ଲକ୍‌ର ୨୦ ହଜାରରୁ ଉର୍ଦ୍ଧ୍ୱ ଚାଷୀ ଉପକୃତ ହେଉଛନ୍ତି। ୨୦୨୫-୨୬ରେ ଜିଲ୍ଲାର ୧୦ଟି ଲ୍ୟାମ୍ପସ ଓ ୮ଟି ଫାର୍ମର୍ ପ୍ରଡ୍ୟୁସର କମ୍ପାନିକୁ ୮୦ ହଜାର କ୍ୱିଣ୍ଟାଲ୍ ମାଣ୍ଡିଆ କିଣିବାକୁ ଦାୟିତ୍ୱ ଦିଆଯାଇଛି। ମାଣ୍ଡିଆ ଚାଷୀଙ୍କ ନାମ ଓ ସେମାନଙ୍କ ନାଁରେ ଥିବା ଜମିର ତଦନ୍ତ ହେଲେ ସବୁ କିଛି ସ୍ପଷ୍ଟ ହୋଇଯିବ ବୋଲି ଜିଲ୍ଲାପାଳଙ୍କୁ ଅଭିଯୋଗ କରିବା ନିମନ୍ତେ ଆସିଥିବା ମହିଳା ମାନେ କହିଛନ୍ତି। ସେମାନେ ପୁଣି କହିଛନ୍ତି ଯେ, ଚନ୍ଦ୍ରପୁର ବ୍ଲକ ପଞ୍ଚାୟତ ମାନଙ୍କରେ ନଗଣ୍ୟ ମାଣ୍ଡିଆ ଚାଷ ହୋଇଥିବା ବେଳେ ଛତିଶଗଡରୁ ଶ୍ରୀ ଅର୍ଣ୍ଣ, ମାଣ୍ଡିଆ ଆଣି, ନିରିହ ଆଦିବାସୀଙ୍କ ନାମରେ ଜିଓଟେକ କରି ବ୍ରିକ୍ରି କରି ବ୍ୟାଙ୍କକୁ ଡାକି ଟଙ୍କା ଉଠାଇ କିଛି ହାତ ଗୁଞ୍ଜା ଦେଇ ହଜାର ହଜାର ଟଙ୍କା ଆତ୍ମସାତ କରୁଅଛି ବୋଲି ଅଭିଯୋଗ ହୋଇଥିଲା। ଶ୍ରୀ ଅର୍ଣ୍ଣ ଚାଷ କରିନଥିବା ଲୋକଙ୍କୁ ଚାଷୀ ଦର୍ଶାଯାଇଛି। ହିତାଧିକାରି ମାନଙ୍କ ନାମରେ ଆସୁଥିବା ଟଙ୍କା ଟିଡିସିସିକୁ ହାତ କରି ବେନାମି ଆକାଉଣ୍ଟରେ ଟ୍ରାନ୍ସଫର କରି ସଂସ୍ଥା ଆତ୍ମସାତ କରୁଥିବା ଅଭିଯୋଗ ହେଉଛି। ଶ୍ରୀ ଅର୍ଣ୍ଣ ଯୋଜନା ଚାଷ, ଅନ୍ୟାନ୍ୟ କାର୍ଯ୍ୟ ସରକାରଙ୍କ ଆଗ୍ରହ ସ୍ୱାଗତଯୋଗ୍ୟ, କିନ୍ତି ସେହି ଅର୍ଥକୁ ଅସାଧୁ ବ୍ୟବସାୟୀ, ଜନୈକ ଏନଜିଓ ଓ ପଦାଧୀକରୀ ଯେଭଳି ଭାବରେ ଆଖିବୁଜା ଲୁଟ କରୁଛନ୍ତି ସ୍ଥାନୀୟ ବ୍ଲକର ଚାଷୀଙ୍କ ନାମରେ ଶ୍ରୀଅର୍ଣ୍ଣ ଯୋଜନା ବିକ୍ରୀ ହୋଇଥିବା ଅଭିଯୋଗକୁ ଆକାଉଣ୍ଟରେ ଟଙ୍କା ଡିପୋଜିଟ କରି ଆତ୍ମସାତ କରିଛି ବୋଲି ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏହି ଘଟଣାର କଣ ବୋଲି ଜନୈକ ଏନଜିଓର ପ୍ରତିକ୍ରିୟା ନେବା ନିମନ୍ତେ ତାଙ୍କ ଫୋନ ନମ୍ବର ୮୪୫୮୦ ୫୦୧୫୯କୁ ଯୋଗାଯୋଗ କରିଥିଲୁ କିନ୍ତୁ ସେ ଫୋନର ଜବାବ ଦେଇନଥିଲେ।

### ରାଜ୍ୟରେ ୭.୩% ...

ରାଜ୍ୟ ପୁଲିସ ପାଇଁ ବଡ଼ ଚ୍ୟାଲେଞ୍ଜ ପାଲଟିଛି। ୨୦୨୫ ମସିହାରେ ସାଇବର ଠକେଇର ଏକ ଭୟଙ୍କର ଚିତ୍ର ସାମ୍ନାକୁ ଆସିଛି। ନ୍ୟାସନାଲ ସାଇବର କ୍ରାଇମ ରିପୋର୍ଟ ପୋର୍ଟାଲର ତଥ୍ୟ ଅନୁସାରେ ୨୦୨୫ ମସିହାରେ ମୋଟ ୨୮୦୩ଟି ସାଇବର ମାମଲା ରୁଜୁ ହୋଇଛି। ଏଥିରୁ ୧୫୬୯ଟି ମାମଲା (୫୬%) କେବଳ ଅର୍ଥନୀତିକ ସାଇବର ଅପରାଧ ସହ ଜଡ଼ିତ। ସାଇବର ଠକେଇ ରାଶି ପରିମାଣ ୪୧୭.୧୮କୋଟି ଟଙ୍କା ଥିବାବେଳେ ଏଥିରୁ ମାତ୍ର ୨.୮୫ପ୍ରତିଶତ ଅର୍ଥାତ ୧୧.୯୧କୋଟି ଟଙ୍କାକୁ ଫ୍ରିଜ୍ କରାଯାଇପାରିଛି। ଠକେଇ ଶିକାର ହୋଇଥିବା ଲୋକଙ୍କୁ ମାତ୍ର ୧.୦୧ପ୍ରତିଶତ ଅର୍ଥାତ୍ ପ୍ରାୟ ୪.୧୯କୋଟି ଟଙ୍କା ଫେରସ୍ତ ସମ୍ଭବପର ହୋଇଛି। ଅନ୍ୟାନ୍ୟ ଅପରାଧ ମଧ୍ୟରେ ସୋସିଆଲ ମିଡିଆ ସମ୍ପର୍କିତ ୧୮୩ଟି, ହ୍ୟାକିଂ ମାମଲାର ୮ଟି ଓ ଅନ୍ୟାନ୍ୟ ଶ୍ରେଣୀର ୪୩ଟି ମାମଲା ରୁଜୁ ହୋଇଥିବାବେଳେ ପୁଲିସ ଏଥିରେ ମୋଟ ୧୨୧୦ଜଣ ଅପରାଧୀଙ୍କୁ ଚିହ୍ନଟ କରି ୭୪୪ଜଣଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି। ବାମପନ୍ଥୀ ଉଗ୍ରବାଦ ବା ମାଓବାଦୀ ଦମନରେ ପୋଲିସକୁ ବଡ଼ ସଫଳତା ମିଳିଛି। ସୁରକ୍ଷା ବାହିନୀର ସକ୍ରିୟ ଅଭିଯାନ ଯୋଗୁଁ ସିପିଆଇ-ମାଓବାଦୀର କେନ୍ଦ୍ରୀୟ କମିଟି ସଦସ୍ୟ ଗଣେଶ ଉଇକେ ଓ ଚଲପତିଙ୍କ ସମେତ ମୋଟ ୨୫ ଜଣ ମାଓବାଦୀ ନିହତ ହୋଇଛନ୍ତି। ମାଓବାଦୀଙ୍କ ପ୍ରଭାବ ହ୍ରାସ ପାଇଛି। ସେହିପରି ନିଶା କାରବାର ବିରୋଧରେ ପୁଲିସର କାର୍ଯ୍ୟାନୁଷ୍ଠାନ ଯୋଗୁ ବର୍ଷକ ମଧ୍ୟରେ ପ୍ରାୟ ୧୮୦ କ୍ୱିଣ୍ଟାଲ୍ ଗଞ୍ଜେଇ ଓ ୧୮ କିଲୋଗ୍ରାମରୁ ଅଧିକ ବ୍ରାଉନ୍‌ସୁଗାର ଜବତ କରାଯାଇଥିବା ବେଳେ ୩୦୦ ଜଣ ନିଶା ମାଫିଆଙ୍କୁ ଗିରଫ କରାଯାଇଛି। ଶ୍ୱେତପତ୍ର ଅନୁଯାୟୀ, ୨୦୨୫ ମସିହାରେ ରାଜ୍ୟରେ ମୋଟ ୧୨୨ଟି ସାମ୍ପ୍ରଦାୟିକ ବିଶୃଙ୍ଖଳା ଘଟଣା ଘଟିଛି, ଯେଉଁଥିରେ ୧୦୬ଟି ହିନ୍ଦୁ-ମୁସଲିମ୍ ଓ ୧୬ଟି ହିନ୍ଦୁ-ଖ୍ରୀଷ୍ଟିଆନ୍ ଗୋଷ୍ଠୀ ମଧ୍ୟରେ ବିବାଦ ହୋଇଛି। ଏହି ଘଟଣାଗୁଡ଼ିକ ପାଇଁ ମୋଟ ୧୬୫ଟି ଅପରାଧିକ ମାମଲା ରୁଜୁ ହୋଇଛି। ରାଜ୍ୟର ବିଭିନ୍ନ ଭାଗରେ ମୋଟ ୧୦୯୫ଟି ଦଙ୍ଗା ବା ରାୟୋଟିଂ ମାମଲା ପଞ୍ଜିକୃତ ହୋଇଛି ଓ ପୁଲିସ ଏଥିରୁ ୪୯୮ଟି ମାମଲାରେ ଚାର୍ଜସିଟ୍ ଦାଖଲ କରିଥିବାବେଳେ ୫୪୮ଟି ମାମଲାରେ ତଦନ୍ତ ଜାରି ରହିଛି। ସେହିପରି କଟକରେ ଦଶହରା ପର୍ବବେଳେ ସାମ୍ପ୍ରଦାୟିକ ଉତ୍ତେଜନା ଓ ପୁରୀ ରଥଯାତ୍ରାରେ ଦଳଚକଟା ହୋଇଥିଲେ ମଧ୍ୟ ସରକାର ଓ ପୁଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଯୋଗୁ ଏହାକୁ ନିୟନ୍ତ୍ରଣ କରାଯାଇଛି। ତେବେ ୨୦୨୫ ମସିହାରେ ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ମୋଟାମୋଟି ଶାନ୍ତିପୂର୍ଣ୍ଣ ଥିଲା ତଥା ଏହା ଶାନ୍ତିଶୃଙ୍ଖଳା ବଜାୟ ରଖିବା ଦିଗରେ ସରକାରଙ୍କ ଦୃଢ଼ ସଂକଳ୍ପକୁ ପ୍ରତିଫଳିତ କରୁଛି ବୋଲି ଶ୍ୱେତପତ୍ରରେ ଦାବି କରାଯାଇଛି।

# ୪୫ ଦିନ ଭିତରେ ପ୍ରକାଶ ପାଇବ +୨ ରେଜଲ୍ଟ



**ଭୁବନେଶ୍ୱର :** ଶନିବାର ସରିଛି ସିଏଚ୍‌ସିଇ ପରିଚାଳିତ +୨ ବର୍ଗର ସମସ୍ତ ପରୀକ୍ଷା। ତେବେ ଆସନ୍ତା ୪୦ରୁ ୪୫ ଦିନ ଭିତରେ ରେଜଲ୍ଟ ପ୍ରକାଶ ପାଇବ ବୋଲି କହିଛନ୍ତି ପରୀକ୍ଷା ନିୟନ୍ତ୍ରକ ପ୍ରଶାନ୍ତ କୁମାର ପରିଡ଼ା। କଳା, ବିଜ୍ଞାନ, ବାଣିଜ୍ୟ ଏବଂ ଧନ୍ଦାମୂଳକରେ ୪ ଲକ୍ଷରୁ ଉର୍ଦ୍ଧ୍ୱ ପିଲା ପରୀକ୍ଷା ଦେଇଥିବାବେଳେ ୫ ହଜାର ପିଲା ଅନୁପସ୍ଥିତ ଥିଲେ। ଏପ୍ରିଲ ୨ରୁ ଯୁକ୍ତ ଦୁଇ ଖାତାଦେଖା ଆରମ୍ଭ ହେବ। ଖାତା ମୂଲ୍ୟାୟନ ପାଇଁ ୧୫୧ ମୂଲ୍ୟାୟନ କେନ୍ଦ୍ର ସହିତ ୧୬ ହଜାର ଅଧ୍ୟାପକ ନିୟୋଜିତ ହୋଇଛନ୍ତି। ସିଏଚ୍‌ଏସ୍‌ଇ ପରୀକ୍ଷା ନିୟନ୍ତ୍ରକ କହିଛନ୍ତି ଯେ, ବିଶେଷ କରି ଦୁଇଟି ପର୍ଯ୍ୟାୟରେ ଖାତା ଦେଖା ହେବ। ମୋଟ୍ ଆକାରରେ ଚଳିତ ବର୍ଷ ଯୁକ୍ତ ୨ରେ ୨୫ ଲକ୍ଷ ଖାତା ମୂଲ୍ୟାୟନ ହେବ। ଏପ୍ରିଲ୍ ଶେଷ ସୁଦ୍ଧା ଖାତା ଦେଖା ଶେଷ ହେବା ସହିତ ମେ' ମାସରେ ପରୀକ୍ଷା ଫଳ ପ୍ରକାଶ ପାଇବାକୁ ଲକ୍ଷ୍ୟ ରଖାଯାଇଛି। ଯୁକ୍ତ ଦୁଇ ଖାତା ଉଭୟ ଅଫଲାଇନ ଓ ଅନଲାଇନରେ ଦେଖା ହେବ। ମୂଲ୍ୟାୟନ କେନ୍ଦ୍ରରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯିବ। ଅତ୍ୟଧିକ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଅଧ୍ୟାପକଙ୍କ ପାଇଁ ପାନୀୟ ଜଳଠୁ ଆରମ୍ଭ କରି ସମସ୍ତ ପ୍ରକାର ସୁବିଧା କରାଯିବ।

# ମହାନଦୀ ଟ୍ରିବ୍ୟୁନାଲ୍‌ରେ ଜଳ ବିବାଦ; ୧୧ରେ ପରବର୍ତ୍ତୀ ଶୁଣାଣି

**ଭୁବନେଶ୍ୱର :** ମହାନଦୀ ଜଳ ବିବାଦର ଶୁଣାଣି ହୋଇଛି। ମହାନଦୀ ଟ୍ରିବ୍ୟୁନାଲ୍‌ରେ ଜଳ ବିବାଦର ଶୁଣାଣି ହୋଇଛି। ଓଡ଼ିଶା ପାଇଁ ପକ୍ଷ ରଖିଛନ୍ତି ଏଜି ପୀତାମ୍ବର ଆଚାର୍ଯ୍ୟ। ଦୁଇ ରାଜ୍ୟ ମଧ୍ୟରେ ହୋଇଥିବା ବୈଷୟିକ କମିଟି ରିପୋର୍ଟ ଉପସ୍ଥାପନ କରିଛନ୍ତି। ଏହାସହିତ ଦୁଇ ରାଜ୍ୟ ମଧ୍ୟରେ ବିବାଦର ସମାଧାନ ପାଇଁ ସହମତି ନେଇ ଆଶା ପ୍ରକଟ ହୋଇଥିବା ସେ ଅବଗତ କରିଛନ୍ତି। ଆସନ୍ତା ଏପ୍ରିଲ ୧୩ରେ ଟ୍ରିବ୍ୟୁନାଲଙ୍କ କାର୍ଯ୍ୟକାଳ ସରୁଥିବାରୁ ଏହାକୁ ବୃଦ୍ଧି କରିବା ପାଇଁ ସୁପାରିସ୍ କରିଛନ୍ତି ଏଜି। ଜଳ ବିବାଦର ପରବର୍ତ୍ତୀ ଶୁଣାଣି ଏପ୍ରିଲ ୧୧ରେ କରିବାକୁ ଦିନ ଧାର୍ଯ୍ୟ କରାଯାଇଛି।

# ଆଇଏସଓ ଓ ପିଏଲସିର କାର୍ଯ୍ୟକାରିତା ଉପରେ ତାଲିମ




**ନବରଙ୍ଗପୁର :** ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷ ଠାରେ ଆଇଏସଓ ଓ ପିଏଲସିର କାର୍ଯ୍ୟକାରିତା ଉପରେ ତାଲିମ ଶିବିର ହୋଇଯାଇଛି। ଆନ୍ତର୍ଜାତୀୟ ମାନକ ସଂଗଠନର ପ୍ରମାଣପତ୍ର ପାଇବା ନିମନ୍ତେ ଆବଶ୍ୟକ ଥିବା ଭିତ୍ତି ଭୂମି, ନଥିପତ୍ର ପରିଚାଳନା, ଉନ୍ନତ ମାନର ସେବା ପ୍ରଦାନ ଉପରେ ଆଲୋଚନା କରାଗଲା ଓ ଆଇଏସ ଓ କରିବା ପାଇଁ ଆବଶ୍ୟକତା ଓ ଅସୁବିଧା ସମ୍ବନ୍ଧରେ ଓ ପଞ୍ଚାୟତ ଶିକ୍ଷଣ କେନ୍ଦ୍ର ଉପରେ ତାଲିମ ପ୍ରଦାନ କରାଯାଇଥିଲା। ଏଥିରେ ସରପଞ୍ଚ, ୱାର୍ଡ ସଭ୍ୟା ସଭ୍ୟ ଓ ପଞ୍ଚାୟତ ସ୍ତରୀୟ କର୍ମଚାରୀ ମାନଙ୍କୁ ତାଲିମ ଦିଆଯିବ ଓ ପଞ୍ଚାୟତ ଯାହା କାର୍ଯ୍ୟକ୍ରମ, କାଗଜପତ୍ର ପରିଚାଳନା ଉପରେ ତାଲିମ ଦିଆଯାଇଥିଲା। ଏଥିରେ ପ୍ରଶିକ୍ଷକ ଭାବେ ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ପଦ୍ମନାଭ ଭାଲ୍ଲା ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ଏ.ଡି. ପ୍ରସାଦ ପ୍ରମୁଖ ତାଲିମ ଦେଇଥିଲେ। ଏଥିରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଦିବ୍ୟଶଙ୍କର ପୂଜାରୀ, ନରେଶ ଜାଲ ଓ କାମିନୀ ହରିଜନ, ଏଡିଓ ୫ ଜଣ, ଅଙ୍ଗନୱାଡ଼ି କର୍ମୀ ୨୫ ଜଣ, ଆଶା କର୍ମୀ ୨୦ ଓ ସିଆରପି ୧୦ ଜଣ ଉପସ୍ଥିତ ରହି ତାଲିମ ନେଇଥିଲେ।

# ବିଶ୍ୱ ଜଳ ଦିବସର ସଚେତନତା

**ଉଦଳା :** ମୟୁରଭଞ୍ଜ ଜିଲ୍ଲା ଉଦଳା ବ୍ଲକ ଅନ୍ତର୍ଗତ ଦୁଷ୍ମା ଗ୍ରାମ ପଞ୍ଚାୟତ ଅଧିନସ୍ଥ ଆଦିବାସୀ ବହୁଳ ଅଙ୍ଗରପଡା ଠାରେ ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀ ଓ ରିଲାଇନ୍ସ ଫାଉଣ୍ଡେସନ ମିଳିତ ଆନୁକୂଲ୍ୟ ରେ ବିଶ୍ୱ ଜଳ ଦିବସ ସମ୍ପର୍କରେ ଏକ ସଚେତନତା କାର୍ଯ୍ୟ କ୍ରମ ଇତି ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଜଳ ହିଁ ଜୀବନ। ଏହାର ସଦୁପଯୋଗ ଆଜିର ଦିନରେ ବିଶେଷ ଆବଶ୍ୟତା ରହିଛି। ଶୁଦ୍ଧ ପାନୀୟ ଜଳ ସୁସ୍ଥ ଜୀବନର ଏକମାତ୍ର ଭାରସର ଆଶାବାଡି। ଜଳ ସଂରକ୍ଷଣ ଜଳ ପ୍ରଦୂଷଣ ନେଇ ଅନେକ ଆଲୋଚନା ପର୍ଯ୍ୟାଲୋଚନା ପରେ ବି ସଚେତନତା ଅଭାବରୁ ସ୍ୱଚ୍ଛ ପାନୀୟ ଜଳ ସମସ୍ୟା ଦିନକୁ ଦିନ ବଢ଼ି ଚାଲିଛି। ସମସ୍ୟା ସମାଧାନର ଗୋଟିଏ ଉପାୟ ହେଉଛି ଜନ ଜାଗରଣ। ତେବେ ସୁଖର କଥା ଏହି ବୈଠକ ପରେ ଉପସ୍ଥିତ ସମସ୍ତ ଗ୍ରାମ ବାସୀ ଜଳର ସଂରକ୍ଷଣ ଓ ସଦୁପଯୋଗ କରିବା ନେଇ ଶପଥ ନେଇଥିଲେ।

# ନିଶାମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମ




**ଉମରକୋଟ :** ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ସଦରମହକୁମାରେ ଥିବା ଭୈରବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ନିଶାମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମ ବ୍ଲକ ପ୍ରଶାସନ ଦ୍ୱାରା ଛାତ୍ରଛାତ୍ରୀ ମାନଙ୍କ ଗହଣରେ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସମ୍ପୃକ୍ତ ବିଦ୍ୟାଳୟର ଅଧ୍ୟକ୍ଷ ରମେଶ ଚନ୍ଦ୍ର ନାହାକଙ୍କ ଅଧ୍ୟକ୍ଷତାରେ ସମ୍ମାନୀତ ଅତିଥି ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ଯତୀନ ପାଣିଗ୍ରାହୀ, ଗୋଷ୍ଠୀ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଆଦିତ୍ୟ ନାରାୟଣ ରଥ, ବ୍ଲକ କର୍ମଚାରୀ ଅମୂଲ୍ୟ ଦଲେଇ, ସୁରେଶ ବାରିକ, ଅଧ୍ୟାପକ ଶିବ ପ୍ରସାଦ ସାହୁ, ବରିଷ୍ଠ କିରାଣୀ ଦୟାନିଧି ଟାକ୍ରୀ ପ୍ରମୁଖ ମଞ୍ଚ ରେ ଉପବେଶନ କରିଥିବା ବେଳେ ଅଧ୍ୟାପିକା ପ୍ରତିକ୍ଷା ପ୍ରିୟ ଦର୍ଶନୀ ସ୍ୱାଇଁ ବେଶ ସୁନ୍ଦର ଭାବେ ମଞ୍ଚ ପରିଚାଳନା କରିଥିଲେ। ଗୋଷ୍ଠୀ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶ୍ରୀ ରଥ, ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ପାଣିଗ୍ରାହୀ, ସମ୍ପୃକ୍ତ ବିଦ୍ୟାଳୟର ଅଧକ୍ଷ ଶ୍ରୀ ନାହାକ ବିସ୍ତୃତ ଭାବେ ନିଶାମୁକ୍ତ ଉପରେ ନିଜ ନିଜର ବକ୍ତବ୍ୟ ରଖି ନିଶା ଦ୍ୱାରା ଅପକାର ହୋଇ ଧନ ଜୀବନ ନଷ୍ଟ ହେବାରୁ ରକ୍ଷା ପାଇ ସୁନ୍ଦର ଜୀବନ ଯାପନ କରିବା ଉପରେ ଛାତ୍ରଛାତ୍ରୀ ମାନଙ୍କୁ ବ୍ୟାପକ ପରାମର୍ଶ ଦେଇଥିଲେ। ଅଧକ୍ଷ ଶ୍ରୀ ନାହାକ ନିଶାମୁକ୍ତ ଉପରେ ସ୍ୱରଚିତ ଏକ କବିତା ସୁଲଳିତ କଣ୍ଠରେ ଆବୃତ୍ତି କରି ସଚେତନତାର ବାର୍ତ୍ତା ଛାତ୍ରଛାତ୍ରୀ ମାନଙ୍କୁ ଦେଇଥିଲେ। ବିଶେଷ ଆକର୍ଷଣ ସମ୍ପୃକ୍ତ ବିଦ୍ୟାଳୟର ବାଣିଜ୍ୟ ବିଭାଗ ଦ୍ୱିତୀୟ ବର୍ଷର ଛାତ୍ର ପବିତ୍ର କଟିମ ବାଳିକା ବେଶରେ ବେଶ ସୁନ୍ଦର ଭାବେ ବକ୍ତବ୍ୟ ରଖିବା ସହ ଗୀତରେ ନିଜେ ନୃତ୍ୟ କରି ସମସ୍ତଙ୍କୁ ମୁଗ୍ଧ କରିଥିଲେ। ତାଙ୍କର ନୃତ୍ୟରେ ମୁଗ୍ଧ ହୋଇ ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ପାଣିଗ୍ରାହୀ ମହୋଦୟ ଏକ ହଜାର ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ। ପୁରସ୍କାର ପାଇ ସମସ୍ତଙ୍କ ଠାରୁ ଆଶୀର୍ବାଦ ନେଇଥିଲେ।









# ଦଉଡନା ବଡ଼ ଖରା..

ପ୍ରେମାନନ୍ଦ ପାଣିଗ୍ରାହୀ

"ହରିଣ ନଦୀଏ ଧରା ଦଉଡନା ବଡ଼ ଖରା" ଭକ୍ତକବି ମଧୁସୂଦନ ରାଓଙ୍କ ରଚିତ "ଛବିଳ ମଧୁବର୍ଣ୍ଣବୋଧ" ବହିର ଏହି ପଦଟି ମନେ ପଡିଲେ ଆମ ଆଖି ଆଗରେ ଝଲସି ଉଠେ ଖରାର ତାତି ସାଙ୍ଗକୁ ପ୍ରକୃତିର ରୁକ୍ଷ, ଉଗ୍ର ଓ ଭୟଙ୍କର ରୂପ । ଗ୍ରୀଷ୍ମଋତୁ ଆସିଲେ ଖେଳିଯାଏ ସବୁଠାରେ ଆତଙ୍କ। ଗତ ମାର୍ଚ୍ଚ ମାସରୁ ଆମ ରାଜ୍ୟରେ ପ୍ରବଳ ଗ୍ରୀଷ୍ମପ୍ରବାହ ଆରମ୍ଭ ହୋଇଯାଇଛି। ବେଳକୁ ବେଳ ଏହା ଭୟଙ୍କର ଅବସ୍ଥା ସୃଷ୍ଟି କରୁଛି। ଆଗରୁ କେବଳ ଓଡିଶାର ପଶ୍ଚିମାଞ୍ଚଳରେ ତାପମାତ୍ରା ସହିବାର ସୀମା ଅତିକ୍ରମ କରୁଥିଲା। ଏବେ କିନ୍ତୁ ଉପକୂଳବର୍ତ୍ତୀ ଜିଲ୍ଲାଗୁଡିକ ବି ଖରାର ତେଜରେ ଘାଣ୍ଟି ହେଉଛନ୍ତି। ରାଜ୍ୟର ପ୍ରାୟ ସବୁ ଅଞ୍ଚଳରେ ଆକାଶରୁ ନିଆଁ ବର୍ଷୁଛି । ଦିନରେ ପ୍ରବଳ ଖଇଫୁଟିଲା ଭଳି ରାସ୍ତାରୁ ତତଲା ବାମ୍ଫ ବାହାରୁଛି । ଖରା ଓ ତାତିର ଅସହ୍ୟ ଗୁଳୁଗୁଳି ସନ୍ତୁଳି ପକାଉଛି ଜନଜୀବନକୁ। ବାୟୁମଣ୍ଡଳରେ ଆଦ୍ରତା ମଧ୍ୟ ହ୍ରାସ ପାଉଛି। ଦକ୍ଷିଣ-ପଶ୍ଚିମ ଦିଗରୁ ପବନ ପ୍ରବାହିତ ହେଉଥିବାରୁ ରାଜ୍ୟବ୍ୟାପୀ ଅଗ୍ନି ବର୍ଷା ହେଉଛି । ସକାଳ ନଅଟାର ଖରାକୁ ଦେଖିଲେ ମଧ୍ୟାହ୍ନର ଭ୍ରମ ସୃଷ୍ଟି ହେଉଛି। ଏପରିକି ସଂନ୍ଧ୍ୟା ପରେ ଉତ୍ତାପ



କମୁଥିଲେ ମଧ୍ୟ ଝାଳରେ ଆକ୍ତାମାକ୍ତା ହୋଇପଡୁଛନ୍ତି ଲୋକେ।

ସାମୁଦ୍ରିକ ବାୟୁ ପ୍ରବାହ ଅନେକ ପରିମାଣରେ ତାପମାତ୍ରା ନିୟନ୍ତ୍ରଣ କରିଥାଏ। ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି ରହିଥିବା ଯୋଗୁଁ ସାମୁଦ୍ରିକ ବାୟୁ ପ୍ରବାହର ମାତ୍ରା ହ୍ରାସ ପାଇଛି ।




ଜଳବାୟୁରେ ଆଦ୍ରତା ବୃଦ୍ଧିପାଉଥିବାରୁ ଅସହ୍ୟ ଗୁଳୁଗୁଳି ହେଉଛି। ସମୁଦ୍ର ପତ୍ତନ ଠାରୁ ୧.୯ କି.ମି ଉର୍ଦ୍ଧ୍ୱରେ ବାୟୁର ଗତି ଅଧିକ ଥିଲେ ହେଁ ନିମ୍ନଭାଗରେ ତାହା ଶିଥିଳ ହେଉଛି। ଗ୍ରୀଷ୍ମର ପ୍ରଚଣ୍ଡ ରୌଦ୍ର ତାପରେ ମଣିଷଠୁ ଆରମ୍ଭ କରି ପଶୁପକ୍ଷୀ ସମସ୍ତେ ଡହଳ ବିକଳ ହେଉଛନ୍ତି। ସୂର୍ଯ୍ୟଙ୍କର ପ୍ରଚଣ୍ଡ ରଶ୍ମି ମନୁଷ୍ୟକୁ ଅସୁସ୍ଥ କରିଦେବା ସହ ଶରୀର ଉପରେ ଏହାର କୁପ୍ରଭାବ ପଡୁଛି। ଗୋଟିଏ ସ୍ଥାନର ଗତ ୩୦ ବର୍ଷର ତାପମାତ୍ରାର ହାରାହାରିକୁ ସାଧାରଣ ତାପମାତ୍ରା କୁହାଯାଏ। ଗୋଟିଏ ସ୍ଥାନର ସାଧାରଣ ତାପମାତ୍ରା ଠାରୁ ତାପମାତ୍ରା ୪ରୁ ୫ ଡିଗ୍ରୀ ସେଲ୍‌ସିୟସ୍ ଯଦି ବୃଦ୍ଧି ପାଏ ତାକୁ ସାଧାରଣ ଗ୍ରୀଷ୍ମ ପ୍ରବାହର ଆଖ୍ୟା ଦିଆଯାଇଥାଏ। ଯଦି ଏହା ୭ରୁ ୮ଡିଗ୍ରୀ ସେଲ୍‌ସିୟସ୍ ବୃଦ୍ଧିପାଏ ତେବେ ଏ କ୍ଷେତ୍ରରେ ଗ୍ରୀଷ୍ମପ୍ରବାହକୁ ଅତ୍ୟଧିକ ବୋଲି କୁହାଯାଏ । ଜାତୀୟ ପାଣିପାଗ ସଂସ୍ଥାର ମତ ଅନୁସାରେ ସାଧାରଣତଃ ୨୭ରୁ ୩୨ ଡିଗ୍ରୀ ସେଲସିୟସ୍ ବା ୮୦ ରୁ ୯୦ ଡିଗ୍ରୀ ଫାରେନ୍‌ହାଇଟ୍ ତାପମାତ୍ରାକୁ ସ୍ୱାଭାବିକ ଏବଂ ୩୨ରୁ ୪୧ ଡିଗ୍ରୀ ସେଲ୍‌ସିୟସ୍ ତାପମାତ୍ରାକୁ ଅସ୍ୱାଭାବିକ ଧରାଯାଇଥାଏ । ୪୧ ଡିଗ୍ରୀ ସେଲ୍‌ସିୟସ୍ ଠାରୁ ଅଧିକ ଉତ୍ତାପ ମଣିଷ ସହ୍ୟ କରିପାରେ ନାହିଁ । ଶରୀରର ଉତ୍ତାପ ୪୧ ଡିଗ୍ରୀ ସେଲ୍‌ସିୟସ୍ ବା ୧୦୬ ଡିଗ୍ରୀ ଫାରେନ୍‌ହାଇଟ୍‌ରେ ପହଞ୍ଚିଲେ ଶରୀରରେ ଜଳୀୟ ଅଂଶ ଦ୍ରୁତ ଭାବରେ ହ୍ରାସପାଇଥାଏ। ଫଳରେ ଶରୀରର ବିଭିନ୍ନ ପ୍ରକ୍ରିୟାରେ ପରିବର୍ତ୍ତନ ଆସିବା ସହ ଲୋମଗ୍ରନ୍ଥି ଗୁଡିକ ଶୁଖିଯାଏ। ଶରୀର ଅବଶ ହୋଇପଡେ ଏବଂ କାର୍ଯ୍ୟଦକ୍ଷତା ହ୍ରାସ ପାଇଥାଏ । ମନୁଷ୍ୟ ଅଂଶୁଘାତର ଶୀକାର ହୁଏ। ଏଥିରୁ ରକ୍ଷାପାଇବା ପାଇଁ ଆମେ ଥଣ୍ଡା ପାନୀୟ ଓ ଫଳ ଉପରେ ନିର୍ଭର କରିଥାଉ ।

ଅଂଶୁ ଅର୍ଥାତ୍ ସୂର୍ଯ୍ୟ କିରଣ ଦ୍ୱାରା ଆଘାତ ପ୍ରାପ୍ତ ହୋଇ ମୂର୍ଚ୍ଛା ବା ପ୍ରାଣ ହରାଇବା ପର୍ଯ୍ୟନ୍ତ ଅବସ୍ଥାକୁ ଅଂଶୁଘାତ କୁହନ୍ତି । ଗତ କେଇ ଦଶନ୍ଧିରୁ ଓଡିଶାର ତାପମାତ୍ରା ବୃଦ୍ଧିର ପ୍ରଭାବ ଅନୁଭୂତ ହୋଇଆସୁଥିଲେ ମଧ୍ୟ ୧୯୯୮ ମସିହାରେ ଏହା ଭୟଙ୍କର ରୂପ ଧାରଣ କରିଥିଲା। ସଚେତନତା ଅଭାବରୁ ଅଂଶୁଘାତ ଜନିତ ମୃତ୍ୟୁ ସଂଖ୍ୟା ରାଜ୍ୟରେ ୨୦୪୦ ହୋଇଥିଲା । ସେତେବେଳେ ଅଂଶୁଘାତକୁ ନେଇ ରାଜ୍ୟରେ ଏକ ପ୍ରକା କୋକୁଆ ଭୟ ସୃଷ୍ଟି ହୋଇଯାଇଥିଲା । ଏଥିରୁ ତ୍ରାହି ପାଇବାପାଇଁ ତା ପର ବର୍ଷ ସରକାରଙ୍କ ପକ୍ଷରୁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଅଂଶୁଘାତ ପୂର୍ବ ପ୍ରସ୍ତୁତି ଯୋଗୁଁ ଯଦିଓ ଅଂଶୁଘାତ ମୃତ୍ୟୁକୁ ବହୁମାତ୍ରାରେ ରୋକାଯାଇଛି ତଥାପି ଅଂଶୁଘାତ ପୀଡିତ ଲୋକଙ୍କ ଚିକିତ୍ସାରେ ଅବ୍ୟବସ୍ଥା ନେଇ ସବୁବେଳେ ଅଭିଯୋଗ ହୋଇଆସୁଛି।



ଉତ୍ତାପ ବୃଦ୍ଧିଯୋଗୁଁ ବିଭିନ୍ନ ଜଳାଶୟରେ ଖରାଦିନେ ଜଳର ଘୋର ଅଭାବ ସୃଷ୍ଟି ହୁଏ । ମୁନ୍ଦାଏ ପାଣି ପାଇଁ ଲୋକେ ଅନେକ ବାଟ ଅତିକ୍ରମ କରନ୍ତି। କେଉଁଠି ନଦୀବାଲି ତାଡି, କେଉଁଠି ଚୁଆ ଖୋଳି ଆଉ କେଉଁଠି ପାହାଡ ଝରଣାରୁ ଜଳ ସଂଗ୍ରହ କରି ଏହାକୁ ପାନୀୟ ଜଳ ଭାବେ ଲୋକେ ବ୍ୟବହାର କରିଥାନ୍ତି । ଜଙ୍ଗଲରେ ଥିବା ପଶୁପକ୍ଷୀ ଓ ତରୁଲତା ଜଳର ଅଭାବ ଯୋଗୁଁ ଡହଳ ବିକଳ ହୁଅନ୍ତି। ଦିନ ଦିନ ଧରି ଏପରି ଅଥୟ ଖରାପରେ ଖରାର ଉତ୍ତାପ ହଜିଯାଇ ମଝିରେ ମଝିରେ ଆକାଶରେ ଘୋଟି ଆସେ କଳାମେଘ। ଗ୍ରୀଷ୍ମଋତୁର ସୃଷ୍ଟ ଏକ ବିଶେଷ ପ୍ରକ୍ରିୟା ଯୋଗୁଁ କାଳବୈଶାଖୀ





ବର୍ଷା ଓ ଝଡତୋଫାନ ଗ୍ରାସ କରେ ସାରାଜଗତକୁ । ଖରାଦିନର ଏହି ଅସରାଏ ବର୍ଷା ଖାଲି ମାଟିକୁ ସୁବାଷିତ କରେ ନି ମନକୁ ବି ସୁବାଷିତ କରି ଭିଜେଇ ଦିଏ। ଭାରି ଭଲଲାଗେ ଖରାଦିନର ଏହି ଅସରାଏ ଅସରାଏ ବର୍ଷା । ଜଳଦାନ କରି ପୂଣ୍ୟ ଅର୍ଜନ କରିବା ପାଇଁ କେହି କେହି ପଥିକମାନଙ୍କ ପାଇଁ ଜଳଛତ୍ରର ବ୍ୟବସ୍ଥା କରିଥାନ୍ତି। ଘିମିରି, ବଥ ଆଦି ଚର୍ମ ରୋଗରୁ ରକ୍ଷା ପାଇବା ପାଇଁ କେତେକ ଚନ୍ଦନ ଦେହରେ ଲେପନ କରିଥାନ୍ତି । ଖରାଦିନେ ପଖାଳ ଖାଇବା ଭାରି ଉପକାର ହୋଇଥାଏ। ଦହି ପଖାଳ ମନରେ ଶୀତଳତା ଭରିଦିଏ । ପଖାଳ ଅଂଶୁଘାତ ସମସ୍ୟା ମଧ୍ୟ ପ୍ରତିହତ କରିଥାଏ। ଖରା ବଢିବା ଆଗରୁ ସ୍କୁଲ୍, କଲେଜ ପରୀକ୍ଷା ସରିଯାଇଥାଏ ଓ ଏପ୍ରିଲ ଶେଷ ବେଳକୁ ଗ୍ରୀଷ୍ମବକାଶ ହୋଇଯାଏ। ସ୍କୁଲ୍ କଲେଜ ଛୁଟିଥିବାରୁ ପିଲାମାନଙ୍କର ପାଠ ପଢାର ଆକଟବି ନଥାଏ । ତେଣୁ ମନଭରି ଖରାଛୁଟିକୁ ଉପଭୋଗ କରିବାର ଇଏ ଯେମିତି ଏକ ପ୍ରକୃଷ୍ଟ ସମୟ। କେବଳ ପିଲା କାହିଁକି ବଡମାନେ ବି ଏ ଋତୁକୁ ବେଶ୍ ଉପଭୋଗ କରିଥାନ୍ତି । ଖରାଦିନ ଆସିଲେ କିଏ କେତେ ଯୋଜନା କରିଥାନ୍ତି । କେତେକ ଖରାଛୁଟିରେ ଘରେ ବିଶ୍ରାମ କରିବାର ଯୋଜନା କରିଥିବା ବେଳେ କେତେକ ବନ୍ଧୁ ବାନ୍ଧବ ଘର ପରିଭ୍ରମଣ ଓ ଆଉ କେତେକ ଲୋକ ଥଣ୍ଡା ସ୍ଥାନ ମାନଙ୍କରେ ଛୁଟି କଟାନ୍ତି । ପ୍ରକୃତି ବି ଗ୍ରୀଷ୍ମ ଋତୁକୁ ସ୍ୱାଗତ ଜଣାଇବା ପାଇଁ ନାନା ଭାବରେ ସଜାଇ ହୋଇଥାଏ। ଏ ଋତୁରେ ଚମ୍ପା, ମଲ୍ଲୀ, ବଣମଲ୍ଲୀ, ମାଳତୀ, ରାଧାଚୂଡା, କୃଷ୍ଣଚୂଡା, ରଜନୀଗନ୍ଧା, ସୁଗନ୍ଧରାଜ, ଯୁଇ, ଜାଇ ଆଦି ଫୁଲର ମହକ ସାଙ୍ଗକୁ ଆମ୍ବ, ପଣସ, ସପୁରୀ, ଲିଚୁ, ଜାମୁ, କେନ୍ଦୁ, ତାଳସଜ, ତରଭୁଜ ଆଦି ଫଳର ଆଦର କାହିଁରେ କ'ଣ ।

*ଭୁଷଳ, ଭୁବନ, ଢେଙ୍କାନାଳ*
*ମୋ-୯୪୩୭୭୨୯୩୮୪*



**ପଶ୍ଚିମ ଏସିଆ ପରିସ୍ଥିତି ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଚ୍ଚସ୍ତରୀୟ ବୈଠକ**

## ରାଜ୍ୟରେ ଅତ୍ୟାବଶ୍ୟକ ସାମଗ୍ରୀ ଉପଲବ୍ଧ



**ଭୁବନେଶ୍ୱର :** ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଏକ ଉଚ୍ଚସ୍ତରୀୟ ବୈଠକରେ ପଶ୍ଚିମ ଏସିଆରେ ଯୁଦ୍ଧ ପାଇଁ ଦେଶ ତଥା ରାଜ୍ୟରେ ସୃଷ୍ଟି ହୋଇଥିବା ବିଭିନ୍ନ ଦ୍ରବ୍ୟର କୃତ୍ରିମ ଅଭାବଜନିତ ସମସ୍ୟାର ମୁକାବିଲା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ସମୀକ୍ଷା କରିଛନ୍ତି। ସମୀକ୍ଷାରୁ ଜଣାଯାଇଛି ଯେ, ରାଜ୍ୟରେ ଆବଶ୍ୟକତା ଅନୁଯାୟୀ ପେଟ୍ରୋଲିୟମ, ଗ୍ୟାସ ଓ ଅନ୍ୟାନ୍ୟ ସାମଗ୍ରୀ ମହଜୁଦ ଅଛି। ରନ୍ଧନ ଗ୍ୟାସର କୃତ୍ରିମ ଅଭାବ ସୃଷ୍ଟି କରି ଯେପରି ଅତ୍ୟାବଶ୍ୟକ ଦ୍ରବ୍ୟ ଗୁଡ଼ିକର କଳାବଜାରୀ ନହୁଏ, ସେଥିପ୍ରତି ସଜାଗ ରହିବା ସହିତ ରାଜ୍ୟବ୍ୟାପୀ ଚଢ଼ାଉ କରି ଅସାଧୁ ବ୍ୟବସାୟୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ରବିଋତୁ ଚାଷ ପାଇଁ ଯଥେଷ୍ଟ ସାର ମହଜୁଦ ରଖିବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ଏ ସମସ୍ୟା ବିଷୟରେ ରାଜ୍ୟବାସୀ ଯେପରି ଆଶଙ୍କିତ ନ ହୁଅନ୍ତି, ସେଥିପ୍ରତି ସରକାରୀସ୍ତରରେ ବ୍ୟାପକ ଜନ ସଚେତନତା ସୃଷ୍ଟି କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ସୂଚନାଯୋଗ୍ୟ ଯେ, ପେଟ୍ରୋଲ ଓ ପେଟ୍ରୋଲିୟମ ସାମଗ୍ରୀ ତଥା ଏଲ୍.ଏନ୍.ଜି ପାଇଁ ଭାରତ ବିଭିନ୍ନ ଗଲ୍‌ଫ ଦେଶମାନଙ୍କ ଉପରେ ନିର୍ଭର କରିଥାଏ। ପଶ୍ଚିମ ଏସିଆରେ ଯୁଦ୍ଧ ପରିସ୍ଥିତି ପାଇଁ ଉଭୟ ପେଟ୍ରୋଲ ଓ ଏଲ୍.ପି.ଜି ଉପରେ ଏହାର ପ୍ରଭାବ ପଡ଼ିବାର ଆଶଙ୍କା ସୃଷ୍ଟି ହୋଇଛି। ରାଜ୍ୟରେ ଏ ସବୁ ସାମଗ୍ରୀର ଉପଲବ୍‌ଧତା ଓ ବଣ୍ଟନ ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ଆଜି ମୁଖ୍ୟମନ୍ତ୍ରୀ ଏହି ବୈଠକ ଡାକିଥିଲେ। ମୁଖ୍ୟ ଶାସନ ସଚିବ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ସମସ୍ୟାର ମୁକାବିଲା ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସବିସ୍ତୃତ ବିବରଣୀ ରଖିଥିଲେ। ବୈଠକରେ ପେଟ୍ରୋଲ, ରନ୍ଧନ ଗ୍ୟାସ ଓ ସାର ଯୋଗାଣ ଯେପରି ଅବ୍ୟାହତ ରହିବ, ସେ ସମ୍ପର୍କରେ ବିସ୍ତୃତ ଭାବରେ ଆଲୋଚନା ହୋଇଥିଲା। ଏହି ବୈଠକରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର ଡି.କେ. ସିଂହ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ, ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଲ କୁମାର ଦେବ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ, କୃଷି ଓ କୃଷକ ସଶକ୍ତିକରଣ ବିଭାଗର କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ ପ୍ରମୁଖ ଉପସ୍ଥିତ ଥିଲେ।

# ଜମି ପଞ୍ଜିକରଣ–ସରକାର–ଜନସାଧାରଣ



**ମାନସ ରଞ୍ଜନ ଦାସ**

ଜମି ପଞ୍ଜିକରଣ ନିମନ୍ତେ ସାରା ଭାରତ ବର୍ଷରେ ଇଣ୍ଡିଆନ୍ ରେଜିଷ୍ଟ୍ରେସନ ଆକ୍ଟ, ଷ୍ଟାମ୍ପ ଆକ୍ଟ ଦ୍ୱାରା ସରକାରଙ୍କ ରାଜସ୍ୱ ଆଦାୟ ଉଦ୍ଦେଶ୍ୟରେ ଏକ ବିଧି ବ୍ୟବସ୍ଥା ବ୍ରିଟିଶ୍ ଅମଳରୁ ପ୍ରଚଳନ କରାଯାଇଥିଲା ଯାହାକି ସାରା ଭାରତ ବର୍ଷରେ ରେଜିଷ୍ଟ୍ରେସନ ବିଭାଗକୁ କାଡର୍ ଭିତିକ କରାଯାଇ ସରକାରୀ କର୍ମଚାରୀ ମାନଙ୍କୁ ଏକ ସ୍ୱତନ୍ତ୍ର କାଡର୍ ଭିତିକ କର୍ମଚାରୀ ଭାବେ ଗଣ୍ୟ କରାଯାଉଥିଲା। ଏହା ସାରା ଭାରତ ବର୍ଷରେ ପ୍ରଚଳନ କରାଯାଇଥିବା ବେଳେ ଓଡିଶା ଏହାର ବ୍ୟତିକ୍ରମ। ଯାହା ଫଳରେ କି ଓଡିଶାର ବିଭିନ୍ନ ସବ୍‌ରେଜେଷ୍ଟ୍ରାର ଅଫିସରେ ବିଭିନ୍ନ ପ୍ରକାର ଆଇନ ଦ୍ୱାରା ଜନସାଧାରଣ ବିଭିନ୍ନ ସମସ୍ୟା ର ସମ୍ମୁଖିନ ହେଉଅଛନ୍ତି। ଏ ବିଷୟରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପରିପେକ୍ଷରେ ଜମିଜମା ପଞ୍ଜିକରଣ ନିମନ୍ତେ ତଳେ ଦର୍ଶାଯାଇଥିବା ଆଇନକୁ ସରକାର ଅନୁଧ୍ୟାନ କରି ରେଜିଷ୍ଟ୍ରାସନ ବିଭାଗରେ ଶୃଷ୍ଟି ହେଉଥିବା ଅଚଳ ବ୍ୟବସ୍ଥାକୁ ସରକାର ଧ୍ୟାନ ଦେବା ନିମନ୍ତେ ଦୃଷ୍ଟିଗୋଚର କରୁଅଛି।

ଦଲିଲ ପଞ୍ଜିକରଣ ବିଶେଷ କରି ଜମି କ୍ରୟ ବିକ୍ରୟ ପାଇଁ ନିବନ୍ଧନ କାର୍ଯ୍ୟାଳୟକୁ ଆସୁଥିବା ଜନସାଧାରଣ ପଞ୍ଜିକରଣ ନିୟମର ସଂଶୋଧନ ପାଇଁ ସର୍ବୋଚ୍ଚ ଅଦାଲତଙ୍କର ଆଦେଶ ସତ୍ତ୍ୱେ ନାନା ଅସୁବିଧାର ସମ୍ମୁଖିନ ହେଉଛନ୍ତି।

ପ୍ରଚଳିତ ପଞ୍ଜିକରଣ ଆଇନ ଅନୁଯାୟୀ ଦଲିଲ ପଞ୍ଜିକରଣ ସମୟରେ ନିବନ୍ଧନ ଅଧିକାରୀମାନେ ଜମିର ସ୍ଥିରିକୃତ ବଜାର ଦର ମୂଲ୍ୟ, ଏହାର ଷ୍ଟାମ୍ପ ଓ ଫିସ୍ ଦେୟ ନିର୍ଦ୍ଧାରଣ କରିବା ସହ କ୍ରେତା, ବିକ୍ରେତା ବା ଆବଶ୍ୟକୀୟ ସବୁ ପକ୍ଷମାନେ ତାଙ୍କ ସମ୍ମୁଖରେ ଉପସ୍ଥିତ ରହି ଦାଖଲ କରାଯାଇଥିବା ଦଲିଲଟିକୁ ସ୍ୱୀକାର କରି ସମ୍ମତି ଜଣାଇବେ। ମାତ୍ର ବିକ୍ରି କରାଯାଉଥିବା ଜମିର ମାଲିକାନା ସତ୍ତ୍ୱ, ଦଖଲ ଇତ୍ୟାଦି ବିକ୍ରେତାଙ୍କ ନାମରେ ଅଛିକି ନାହିଁ, ପୁଣି ସେ ଜମିର ପଟ୍ଟା ତାଙ୍କ ନାମରେ ଅଛିକି ନାହିଁ, ଦେୟମୁକ୍ତ (ଇ.ସି) ପ୍ରମାଣ ପତ୍ରରେ ତାଙ୍କର ମାଲିକାନା ଅଛିକି ନାହିଁ ଏସବୁ ତଦନ୍ତ କରିବାର ଅଧିକାର ନିବନ୍ଧନ ଅଧିକାରୀଙ୍କ କ୍ଷମତା ପରିସର ଭୁକ୍ତ ନୁହେଁ। ପୁଣି ଏସବୁ ନଥିଲେ ଦଲିଲ ପଞ୍ଜିକରଣକୁ ଅଗ୍ରାହ୍ୟ କରିବାର କ୍ଷମତା ଅଧିକାରୀ ମାନଙ୍କ ପାଖରେ ନାହିଁ। ଏଥି ମଧ୍ୟରେ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟର ଖଣ୍ଡପୀଠଙ୍କର ୨୦୨୫ ମସିହାରେ ପ୍ରଦତ୍ତ ଆଦେଶ ସଂଖ୍ୟା ୩୧୯୫୪/୨୦୨୫ ଅନୁଯାୟୀ ଜମିର ମାଲିକାନା ସତ୍ତ୍ୱ, ଦଖଲ ଇତ୍ୟାଦି ବିକ୍ରେତା ପାଖରେ ଅଛିକି ନାହିଁ, ଏକଥା ବିଚାର କରିବାର କ୍ଷମତା ନିବନ୍ଧନ ଅଧିକାରୀମାନଙ୍କ ପାଖରେ ନାହିଁ। ଏଣୁ ପଞ୍ଜିକରଣର ଅନ୍ୟାନ୍ୟ ସର୍ତ୍ତ ପାଳନ କରୁଥିଲେ ଓ ଆବଶ୍ୟକୀୟ ଷ୍ଟାମ୍ପ, ଫିସ୍ ଦେୟ ପଇଠ କରୁଥିଲେ ନିବନ୍ଧନ ଅଧିକାରୀମାନେ ଦଲିଲ ପଞ୍ଜିକରଣ କରିବାକୁ ନିୟମ ଅନୁଯାୟୀ ବାଧ୍ୟ। କାରଣ ଜମିମାଲିକାନା, ପଟ୍ଟା ବା ଦେୟମୁକ୍ତ ପ୍ରମାଣପତ୍ର ଦାଖଲ କରିବା ପଞ୍ଜିକରଣ ନିୟମ ଅନ୍ତର୍ଭୁକ୍ତ ନୁହେଁ।

ସର୍ବୋଚ୍ଚ ନ୍ୟାୟାଳୟଙ୍କର ଏହି ଆଦେଶକୁ ଉଲଂଘନ କରି ନିବନ୍ଧନ ଅଧିକାରୀମାନେ ନିଜ ନାମରେ ପଟ୍ଟା, ଓ ଦେୟମୁକ୍ତ ପ୍ରମାଣପତ୍ର ନଥିଲେ ଦଲିଲ ପଞ୍ଜିକରଣକୁ ଅଗ୍ରାହ୍ୟ କରୁଛନ୍ତି। ଫଳରେ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୁନଶ୍ଚ ପଞ୍ଜିକରଣ ନହେବା ଫଳରେ ସରକାରଙ୍କର ବହୁତ ରାଜସ୍ୱ ହାନୀ ହେଉଛି। ରାଜସ୍ୱ ବିଭାଗ ସର୍ବୋଚ୍ଚ ନ୍ୟାୟାଳୟଙ୍କର ଆଦେଶ ଓ ପ୍ରଚଳିତ ପଞ୍ଜିକରଣ ଆଇନକୁ ଭିତ୍ତିକରି ନିବନ୍ଧନ ଅଧିକାରୀ ମାନଙ୍କୁ ତୁରନ୍ତ ଆବଶ୍ୟକୀୟ ନିର୍ଦ୍ଦେଶ ଦେବା ପାଇଁ ଦାବୀ ହେଉଛି।

***ଅବସରପ୍ରାପ୍ତ ଉପନିବନ୍ଧକ, ସି.ଡି.ଏ. କଟକ ଓ ପୂର୍ବତନ ସାଧାରଣ ସମ୍ପାଦକ ରେଜିଷ୍ଟ୍ରେସନ ବିଭାଗ, କଟକ***

## ୮ରୁ ରତ୍ନଭଣ୍ଡାର ଗଣତିମଣତି



**ପୁରୀ :** ଶ୍ରୀମନ୍ଦିର ରତ୍ନ ଭଣ୍ଡାର ଦ୍ୱିତୀୟ ପର୍ଯ୍ୟାୟ ଗଣତି ମଣତି ପାଇଁ ଧାର୍ଯ୍ୟ ହେଲା ତାରିଖ। ଆସନ୍ତା ଏପ୍ରିଲ ୮, ୯ ଏବଂ ୧୦ ତାରିଖରେ ବାହାର ରତ୍ନଭଣ୍ଡାରର ଦ୍ୱିତୀୟ ପର୍ଯ୍ୟାୟ ଗଣତିମଣତି ହେବ। ଏହି ସୂଚନା ଦେଇଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ଏହି ସମୟରେ ଯେପରି ମହାପ୍ରଭୁଙ୍କ ଦର୍ଶନ କିମ୍ବା ଠାକୁରଙ୍କ ନୀତିକାନ୍ତି ବାଧାପ୍ରାପ୍ତ ନହେବ ତାହା ଉପରେ ବି ଆଲୋଚନା ସରିଛି। ଏନେଇ ସମସ୍ତ ପ୍ରକାର ପ୍ରସ୍ତୁତି ଚାଲିଛି। ତାପରେ ଭିତର ରତ୍ନ ଭଣ୍ଡାର ଗଣତି ମଣତି ହେବ। ଆଶା କରାଯାଉଛି ସବୁ କାମ ଠିକଣା ସମୟରେ ସରିବ। ସେହିପରି ରଥଯାତ୍ରା ପାଇଁ ୬ ମାସ ଆଗରୁ ବୈଠକ ଚାଲିଛି। ଏହାରି ଭିତରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ବାରମ୍ବାର ବୈଠକ ବସିଛି। ରଥଦାଣ୍ଡକୁ ଯେପରି ଅଧିକ ଗାଡ଼ି ପ୍ରବେଶ ନକରିବା ତା ଉପରେ ଗୁରୁତ୍ୱ ଦିଆଯାଉଛି। ରଥଦାଣ୍ଡକୁ ସଂଲଗ୍ନ ରାସ୍ତା ଗୁଡ଼ିକର ପ୍ରଶସ୍ତୀକରଣ ଉପରେ ଗୁରୁତ୍ୱ ଦିଆଯାଉଛି ବୋଲି କହିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ।

**ଏନ୍‌ଏଚ୍‌ଆରସି ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକଙ୍କ ଏମ୍ସ ଭୁବନେଶ୍ୱର ପରିଦର୍ଶନ**

## ମାନବାଧିକାର ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବାରେ ସମାନତା ସମ୍ପର୍କିତ ପଦକ୍ଷେପକୁ ପ୍ରଶଂସା

**ଭୁବନେଶ୍ୱର,(ପିଆଇବି):** ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆରସି)ର ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ (ମାନବାଧିକାର ଶିକ୍ଷା ଏବଂ ଲିଙ୍ଗ ସମାନତା) ପ୍ରଫେସର କନ୍ହେୟା ତ୍ରିପାଠୀ ଗତକାଲି ଏମ୍ସ ଭୁବନେଶ୍ୱର ପରିଦର୍ଶନ କରିଥିଲେ। ଏହି ଅବସରରେ ଶ୍ରୀ ତ୍ରିପାଠୀ ମାନବାଧିକାର ଶିକ୍ଷା, ରୋଗୀସେବାରେ ସମାନତା ଏବଂ ଲିଙ୍ଗ-ସମ୍ବେଦନଶୀଳ ସ୍ୱାସ୍ଥ୍ୟସେବା ଅଭ୍ୟାସ କ୍ଷେତ୍ରରେ ଏମ୍ସ ଭୁବନେଶ୍ୱର ପକ୍ଷରୁ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପର ସମୀକ୍ଷା କରିଥିଲେ। ଏଥିସହିତ ଏମ୍ସ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର (ଡ.) ଆଶୁତୋଷ ବିଶ୍ୱାସଙ୍କ ସମେତ ବରିଷ୍ଠ ଅଧ୍ୟାପକ, ପ୍ରାଶାସନିକ ଅଧିକାରୀ ଏବଂ ବିଭାଗୀୟ ପ୍ରତିନିଧିଙ୍କ ସହିତ ବିସ୍ତୃତ ଆଲୋଚନା ମଧ୍ୟ କରିଥିଲେ। ସମସ୍ତଙ୍କୁ ଗୁଣବତ୍ତାପୂର୍ଣ୍ଣ ସ୍ୱାସ୍ଥ୍ୟସେବା ପ୍ରଦାନ, ନିୟମିତ ଚିକିତ୍ସା ଅଭ୍ୟାସରେ ମାନବାଧିକାର ନୀତିଗୁଡ଼ିକର ଉତ୍ତମ ଅନୁପାଳନ ନିମନ୍ତେ ଏମ୍ସ ଭୁବନେଶ୍ୱରକୁ



ପ୍ରଶଂସା କରିଥିଲେ ଏନ୍‌ଏଚ୍‌ଆରସି ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ। ସ୍ୱାସ୍ଥ୍ୟସେବା ପାଇଁ ସମାନ ପ୍ରବେଶ, ସୂଚିତ ସମ୍ମତି, ରୋଗୀ ସମ୍ମାନ ଏବଂ ଅଣ-ପାକ୍ଷିକତା ଭଳି ପ୍ରମୁଖ ଦିଗଗୁଡ଼ିକୁ ଏକ ଅଧିକାର-ଭିତ୍ତିକ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାର ଅତ୍ୟାବଶ୍ୟକ ଉପାଦାନ ଭାବରେ ଆଲୋକପାତ କରିଥିଲେ ଶ୍ରୀ ତ୍ରିପାଠୀ। ଏହି ଅବସରରେ ଏମ୍ସ ଭୁବନେଶ୍ୱରରେ ଏକ ଉତ୍ସର୍ଗୀକୃତ ମାନବାଧିକାର ପ୍ରକୋଷ୍ଠ ସ୍ଥାପନ ନେଇ ପ୍ରସ୍ତାବ ଦିଆଯାଇଥିଲା। ଏହି ପ୍ରକୋଷ୍ଠ ରୋଗୀଙ୍କ ଅଭିଯୋଗକୁ ପ୍ରଭାବଶାଳୀ ଢଙ୍ଗରେ ସମାଧାନ କରିବା, ସଚେତନତା ଏବଂ ସମ୍ବେଦନଶୀଳତା କାର୍ଯ୍ୟକ୍ରମ ପରିଚାଳନା କରିବା, ସ୍ୱାସ୍ଥ୍ୟସେବା ବୃତ୍ତିଗତଙ୍କ ପାଇଁ ତାଲିମ ଅଧିବେଶନ ଆୟୋଜନ କରିବା, ଏନ୍‌ଏଚ୍‌ଆରସି ନିର୍ଦ୍ଦେଶାବଳୀର ପାଳନ ସୁନିଶ୍ଚିତ କରିବା ପାଇଁ ଏକ ବ୍ୟବସ୍ଥା ଭାବରେ କାର୍ଯ୍ୟ କରିବ। ରୋଗୀ ସେବା ପ୍ରଦାନରେ ସର୍ବୋଚ୍ଚ ମାନଦଣ୍ଡ ବଜାୟ ରଖିବା ସହିତ ଏପରି ମାନବାଧିକାର ପ୍ରକୋଷ୍ଠ ସ୍ଥାପନ ନେଇ ସମର୍ଥନ ପ୍ରକାଶ କରିଥିଲେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ବିଶ୍ୱାସ। ଏନ୍‌ଏଚ୍‌ଆରସିର ନିର୍ଦ୍ଦେଶାବଳୀ ସହିତ ସମନ୍ୱୟ ରଖି, ପ୍ରଚଳିତ ବ୍ୟବସ୍ଥାକୁ ଦୃଢ଼ କରିବାର ପୂର୍ଣ୍ଣ ସହଯୋଗର ପ୍ରତିଶ୍ରୁତି ଦେଇଥିଲେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ବିଶ୍ୱାସ। ଏହି ବୈଠକରେ ଡିନ୍ ଡ. ପି. ଆର. ମହାପାତ୍ର, ଡିଡିଏ ଲେଫ୍ଟନାଣ୍ଟ କର୍ଣ୍ଣେଲ ଅଭିଜିତ ସରକାର, କୁଳସଚିବ ଡ. ସୁଦୀପ୍ତ ରଞ୍ଜନ ସିଂହଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

**ସୁଭଦ୍ରା ଯୋଜନା**


## ନୂତନ ଆବେଦନ ପାଇଁ ରାଜ୍ୟ ସରକାରଙ୍କ ବଡ଼ ନିଷ୍ପତ୍ତି

**ଭୁବନେଶ୍ୱର :** ରାଜ୍ୟର ମହିଳାମାନଙ୍କ ଆର୍ଥିକ ସଶକ୍ତିକରଣ ତଥା ସ୍ୱାବଲମ୍ବନ ପାଇଁ ରାଜ୍ୟ ସରକାରଙ୍କ ଅଭିନବ ପ୍ରୟାସ 'ସୁଭଦ୍ରା ଯୋଜନା' ଅଧୀନରେ ଅଧିକ ସଂଖ୍ୟକ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି। ସରକାରଙ୍କ ଅନୁମୋଦନ କ୍ରମେ, ଆସନ୍ତା ୦୧ ଏପ୍ରିଲ ୨୦୨୬ ରୁ ୩୦ ଏପ୍ରିଲ ୨୦୨୬ ପର୍ଯ୍ୟନ୍ତ ଏକ ମାସ ପାଇଁ 'ସୁଭଦ୍ରା ପୋର୍ଟାଲ' ମାଧ୍ୟମରେ ନୂତନ ଆବେଦନ ଗ୍ରହଣ କରାଯିବ। ଆବେଦନ ଅବଧି ୦୧ ଏପ୍ରିଲ ୨୦୨୬ ରୁ ୩୦ ଏପ୍ରିଲ ୨୦୨୬। ସେହିପରି ୨୦୨୬ ଏପ୍ରିଲ ୧ ସୁଦ୍ଧା ଆବେଦନକାରୀଙ୍କ ବୟସ ୨୧ ବର୍ଷରୁ ୬୦ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ। ଅନ୍ୟପଟେ ଯୋଗ୍ୟ ବିବେଚିତ ହିତାଧିକାରୀମାନେ ୨୦୨୬-୨୭ ଆର୍ଥିକ ବର୍ଷରୁ ଯୋଜନାର ଅବଧି ପର୍ଯ୍ୟନ୍ତ ବାର୍ଷିକ ଦୁଇଟି କିସ୍ତିରେ ମୋଟ ୧୦,୦୦୦ ଟଙ୍କାର ସହାୟତା ରାଶି ପାଇବେ। ସେହିପରି ଯେଉଁ ମହିଳାମାନେ ପୂର୍ବରୁ ସୁଭଦ୍ରା ଯୋଜନା ପାଇଁ ଆବେଦନ କରିନାହାଁନ୍ତି, କେବଳ ସେହିମାନେ ହିଁ ଏହି ସମୟସୀମା ମଧ୍ୟରେ ନୂତନ ଭାବେ ଆବେଦନ କରିପାରିବେ। ପୂର୍ବରୁ ଆବେଦନ କରିଥିବା ମହିଳାଙ୍କ ଆବେଦନ ଗ୍ରହଣୀୟ ହେବ ନାହିଁ। ନୂତନ ଆବେଦନଗୁଡିକ ସାଧାରଣ ସେବା କେନ୍ଦ୍ର (ସିଏସ୍‌ସି) ଏବଂ ଆମ ସେବା କେନ୍ଦ୍ର (ଏଏସ୍‌କେ) ମାଧ୍ୟମରେ ସୁଭଦ୍ରା ପୋର୍ଟାଲ ଜରିଆରେ ପଞ୍ଜୀକୃତ କରାଯିବ। ଆବେଦନ ପାଇଁ ଫର୍ମଗୁଡ଼ିକ ସମସ୍ତ ଅଙ୍ଗନୱାଡି କେନ୍ଦ୍ର (ଏଡବ୍ଲ୍ୟୁସି) ଏବଂ ସିଡିପିଓ କାର୍ଯ୍ୟାଳୟରେ ସମ୍ପୂର୍ଣ୍ଣ ନିଶୁଳ୍କ ଭାବେ ଉପଲବ୍ଧ ଅଛି। ସୁଭଦ୍ରା ଯୋଜନା ହେଉଛି ରାଜ୍ୟର ମହିଳାମାନଙ୍କ ପାଇଁ ଏକ ଐତିହାସିକ ପଦକ୍ଷେପ। ଏଥିରୁ ଯେପରି କୌଣସି ଯୋଗ୍ୟ ହିତାଧିକାରୀ ବାଦ୍ ନପଡ଼ନ୍ତି, ସେଥିପାଇଁ ସରକାର ସମସ୍ତ ଆବଶ୍ୟକୀୟ ବ୍ୟବସ୍ଥା କରିଛନ୍ତି।

**ଓଡ଼ିଶା ପାଇଁ ରେଲୱେର ବଡ଼ ଉପହାର**

# ୧୩ ଗୁଣ ବଢ଼ିଲା ରେଳ ବଜେଟ୍

**ଭୁବନେଶ୍ୱର :** ବିଗତ କିଛି ବର୍ଷ ମଧ୍ୟରେ ରେଳ ବଜେଟରେ ଓଡ଼ିଶାକୁ ଦିଆଯାଇଥିବା ବ୍ୟୟବରାଦ ଉଲ୍ଲେଖନୀୟଭାବେ ବୃଦ୍ଧି ପାଇଛି। ୨୦୦୯ରୁ ୨୦୧୪ ମଧ୍ୟରେ ଏହା ବାର୍ଷିକ ହାରାହାରି ୮୩୮ କୋଟି ଟଙ୍କା ଥିବାବେଳେ ୨୦୨୫-୨୬ ଆର୍ଥିକ ବର୍ଷରେ ଏହା ପ୍ରାୟ ୧୩ ଗୁଣ ବୃଦ୍ଧି ପାଇ ୧୦,୫୯୯ କୋଟି ଟଙ୍କାରେ ପହଞ୍ଚିଛି। ରାଜ୍ୟସଭାରେ ସାଂସଦ ଶୁଭାଶିଷ ଖୁଣ୍ଟିଆଙ୍କ କେତେକ ପ୍ରଶ୍ନର ଉତ୍ତର ଦେଇ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ସୂଚନା ଦେଇଛନ୍ତି। ଯାତ୍ରୀଭଡ଼ା ଓ ମାଲଭଡ଼ା ବାବଦରେ ରେଳବାଇ ଓଡ଼ିଶାରୁ ପାଉଥିବା ରାଜସ୍ୱ ସଂପର୍କିତ ଏକ ପ୍ରଶ୍ନର ଉତ୍ତର ରଖି ମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶା



ପୂର୍ବତଟ ରେଳବାଇ, ଦକ୍ଷିଣ-ପୂର୍ବ ରେଳବାଇ ଓ ଦକ୍ଷିଣ-ପୂର୍ବ କେନ୍ଦ୍ରୀୟ ରେଳବାଇ ଜୋନ ଅଧିନରେ ଆସୁଛି। ୨୦୨୪-୨୫ ଆର୍ଥିକ ବର୍ଷରେ ପୂର୍ବତଟ ରେଳବାଇର ରାଜସ୍ୱ ୨୩୭୯୬ କୋଟି ଟଙ୍କା ଥିବାବେଳେ ମୋଟ ଖର୍ଚ୍ଚ ୨୬,୨୫୪ କୋଟି ଟଙ୍କା ଥିଲା। ସେହିପରି ଦକ୍ଷିଣ-ପୂର୍ବ ରେଳବାଇର ରାଜସ୍ୱ ୧୯,୪୪୮ କୋଟି ଓ ବ୍ୟୟ ୨୬୦୭୬ କୋଟି ଥିଲା। ସେହିପରି ଦକ୍ଷିଣ-ପୂର୍ବ କେନ୍ଦ୍ରୀୟ ରେଳବାଇର ମୋଟ ଆୟ ୨୦,୯୩୧ କୋଟି ଓ ବ୍ୟୟ ୨୦,୯୪୧ କୋଟି ଟଙ୍କା ଥିଲା। ୨୦୦୯ରୁ ୨୦୧୪ ମଧ୍ୟରେ ଓଡ଼ିଶାରେ ହାରାହାରି ବାର୍ଷିକ ୫୪ କିଲୋମିଟର ହିସାବରେ ମୋଟ ୨୬୭ କିଲୋମିଟର ନୂଆ ରେଳଟ୍ରାକ୍ ବିଛାଯାଇଥିବାବେଳେ ୨୦୧୪-୨୫ ମଧ୍ୟରେ ହାରାହାରି ବାର୍ଷିକ ୧୯୫ କିଲୋମିଟର ସହ ମୋଟ ୨୧୫୦ କିଲୋମିଟର ରେଳଟ୍ରାକ୍ ବିଛାଯାଇଛି। ୧ ଏପ୍ରିଲ, ୨୦୨୫ ସୁଦ୍ଧା, ମୋଟ ୪୦୧୦ କିଲୋମିଟର ଲମ୍ବ ଏବଂ ୬୬,୪୯୬ କୋଟି ଟଙ୍କା ମୂଲ୍ୟର ୪୯ଟି ପ୍ରକଳ୍ପ (୧୯ଟି ନୂତନ ଲାଇନ ଏବଂ ୩୦ଟି ଦୋହରୀକରଣ କାର୍ଯ୍ୟ ସହିତ) ମଞ୍ଜୁର କରାଯାଇଛି। ଏଗୁଡ଼ିକ ସମ୍ପୂର୍ଣ୍ଣ କିମ୍ବା ଆଂଶିକ ଭାବରେ ଓଡ଼ିଶା ରାଜ୍ୟ ମଧ୍ୟରେ ଆସୁଅଛି। ଏଥିମଧ୍ୟରୁ ୧,୪୨୯ କିଲୋମିଟର କାର୍ଯ୍ୟକ୍ଷମ ହୋଇଛି ଏବଂ ମାର୍ଚ୍ଚ ୨୦୨୫ ସୁଦ୍ଧା ୨୮,୦୪୩ କୋଟି ଟଙ୍କା ଖର୍ଚ୍ଚ ହୋଇଛି।


PLOT FOR SALE

MOUZA:BHOLA



N.H. Bye Pass (Old Trunk Road), Near ASBM College, Chandaka, Bhubaneswar, Odisha

Contact : 8658607286

PLOT FOR SALE



MOUZA : JUJHAGADA

(Back side of Nandankanan Zoo)

BHUBANESWAR

Contact : 865807286 / 8917571455

MOUZA : BEGUNIA BOREHI

(NEAR CV RAMAN COLLEGE)

TAMANDO - YELLOW ZONE

BHUBANESWAR

30ft Approch Road

Contact : 8658607286 / 8917571455


**ଓଡ଼ିଶା ପୌର ନିୟମାବଳୀରେ ସଂଶୋଧନ**

## କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଆର୍ଥିକ କ୍ଷମତା ବୃଦ୍ଧି

**ଭୁବନେଶ୍ୱର :** ରାଜ୍ୟର ପୌରପାଳିକା ଗୁଡ଼ିକର କାର୍ଯ୍ୟଧାରାକୁ ଅଧିକ ସରଳ ଓ ତ୍ୱରାନ୍ୱିତ କରିବା ପାଇଁ ଓଡ଼ିଶା ସରକାର 'ଓଡ଼ିଶା ପୌର ନିୟମାବଳୀ, ୧୯୫୩'ରେ ଗୁରୁତ୍ୱପୂର୍ଣ୍ଣ ସଂଶୋଧନ କରିଛନ୍ତି। ନୂତନ 'ଓଡ଼ିଶା ପୌର (ସଂଶୋଧନ) ନିୟମାବଳୀ, ୨୦୨୫' ଅନୁଯାୟୀ, ପୌର ସଂସ୍ଥାର କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ଅଧ୍ୟକ୍ଷଙ୍କ ଆର୍ଥିକ ଅନୁମୋଦନ କ୍ଷମତାରେ ପରିବର୍ତ୍ତନ କରାଯାଇଛି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି (ସଂଖ୍ୟା-୯୨୪୭) ଅନୁଯାୟୀ କରାଯାଇଥିବା ପ୍ରମୁଖ ସଂଶୋଧନଗୁଡ଼ିକ କରାଗଲା। କାର୍ଯ୍ୟନିର୍ବାହୀ ଅଧିକାରୀ ଏବେ କାଉନସିଲ୍‌ର ବିନା ଅନୁମତିରେ ପୌର ପ୍ରଶାସନ ପାଇଁ ଆନୁଷଙ୍ଗିକ ଖର୍ଚ୍ଚ ବାବଦରେ ପ୍ରତିଥର ୧୦,୦୦୦ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରିପାରିବେ। ସେହିପରି ସ୍ଥାନୀୟ କ୍ରୟ କମିଟିର ସୁପାରିଶ କ୍ରମେ ସେ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କ୍ରୟ କରିପାରିବେ। ୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦରମା ବିଲ୍ ଏବଂ ଦେୟ ଆଦେଶ କେବଳ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଦ୍ୱାରା ସ୍ୱାକ୍ଷରିତ ହୋଇପାରିବ। ଯଦି ଏହି ମୂଲ୍ୟ ୨୫ ଲକ୍ଷ ଟଙ୍କାରୁ ଅଧିକ ହୁଏ, ତେବେ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ପୌର ଅଧ୍ୟକ୍ଷ ମିଳିତ ଭାବେ ଏହାକୁ ଅନୁମୋଦନ କରିବେ। ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କାର୍ଯ୍ୟର ପ୍ରଶାସନିକ ଅନୁମୋଦନ କାର୍ଯ୍ୟନିର୍ବାହୀ ଅଧିକାରୀ ଦେଇପାରିବେ। ୧୦ ଲକ୍ଷ ଟଙ୍କାରୁ ଅଧିକ ମୂଲ୍ୟର ପ୍ରକଳ୍ପ ପାଇଁ ଅଧ୍ୟକ୍ଷଙ୍କ ଅନୁମୋଦନ ଆବଶ୍ୟକ ହେବ। ଯଦି କୌଣସି ବିଲ୍ ଅଧ୍ୟକ୍ଷଙ୍କ ନିକଟରେ ଉପସ୍ଥାପନ ହେବାର ୭ ଦିନ ମଧ୍ୟରେ ସ୍ୱାକ୍ଷରିତ କିମ୍ବା କାରଣ ସହ ଫେରସ୍ତ ନ ହୁଏ, ତେବେ କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲାପାଳଙ୍କ ଦ୍ୱାରା ସେହି ବିଲ୍ ଅନୁମୋଦନ କରାଇପାରିବେ। ଏହି ସଂଶୋଧନ ଫଳରେ ପୌର ସଂସ୍ଥାଗୁଡ଼ିକର ଦୈନନ୍ଦିନ କାର୍ଯ୍ୟ ଏବଂ ବିକାଶମୂଳକ କାମରେ ଥିବା ପ୍ରଶାସନିକ ବାଧା ଦୂର ହେବ ବୋଲି ଆଶା କରାଯାଉଛି।


Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ

Editor : **Tarak Mohanty**
ସମ୍ପାଦକ : ତାରକ ମହାନ୍ତି